- Vol.- 46, Issue No.61
- Monday, 1 June 2026
- ସୋମବାର, ୧ ଜୁନ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ● ଆଇପିଏଲ ଫାଇନାଲ୍: ମହାଟକ୍କର

# ଆର୍‌ସିବି ଚାମ୍ପିଅନ

## ଗୁଜରାଟକୁ ୫ ୱିକେଟରେ ହରାଇଲା



- ● ଇତିହାସ ରଚିଲା ଆର୍‌ସିବି
- ● ଦ୍ୱିତୀୟ ଥର ହାତେଇଲା ଆଇପିଏଲ ଟାଇଟଲ
- ● ବିରାଟ କୋହଲି ସର୍ବାଧିକ ୭୫ ରନ୍ କରି ଅପରାଜିତ

ଅହମଦାବାଦ, ୩୧/୫: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ଯାତ୍ରା ରବିବାର ଶେଷ ହୋଇଛି। ଗତ ମାର୍ଚ୍ଚ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ଯବନିକା ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ପଡ଼ିଛି, ଯେଉଁଠି ଗୁଜରାଟ ଟାଇଟନ୍ସକୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରାସ୍ତ କରି ଚାମ୍ପିଅନ ହୋଇଛି। ୧,୩୨,୦୦୦ରୁ ଅଧିକ ଦର୍ଶକ, କ୍ରୀଡ଼ାପ୍ରେମୀ, ପ୍ରଶଂସକ, କଳାକାରଙ୍କ ଉପସ୍ଥିତିରେ ବେଙ୍ଗାଲୁରୁ ଆଜି ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ପ୍ରଶଂସନୀୟ ପ୍ରଦର୍ଶନ କରି ଫାଇନାଲ ମ୍ୟାଚ୍ ଜିତିବା ସହିତ ଚାମ୍ପିଅନ ହାସଲ କରିଛି। ଏଥି ସହିତ ବେଙ୍ଗାଲୁରୁ କ୍ରମାଗତ ଦ୍ୱିତୀୟ ଥର ଆଇପିଏଲ୍ ଟ୍ରଫି ହାତେଇବାର ସୌଭାଗ୍ୟ ଅର୍ଜନ କରିଛି। ବେଙ୍ଗାଲୁରୁ ଟିମ୍ ୨୦୨୫ରେ ମଧ୍ୟ ଚାମ୍ପିଅନ ହୋଇଥିଲା। ବେଙ୍ଗାଲୁରୁ ଟିମ୍ ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୮ଓଭରରେ ୫ ୱିକେଟ୍ ହରାଇ ୧୬୧ ରନ୍ କରିଛି। ବେଙ୍ଗାଲୁରୁ ପାଇଁ ବିରାଟ କୋହଲି ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୨ଟି ବଲ୍ ଖେଳି ଅପରାଜିତ ୭୫ ରନ୍ କରିଥିଲେ, ଯେଉଁଥିରେ ୯ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା। ଜିତେଶ ଶର୍ମା ଅପରାଜିତ ୧୧ ରନ୍ କରିଥିଲେ। ପ୍ରାରମ୍ଭିକ ବ୍ୟାଟର ଭେଙ୍କଟେଶ ଆୟରଙ୍କ ସହିତ ବିରାଟ କୋହଲି ପ୍ରଥମ ୱିକେଟ୍ ପାଇଁ ୬୨ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ଆୟରଙ୍କ ବ୍ୟକ୍ତିଗତ ସ୍କୋର ୩୨ ରନ୍ ଥିଲା। ସେ ୪ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଅଧିନାୟକ ରଜତ ପାଟିଦାର ୧୩ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ଦେବଦୂତ ପାଡ୍ଡିକଲ ଏବଂ କୃଣାଳ ପାଣ୍ଡ୍ୟା ୧-୧ ରନ୍ କରି ଆଉଟ୍ ହୋଇଥିଲେ। ଦଳର ଅନ୍ୟ ଖେଳାଳି ଟିମ୍ ଡେଭିଡ (୨୦ ରନ୍) ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିଣି ବେଙ୍ଗାଲୁରୁ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଗୁଜରାଟ ବ୍ୟାଟିଂ କରିଥିଲା। ଘରୋଇ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଗୁଜରାଟର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ସ୍କୋର ୨୨ ରନ୍‌ରେ ଦଳ ଶୁଭମନ ଗିଲ ଏବଂ ୨୬ ରନ୍‌ରେ ସାଇ ସୁଦର୍ଶନଙ୍କୁ ହରାଇଥିଲା। ଗିଲ ବ୍ୟକ୍ତିଗତ ଭାବେ ୧୦ ରନ୍ ଏବଂ ସୁଦର୍ଶନ ୧୨ ରନ୍ କରିଥିଲେ। ନିଶାନ୍ତ ସିନ୍ଧୁଙ୍କ ବ୍ୟାଟରୁ ୨୦ ରନ୍ ଏବଂ ଜୋସ ବଟଲରଙ୍କ ବ୍ୟାଟରୁ ୧୯ ରନ୍ ଅମଳ ହୋଇଥିଲା। ଅର୍ଶଦ ଖାନ ୧୫ ରନ୍ କରିଥିଲେ। ରାହୁଲ ତେୱାଟିଆ, ଜେସନ ହୋଲ୍ଡର ଏବଂ ରସିଦ ଖାନ ପ୍ରତ୍ୟେକ ୭ ରନ୍ ଲେଖାଏଁ ସଂଗ୍ରହ କରିଥିଲେ।

## ଶୁଣୁନି ଇସ୍କନ!

### ଆମେରିକାରେ ଅଦିନିଆ ରଥଯାତ୍ରା ଭକ୍ତମହଲରେ ତୀବ୍ର ପ୍ରତିକ୍ରିୟା



ଭୁବନେଶ୍ୱର,୩୧।୫: ଆଗାମୀ ଜୁଲାଇରେ ପୁରୀରେ ହେବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା। ସାରା ବିଶ୍ୱରେ ହଜାର ହଜାର ଭକ୍ତ ଏଥିଲାଗି ଅପେକ୍ଷାରେ ଥିବା ବେଳେ। ଅଣଶାସ୍ତ୍ରୀୟ ଭାବରେ ମେ ୩୦ ତାରିଖରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ନେଇ ଏକ ରଥ ଆମେରିକାର ବାଲ୍ଟିମୋରର ଇନର୍ ହାରବୋର୍ ଦେଇ ଶୋଭାଯାତ୍ରା କରିଥିଲା। ଇସ୍କନ୍ ବାଲ୍ଟିମୋର ଦ୍ୱାରା ମ୍ୟାକକେଲଡିନ୍ ସ୍କୋୟାରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ହିନ୍ଦୁ ସମ୍ପ୍ରଦାୟ ଏବଂ ବିଶ୍ୱ ଜଗନ୍ନାଥ ଭକ୍ତମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ମାତ୍ର ପାଞ୍ଚ ଦିନ ପୂର୍ବରୁ, ମେ ୨୫ ତାରିଖରେ, ମେରିଲ୍ୟାଣ୍ଡର ଜଗନ୍ନାଥ ସଂଗଠନ ଫର ଗ୍ଲୋବାଲ୍ ଆୱାରନେସର ଅଧ୍ୟକ୍ଷ ନରେଶ ସି. ଦାସ ଇସ୍କନ୍ ବାଲ୍ଟିମୋରର ସଭାପତିଙ୍କୁ ଏକ କଡ଼ା ଶବ୍ଦରେ 'ବିରୋଧ ସ୍ମାରକପତ୍ର' ପଠାଇଥିଲେ।

### ୧୫ ଦିନରେ ଭତ୍ତା ସମସ୍ୟା ସମାଧାନ ହେବ : ମନମୋହନ



ଭୁବନେଶ୍ୱର, ୩୧।୫(ନିପ୍ର): ରାଜ୍ୟରେ ୧୫ଦିନ ଭିତରେ ଭତ୍ତା ସମସ୍ୟାର ସମାଧାନ ହେବ। ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନ ସାମଲ। ସେ କହିଛନ୍ତି ଯେ, ନୂଆ ସଫ୍ଟୱେୟାର ପାଇଁ ଦୁଇ ମାସ ଧରି ଭତ୍ତା ଦେବାରେ ବ୍ୟତିକ୍ରମ ହୋଇଛି। ଯେଉଁମାନେ କ୍ୟାସ୍ ଆକାରରେ ଭତ୍ତା ପାଉଥିଲେ ସେମାନଙ୍କର ସମସ୍ୟା ହୋଇନାହିଁ। ଯେଉଁମାନଙ୍କ ଅନଲାଇନରେ ଭତ୍ତା ଯାଉଛି, ସେମାନଙ୍କର ସମସ୍ୟା ହୋଇଛି। କେନ୍ଦ୍ର ସରକାର ପକ୍ଷରୁ ନୂଆ କରି ସଫ୍ଟୱେୟାର ଡେଭଲପ୍ କାମ ଚାଲିଛି। କେନ୍ଦ୍ର ଓ ରାଜ୍ୟ ଯୁଗ୍ମ ଭାବେ ଭତ୍ତା ଦେବା ପାଇଁ ବ୍ୟବସ୍ଥା କରୁଛନ୍ତି। ନୂଆ ସଫ୍ଟୱେୟାର ପାଇଁ ଦୁଇ ମାସଧରି ଭତ୍ତା ଦେବାରେ ବ୍ୟତିକ୍ରମ ହୋଇଛି। ଯେଉଁମାନେ ପାଇନାହାନ୍ତି ଏକକାଳୀନ ପାଇବେ ବୋଲି ମନମୋହନ ସାମଲ କହିଛନ୍ତି।

## ୧୩୪ ତମ 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ

# ଓଡ଼ିଶା ବେଲପଣାକୁ କଲେ ପ୍ରଶଂସା

## ● ଖରାରେ ଯଦି ଯିବାର ଥାଏ ଦେଖିଚାହିଁ ବାହାରନ୍ତୁ



ନୂଆଦିଲ୍ଲୀ, ୩୧।୫: ମନ୍ କି ବାତ୍‌ର ୧୩୪ ତମ ଅଧ୍ୟାୟରେ ଓଡ଼ିଶାର ବେଲପଣାକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହାସହିତ ଗ୍ରୀଷ୍ମ ପ୍ରବାହକୁ ନେଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଦେଶର ବିଭିନ୍ନ ସ୍ଥାନର ପାନୀୟକୁ ନେଇ ଆଲୋଚନା ମଧ୍ୟ କରିଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସମ୍ପ୍ରତି ଦେଶର ଅଧିକାଂଶ ଭାଗରେ ବହୁତ ଗ୍ରୀଷ୍ମପ୍ରବାହ ହେଉଛି। ପ୍ରଚଣ୍ଡ ଖରା, ଗରମ ପବନ ଏପରି ପାଣିପାଗରେ ନିଜର ଧ୍ୟାନ ରଖିବା ଖୁବ୍ ଜରୁରୀ। ପାଣି ପିଅନ୍ତୁ। ଖରାରେ ଯଦି ଯିବାର ହୁଏ ତେବେ ଦେଖିଚାହିଁ ବାହାରନ୍ତୁ। ଖରାକୁ ଆଖି ଆଗରେ ରଖି ସରକାରଙ୍କର ଭିନ୍ନ ଭିନ୍ନ ବିଭାଗର ଯେଉଁ ମାର୍ଗଦର୍ଶିକା ଜାରି କରିଛନ୍ତି ତାକୁ ଆଦୌ ଭୁଲନ୍ତୁ ନାହିଁ। ଆମର ଏଠି ଗରମ ସହ ଲଢ଼ିବାର ଉପାୟ ଅନେକ ଥର ରୋଷେଇରେ ବି ମିଳିଥାଏ। ଦେଖିଥିବେ ଯେମିତି ଗରମ ବଢ଼ି ବଢ଼ି ଚାଲେ, ସେମିତି ଘରର ରୋଷେଇର ସ୍ୱାଦ ମଧ୍ୟ ବଦଳିଯାଏ। ରୋଷେଇର ପ୍ରକାର ମଧ୍ୟ ବଦଳିଯାଏ। କେଉଁଠି ମାଠିଆରୁ ପାଣି ଆସେ, କେଉଁଠି ଦହି ବସାହୁଏ, ଆଉ କେଉଁଠି କଞ୍ଚା ଆମ୍ବକୁ ଶିଝାଯାଏ - ଆଉ ତା'ପରେ ଆରମ୍ଭ ହୁଏ ଦେଶୀ ପାନୀୟର ସମୟ। ଦେଶୀ ପାନୀୟ ସହ ଆପଣମାନେ ବି ପରିଚିତ। ଯଦି ଆପଣ ଉତ୍ତର-ଭାରତ ଯିବେ ତେବେ ଆପଣଙ୍କୁ ଅନେକ ସ୍ଥାନରେ ଆମ୍ବପଣା, କଞ୍ଚା ଆମ୍ବର ସ୍ୱାଦ ମିଳିବ ଏବଂ ଏହାଛଡ଼ା ଗରମରୁ ନିସ୍ତାର ମଧ୍ୟ ମିଳିବ। ପଞ୍ଜାବ-ହରିୟାଣା ଗଲେ ଲସି ପାଇବେ। ବଡ଼ ବଡ଼ ଗିଲାସବାଲା ଲସି। ରାଜସ୍ଥାନ ଓ ଗୁଜରାଟରେ ଘୋଳଦହି ସତେଯେମିତି ସବୁ ଭୋଜନର ସାଥୀ ହୋଇଯାଏ। ବିହାର, ଝାଡ଼ଖଣ୍ଡ ଓ ପୂର୍ବ ଉତ୍ତରପ୍ରଦେଶରେ ସତ୍ତୁ ସରବତ – ତା' କଥା ତ ନିଆରା – ପେଟ ପୂରିବ, ବଳ ବି ଦେବ। କୋଙ୍କଣ ଓ ଗୋଆରେ କୋକମ ସରବତ, ସୋଲ କଢ଼ି। ଦକ୍ଷିଣ ଭାରତରେ ପାନକମ, ନୀର ମୋର, ସାମ୍ବରମ୍ ଓ ଓଡ଼ିଶାରେ ବେଲପଣା। ଏସବୁ କେବଳ ପାନୀୟ ନୁହେଁ, ଏହା ହେଉଛି ଭାରତର ଭିନ୍ନ ଭିନ୍ନ ଅଞ୍ଚଳର ପରମ୍ପରାର ଅଂଶବିଶେଷ ମଧ୍ୟ। ଆଉ ଏହାରି ଭିତରେ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଝଲକ ଦେଖିବାକୁ ମିଳେ। ଆଉ ଗୋଟିଏ କଥା ନିଶ୍ଚୟ ମନେରଖିବେ, ଏଥିରୁ ଅଧିକାଂଶ ଜିନିଷ ଆମ ରୋଷେଇଘରୁ ସୃଷ୍ଟି ହୋଇଛି, ଆମ ବିଲବାଡ଼ିରୁ ବାହାରିଛି। ଏହା କୌଣସି ବଡ଼ ବ୍ରାଣ୍ଡିଂ ନୁହେଁ। କିନ୍ତୁ ପିଢି ପିଢିର ଅନୁଭବ ଏହା ଭିତରେ ସମାହିତ ହୋଇରହିଛି।

## ସିଡିଏସ୍ ଦାୟିତ୍ୱ ନେଲେ ଜେନେରାଲ୍ ରାଜା ସୁବ୍ରମଣି



ନୂଆଦିଲ୍ଲୀ,୩୧।୫ : ଦେଶର ନୂଆ ସିଡିଏସ ଭାବେ ଦାୟିତ୍ୱ ନେଇଛନ୍ତି ଜେନେରାଲ୍ ଏନ୍.ଏସ୍. ରାଜା ସୁବ୍ରମଣି। ଭାରତର ତୃତୀୟ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଭାବେ ଦାୟିତ୍ୱ ନେଇଛନ୍ତି। ଗତକାଲି ଜେନେରାଲ୍ ଅନୀଲ୍ ଚୌହାନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଜେନେରାଲ୍ ରାଜା ସୁବ୍ରମଣି ଦାୟିତ୍ୱ ନେଇଛନ୍ତି। ଗତ ୯ ତାରିଖରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ନିଯୁକ୍ତି ଘୋଷଣା କରାଯାଇଥିଲା। ନୂଆ ସିଡ଼ିଏସଙ୍କ ମୁଖ୍ୟ ଲକ୍ଷ୍ୟ 'ଜୟ' ଭିଜନ୍। ସେନାକୁ ଆତ୍ମନିର୍ଭରଶୀଳ ଓ ଆଧୁନିକ କରିବା ଉପରେ ରହିବ ମୁଖ୍ୟ ଫୋକସ୍। ଦାୟିତ୍ୱ ଗ୍ରହଣ କରିବା ପରେ ନୂଆ ସିଡିଏସ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଜୟ' ଭିଜନ୍ - ଜଏଣ୍ଟନେସ୍ ବା ସମନ୍ୱୟ, ଆତ୍ମନିର୍ଭରଶୀଳତା ସବୁଠୁ ଅଧିକ ଜୋର୍ ଦେଇଛନ୍ତି। ଜେନେରାଲ୍ ଏନ୍.ଏସ୍. ରାଜା ସୁବ୍ରମଣି ତାମିଲନାଡୁର ମୂଳ ବାସିନ୍ଦା। ନୂଆ ଦାୟିତ୍ୱ ନେବା ପୂର୍ବରୁ ସୁବ୍ରମଣି ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ପରାମର୍ଶଦାତା, ସେନାର ଉପମୁଖ୍ୟ ଏବଂ ସେଣ୍ଟ୍ରାଲ କମାଣ୍ଡର ମୁଖ୍ୟ ଭାବେ କାର୍ଯ୍ୟ କରିସାରିଛନ୍ତି।

## ଆଜି ୩୫ ନୂଆ ମନ୍ତ୍ରୀ ଶପଥ ନେବେ

କୋଲକତା,୩୧।୫: ସୋମବାର ପଶ୍ଚିମବଙ୍ଗରେ ଭାରତୀୟ ଜନତା ପାର୍ଟି (ବିଜେପି) ସରକାରର ପୂର୍ଣ୍ଣ କ୍ୟାବିନେଟ ଗଠନ ହେବାକୁ ଯାଉଛି। ରବିବାର ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି ଯେ କ୍ୟାବିନେଟ ସମ୍ପ୍ରସାରଣର ଅଂଶ ଭାବରେ ୩୫ ଜଣ ନୂତନ ମନ୍ତ୍ରୀ ଶପଥ ଗ୍ରହଣ କରିବେ।ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଜାରି ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପଶ୍ଚିମବଙ୍ଗର ଲୋକଙ୍କ ଜନାଦେଶରେ ଗଠିତ ସରକାରଙ୍କ ପୂର୍ଣ୍ଣ କ୍ୟାବିନେଟ ସୋମବାର ଗଠନ ହେବ। ସେ କହିଛନ୍ତି ଯେ ସକାଳ ୧୧ଟାରେ ଲୋକ ଭବନରେ ହେବାକୁ ଥିବା ଏକ ସମାରୋହରେ ୩୫ ଜଣ ମନ୍ତ୍ରୀ ପଦବୀ ଏବଂ ଗୋପନୀୟତାର ଶପଥ ଗ୍ରହଣ କରିବେ। ରାଜ୍ୟପାଳ ଆର. ଏନ୍. ରବି ତାଙ୍କୁ ଶପଥ ପାଠ କରାଇବେ।ଉଲ୍ଲେଖନୀୟ ଯେ ମେ ୪ ରେ କ୍ଷମତା ପରିବର୍ତ୍ତନ ପରେ ପ୍ରଥମ ଥର ପାଇଁ ରାଜ୍ୟରେ ବିଜେପି ସରକାର ଗଠନ କରାଯାଇଥିଲା।

### 'ଲକ୍ଷ୍ମୀ'ରେ ଅର୍ଥ ହେରଫେର ମାମଲା ନେଇ ଏଜି ରିପୋର୍ଟ

## ତର୍ଜମା ପରେ ନିଆଯିବ ପଦକ୍ଷେପ



ଭୁବନେଶ୍ୱର ୩୧।୫(ନିପ୍ର): ଲକ୍ଷ୍ମୀ ବସ୍‌ରେ ଅର୍ଥ ହେରଫେର ନେଇ ଏଜିଙ୍କ ରିପୋର୍ଟ ଉପରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଏଜିଙ୍କ ରିପୋର୍ଟ ତର୍ଜମା କରି ପଦକ୍ଷେପ ନେବୁ। ଗତ ସରକାରରେ ଲକ୍ଷ୍ମୀ ବସ୍‌ରେ କ୍ଷତି ହେବା କଥାସାମ୍ନାକୁ ଆସିଥିଲା। ଏବେ ୧୪୨୨ ବସ୍‌କୁ ମୁଖ୍ୟମନ୍ତ୍ରୀ ସେବା ନାମରେ ରି ରୁଟିଂ କରି ଚଳାଯାଉଛି। ଆମ ସରକାର ଅର୍ଥକୁ ସଠିକ ଢଙ୍ଗରେ ବ୍ୟବହାର କରିଛନ୍ତି। ଆମ ସରକାରରେ ଅର୍ଥ ହେରଫେର ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି।

## '୨ ବର୍ଷର ତଥ୍ୟ ମାଗିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି'



ଭୁବନେଶ୍ୱର, ୩୧।୫(ନିପ୍ର): ରାଜ୍ୟର ବିଜେପି ସରକାର କ'ଣ କରିଛନ୍ତି ତାର ତଥ୍ୟ ମାଗିଛନ୍ତି ପ୍ରଧାନମନ୍ତ୍ରୀ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ରବିବାର ଏହା କହିଛନ୍ତି। ସେ କହିଛନ୍ତି ଯେ, 'ଦୁଇ ବର୍ଷ ପୂର୍ତ୍ତିକୁ ଆସିବାକୁମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଆସିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ତାରିଖ ଧାର୍ଯ୍ୟ ହେଲେ ଗସ୍ତ ବିବରଣୀ ଜଣାପଡ଼ିବ। ପଞ୍ଚାୟତଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଚିଠା ପ୍ରସ୍ତୁତି ଶେଷପର୍ଯ୍ୟାୟରେ, ଖୁବଶୀଘ୍ର କାର୍ଯ୍ୟକ୍ରମ ଘୋଷଣା କରାଯିବ। ଏକ ସୂତ୍ରରୁ ପ୍ରକାଶ ଯେ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦିଷ୍ଟ ଫର୍ମାଟ ଜାରି କରିଛି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ। ଯାହା ସମସ୍ତ ମନ୍ତ୍ରୀ ମାନଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଫର୍ମାଟ ଆଧାରରେ ରିପୋର୍ଟ ପ୍ରଦାନ କରିଛନ୍ତି ମନ୍ତ୍ରୀ ମଣ୍ଡଳର ସଦସ୍ୟ। ପ୍ରାୟ ୧୬ଟି ପ୍ରସଙ୍ଗର ଉତ୍ତର ରଖିବେ। ବିଭାଗର ଲକ୍ଷ୍ୟ ବା ଟାର୍ଗେଟ କଣ ଥିଲା, ବର୍ତ୍ତମାନ ସୁଦ୍ଧା କଣ ପୂରଣ ହୋଇଛି ଉତ୍ତର ରଖିବେ। ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଯୋଜନାର ସ୍ଥିତି, ଦୁଇଟି ଆର୍ଥିକ ବର୍ଷରେ କେତେ ଅର୍ଥ ମଞ୍ଜୁର ହୋଇଥିଲା ଓ ଖର୍ଚ୍ଚ ହୋଇଛି, ବିଭାଗର ସଫଳତା କଣ ସବୁ ରହିଛି, ଏହାର ତଥ୍ୟ ରଖିବେ ବିଭାଗ। ବିଧାନସଭାରେ ମନ୍ତ୍ରୀଙ୍କ ପ୍ରଦର୍ଶନ, ପଚରା ଯାଇଥିବା ପ୍ରଶ୍ନର ଉତ୍ତର, ବିରୋଧୀଙ୍କ ପ୍ରଶ୍ନର ମୁକାବିଲା କରିବାରେ କେତେ ସଫଳ ହୋଇଛନ୍ତି ମନ୍ତ୍ରୀ, ମନ୍ତ୍ରୀଙ୍କ ବିବୃତି ରିପୋର୍ଟରେ ଉଲ୍ଲେଖ ରହିବ।ଆସନ୍ତା ୨ ତାରିଖରୁ ବିଭାଗର ଦୁଇ ବର୍ଷର ରିପୋର୍ଟ କାର୍ଡର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜୁନ ୧୨ରେ ମୋହନ ସରକାର ୨ ବର୍ଷ ପୂରଣ କରିବାକୁ ଯାଉଛନ୍ତି।

# ପେଣ୍ଟାଜୋସିନ୍ ମାୟାରେ ନିଶାଡ଼ି!

- ● ଅବୈଧ କାରବାର, ୫ ଗିରଫ
- ● ୭୫୦ଇଞ୍ଜେକ୍ସନ,୧୫ ହଜାର ଟଙ୍କା ଓ ୫ ମୋବାଇଲ ଜବତ



ଜୟପୁର, ୩୧।୫(ନିପ୍ର)- ନିଶା ଇଞ୍ଜେକ୍ସନ କାରବାର ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି କୋରାପୁଟ ଜିଲା ଜୟପୁର ଟାଉନ ପୋଲିସ। ଏନେଇ ରବିବାର ଜୟପୁର ଟାଉନ ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିଓଲ ଉପସ୍ଥିତ ରହି ସୂଚନା ଦେଇଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ସୌରା ସାହିର ଦେବାଶିଷ ପଟ୍ଟନାୟକ (୨୯), ପାରାବେଡାର ତାପସ ସାହ(୨୯), ଡଙ୍ଗାଗୁଡାର ରାମ ହରିଜନ (୩୪), ଖ୍ରୀଷ୍ଟିଆନପେଟାର ପ୍ରଦୀପ୍ତ ଖରା ଏଲିୟସ ରୋନି (୨୫) ଓ ପୁରୁଣାଗଡର ସୁରଜ କୁମାର ଗୁପ୍ତା ଏଲିୟସ ସୋନୁ (୨୯)। ଜୟପୁର ଏସଡିପିଓ ଅର୍ଚ୍ଚିତା ମିଓଲ ଯୋଗଦେଇ ପେଣ୍ଟାଜୋସିନ୍ ଇଞ୍ଜେକସନ କାରବାରର ପର୍ଦ୍ଦାଫାସ କରିଥିବା ସୂଚନା ଦେଇଥିଲେ। ଜୟପୁର କେନାଲ ରୋଡ ନିକଟରେ ପେଣ୍ଟାଜୋସିନ ଇଞ୍ଜେକ୍ସନ କାରବାର ଚାଲୁଥିବା ପୋଲିସ ସୂଚନା ପାଇ ଚଡଉ କରିଥିଲା। ଚଡଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ଅଭିଯୁକ୍ତଙ୍କ ଠାରୁ ୧୫ ପ୍ୟାକେଟରୁ ୭୫୦ ଆମ୍ପୌଲ ଜବତ କରିଛି। ଏଥିସହ ୧୫ ହଜାର ଟଙ୍କା ଓ ୫ଟି ମୋବାଇଲ ଜବତ କରିଛି। ଅଭିଯୁକ୍ତଙ୍କ ନିକଟରେ କୌଣସି ବୈଧ ଲାଇସେନ୍ସ କିମ୍ବା ଅନୁମତି ବିନା ବେଆଇନ ଭାବରେ ପେଣ୍ଟାଜୋସିନ ଇଞ୍ଜେକସନ ଚାଲାଣ ସହ କାରବାର କରୁଥିବା ଜାଣିବାକୁ ପାଇଥିଲା ପୋଲିସ। ଏହି ପେଣ୍ଟାଜୋସିନ ଇଞ୍ଜେକସନଟି ଅପରେସନ ସମୟରେ ବ୍ୟବହାର କରାଯାଏ। ବର୍ତ୍ତମାନ ଯୁବ ପିଢି ଅଧିକ ନିଶା ପାଇଁ ପେଣ୍ଟାଜୋସିନ ଇଞ୍ଜେକସନ ବ୍ୟବହାର କରୁଛନ୍ତି। ପେଣ୍ଟାଜୋସିନ ଇଞ୍ଜେକସନ ଦର ଠାରୁ ଅଧିକା ଦରରେ ବିକ୍ରୟ କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ପେଣ୍ଟାଜୋସିନ ଇଞ୍ଜେକସନ ଦ୍ୱାରା ଅବୈଧ ଚାଲାଣ ଏବଂ ମାନସିକ ଔଷଧର ଅପବ୍ୟବହାର ସାଧାରଣ ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତର ବିପଦ ସୃଷ୍ଟି କରୁଛି। ବିଶେଷ କରି ଯୁବ ପିଢି ଯାହା ନିଶା ସ୍ୱାସ୍ଥ୍ୟ କ୍ଷତି କାରଣ, ସମାଜିକ ବିକାର ଏବଂ ଅପରାଧ କାର୍ଯ୍ୟକଳାପ ସୃଷ୍ଟି କରେ। ସମାଜକୁ ବିପଦରେ ପକାଏ। ଏନେଇ ପୋଲିସ ୧୮୭/୨୬ ରେ ଏକ ମାମଲା ରୁଜୁ କରି ଏନଡିପିଏସ ଆଇନ ଅନୁଯାୟୀ ଗିରଫ କରି କୋର୍ଟ ଚାଲାଣ କରିଛି।

## ଈଶ୍ୱରୀୟ ଗୁଣର ସାମୀପ୍ୟ

# ।।।।।। ଆସ୍ଥାର ପ୍ରଭାବ ।।।।।।



ଆସ୍ଥାରେ ଅସୀମ ଉର୍ଜା (ଶକ୍ତି)ଉତ୍ପନ୍ନ ହୋଇଥାଏ । ଏହି ଉର୍ଜା ଆମକୁ ଶକ୍ତି ପ୍ରଦାନ କରିଥାଏ । କାହାର ପ୍ରତି ଅଗାଢ ବିଶ୍ୱାସ ନିଷ୍ଠା ହିଁ ଆସ୍ଥା । ପ୍ରାୟତଃ ଆମେ ଆସ୍ଥାକୁ ଧର୍ମ-କର୍ମରେ ଯୋଡି ଦେଇଥାଉ । ଏହାର ସମ୍ବନ୍ଧ କେବଳ ଧର୍ମ-କର୍ମ, ଅଧ୍ୟାତ୍ମ କିମ୍ବା ଈଶ୍ୱରଙ୍କ ସମ୍ବନ୍ଧ ପର୍ଯ୍ୟନ୍ତ ସୀମିତ କରିବା ଉଚିତ ହେବ ନାହିଁ । ଆସ୍ଥା ବହୁଗାମୀ ଅଟେ । ଈଶ୍ୱରଙ୍କ ଉପରେ ଆସ୍ଥା ଆମ ପାଇଁ ଭକ୍ତିର ମାର୍ଗ ପ୍ରଶସ୍ତ କରିଥାଏ । ଏହି ମାର୍ଗ ଆମର ସତ୍ୟ, ଅହିଂସା ଏବଂ ପରମାର୍ଥରେ ସାକ୍ଷାତକାର କରିଥାଏ । ଈଶ୍ୱରଙ୍କ ଉପରେ ଆସ୍ଥା ହିଁ ଆମକୁ ସଙ୍କଟରୁ ଲଢିବା ପାଇଁ ସାମର୍ଥ୍ୟ ପ୍ରଦାନ କରିଥାଏ । ସେହିଭଳି ଯେତେବେଳେ ପ୍ରକୃତି ଉପରେ ଗଭୀର ଆସ୍ଥା ହୋଇଥାଏ ଆଉ ଆମର ହୃଦୟରେ ଉଦାରତା ଝରିବାକୁ ଲାଗିଥାଏ । ଆମେ ନିଜଠୁ ଅଧିକ ଅନ୍ୟମାନଙ୍କ ବିଷୟରେ ଭାବିବାକୁ ଲାଗିଥାଉ । କାହିଁକି ଏହି ପ୍ରବୃତ୍ତି ବାସ୍ତବରେ ପ୍ରକୃତିର ହୋଇଥାଏ । ପ୍ରକୃତି ଆମକୁ ସବୁ କିଛି ନିଃସ୍ୱାର୍ଥ ଭାବରୁ ହିଁ ଦେଇଥାଏ । ନଦୀର ଜଳ,ଗଛର ଫଳ,ପୁଷ୍ପ ଆଦି ସବୁ ପରମାର୍ଥଙ୍କ ପାଇଁ ତ ହୋଇଥାଏ । ପ୍ରକୃତି ଉପରେ ଆସ୍ଥା ହିଁ ଆମକୁ ଏସବୁ ଈଶ୍ୱରୀୟ ଗୁଣର ସାମୀପ୍ୟ ପ୍ରଦାନ କରିଥାଏ । ଯେତେବେଳେ ଆମର ଆସ୍ଥା ନିଜର ଗୁରୁ ଉପରେ ହୋଇଥାଏ ସେତେବେଳେ ଆମେ ନିଜର କ୍ଷେତ୍ରରେ ଶ୍ରେଷ୍ଠସ୍ଥାନ ହୋଇଥାଏ । ତଥାପି ଏହା ମାନ୍ୟ ରଖେ କି ଗୁରୁ ପ୍ରତ୍ୟକ୍ଷ ରୂପରେ ଆମରେ ସାମନାରେ ଅଛନ୍ତି ଅଥବା ନାହାନ୍ତି । ବାସ୍,କେବଳ ତାଙ୍କ ପ୍ରତି ସମର୍ପଣ ହିଁ ଆମକୁ ଉର୍ଜା ପ୍ରଦାନ କରିଥାଏ । ଆମର ଜ୍ଞାନର ଚକ୍ଷୁ ଖୋଲିଥାଏ । ଆମେ ଅଭିନବ ସାମର୍ଥ୍ୟରେ ଆନ୍ଦୋଳିତ ହୋଇଯାଇ ଥାଉ । ଏହି ଆସ୍ଥା ଯେତେବେଳେ ମାତା-ପିତା ଉପରେ ହୋଇଥାଏ ତ ଆମେ ଶ୍ରବଣ କୁମାର ପାଲଟି ଯାଇଥାନ୍ତି । ମାତା-ପିତାଙ୍କର ପ୍ରତ୍ୟେକ ଇଚ୍ଛାର ପୂର୍ତ୍ତିର ପାଇଁ କରିବାକୁ ଲାଗିଥାଉ । ଏହାର ଆଶୀର୍ବାଦ କୃପାର ରୂପରେ ବର୍ଷିବାକୁ ଲାଗିଥାଏ । ଏହି ପ୍ରକାର ଆସ୍ଥାର ଶକ୍ତିର ବଳରେ ଆମେ ଜୀବନକୁ ପରିଷ୍କୃତ କରିପାରିବା । ଜୀବନକୁ ନୂଆ ବିସ୍ତାର ଦେଇ ପାରିବା । ଆମର ଆସ୍ଥା ଆମର ଉନ୍ନତିର କାରଣ ହୋଇପାରେ । ତେଣୁ ଆମକୁ ଆସ୍ଥାର ସଠିକ୍ କେନ୍ଦ୍ରକୁ ଖୋଜିବା ଦରକାର ।

> **ପ୍ରକୃତି ଆମକୁ ସବୁ କିଛି ନିଃସ୍ୱାର୍ଥ ଭାବରୁ ହିଁ ଦେଇଥାଏ । ନଦୀର ଜଳ,ଗଛର ଫଳ,ପୁଷ୍ପ ଆଦି ସବୁ ପରମାର୍ଥଙ୍କ ପାଇଁ ତ ହୋଇଥାଏ । ପ୍ରକୃତି ଉପରେ ଆସ୍ଥା ହିଁ ଆମକୁ ଏସବୁ ଈଶ୍ୱରୀୟ ଗୁଣର ସାମୀପ୍ୟ ପ୍ରଦାନ କରିଥାଏ ।**

# ସୀତାଙ୍କୁ ଭେଟ



*ସମସ୍ତେ ଶୋଇପଡ଼ିବା ପରେ, ହନୁମାନ ମାତା ସୀତାଙ୍କୁ ଭେଟିଲେ ଓ କିପରି ତାଙ୍କୁ ଖୋଜି ପାଇଲେ ସେ ବିଷୟରେ ଆଲୋଚନା କଲେ। ସୀତା ପ୍ରକାଶ କଲେ ଯେ, ରାବଣ ତାଙ୍କୁ ଅପହରଣ କରି ଶୀଘ୍ର ବିବାହ କରିବାକୁ ବାଧ କରୁଛି। ହନୁମାନ ତାଙ୍କୁ ଉଦ୍ଧାର କରିବାକୁ ପ୍ରସ୍ତାବ ଦେଲେ, କିନ୍ତୁ ମାତା ସୀତା ମନା କରି କହିଲେ ଯେ, ତାଙ୍କ ସ୍ୱାମୀ ଏହା କରିବା ଉଚିତ। ରାବଣ ଦ୍ୱାରା ବନ୍ଦୀ ଥିବା ସମୟରେ ଭଗବାନ ହନୁମାନ ଦେବୀ ସୀତାଙ୍କୁ ଲଙ୍କାର ଅଶୋକ ବାଟିକା (ଅଶୋକ ଉଦ୍ୟାନ)ରେ ଭେଟିଥିଲେ। ପ୍ରଥମେ ସେ ଏକ ଗଛରେ ଲୁଚି ରହିଥିବା ଏକ କ୍ଷୁଦ୍ର ରୂପରେ ତାଙ୍କ ପରିଚୟ ନିଶ୍ଚିତ କରିବା ପାଇଁ ଆବିର୍ଭାବ ହୋଇଥିଲେ, ତା'ପରେ ସେ ନିଜକୁ ପ୍ରଭୁ ରାମଙ୍କ ଦୂତ (ରାମ ଦୂତ) ଭାବରେ ପ୍ରକାଶ କରିଥିଲେ, ପ୍ରମାଣ ସ୍ୱରୂପ ରାମଙ୍କ ମୁଦି ଦେଖାଇ ଆଶା ଦେଇଥିଲେ, ଯଦିଓ ସୀତା ରାମଙ୍କୁ ନିଜେ ତାଙ୍କୁ ଉଦ୍ଧାର କରିବାକୁ ଜିଦ୍ ଧରିଥିଲେ।*

# କଂସ ବଧ ନିମନ୍ତେ ମାନବ ଅବତାର



ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେଧରାବତରଣ କରିଥିଲେ ଭଗବାନ ବିଷ୍ଣୁ । ଏହା ଥିଲା ତାଙ୍କର ଶ୍ରୀକୃଷ୍ଣ ଅବତାର । କଂସଦ୍ୱାରା ବନ୍ଦୀ ଭଗ୍ନୀ ଦେବକୀଙ୍କ ଗର୍ଭରୁ ବନ୍ଦିଶାଳାରେ ଅର୍ଧ ରାତ୍ରୀରେ ରୋହିଣୀ ନକ୍ଷତ୍ର- ବୃଷରାଶିର ସଂଯୋଗ ସମୟରେ କୃଷ୍ଣ ଜନ୍ମ ଲାଭ କରିଥିଲେ । ବନ୍ଦୀଶାଳାରେ ମାତା-ପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଧରାବତରଣ ଉଦ୍ଦେଶ୍ୟ । ସେ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଛନ୍ତି ଏବଂ ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିପାରିବ । ପୃଥିବୀକୁ କଂସର ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି ସେ ଜନ୍ମ ନେଇଛନ୍ତି । ଗୋପରେ ନନ୍ଦରାଜାଙ୍କ ଘରେ ବାଲ୍ୟ ଲୀଳା କରିବେ । ରାକ୍ଷସ ନିପାତ ପାଇଁ ତାଙ୍କୁ ନନ୍ଦରାଜାଙ୍କ ଘରେ ରହିବାକୁ ପଡ଼ିବ, ତେଣୁ ସେଠାରେ ଜନ୍ମ ନେଇଥିବା ବିଜୁଳି କନ୍ୟାକୁ ବନ୍ଦୀଶାଳାକୁ ଆଣି ତାଙ୍କୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ସମସ୍ତଙ୍କ ଅଗୋଚରରେ ଥୋଇଦେଇ ଆସିବାକୁ ପିତାଙ୍କୁ କହିଲେ । ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ପିତା ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରତିରେ ବାହାରିଲେ । ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥାମୃତ ଅନୁଯାୟୀ ବନ୍ଦିଶାଳା ଦିବ୍ୟ ଆଲୋକରେ ଆଲୋକିତ ହେଇଗଲା, ବସୁଦେବଙ୍କ ଗୋଡ଼ରୁ ବେଡ଼ି ଖୋଲିଗଲା ଏବଂ ବନ୍ଦିଶାଳାର ଦ୍ୱାର ମଧ ଆପେଆପେ ଖୋଲିଗଲା ।ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଛୁଳି ଉଠୁଥିବା ଯମୁନା ନଦୀ ପାର ହେଇ ଗୋପପୁର ଗଲେ । ପ୍ରଭୁ ବର୍ଷାରେ ତିନ୍ତି ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ବାସୁକି ନିଜର ବିଶାଳ ଫଣା ତାଙ୍କ ଚାଲିଲେ ।ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦଘରେ ଛାଡିଥିଲେ ବସୁଦେବ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ । ଭଗବାନ କୃଷ୍ଣଙ୍କ ଏହି ଜନ୍ମ ଦିବସକୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣାଷ୍ଟମୀ, ସାତମ୍ ଆଠମ୍, ଗୋକୁଳାଷ୍ଟମୀ, ଅଷ୍ଟମୀ ରୋହିଣୀ, ଶ୍ରୀକୃଷ୍ଣ ଜୟନ୍ତୀ ଓ ଶ୍ରୀଜୟନ୍ତୀ ନାମରେ ମଧ ଜଣାଯାଏ ।

# ବହୁ ରୋଗରୁ ରକ୍ଷା କରିବ ଡାଳିମ୍ବ



ଡାଳିମ୍ବ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏହାର ମିଠା ସ୍ୱାଦ ସହ ଏହା ଆମ ଶରୀରକୁ ପୋଷକତା ଯୋଗାଇଥାଏ । ଡାଳିମ୍ବ ପ୍ରାୟତଃ ରକ୍ତ ବଢ଼ାଇବା ପାଇଁ ଜଣାଶୁଣା । ଡାଳିମ୍ବରେ ଅନେକ ପୋଷକ ତତ୍ତ୍ୱ ମିଳିଥାଏ, ଯାହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା କରିବାରେ ସାହାଯ୍ୟ କରିଥାଏ । ଡାଳିମ୍ବର କିଛି ମୁଖ୍ୟ ଲାଭ ବିଷୟରେ ଆସନ୍ତୁ ଜାଣିବା । ଡାଳିମ୍ବରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ମିଳିଥାଏ, ଯାହା ହୃଦ୍‌ରୋଗର ଆଶଙ୍କା ହ୍ରାସ କରିବାରେ ସାହାଯ୍ୟ କରିଥାଏ, ଏହା କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରିବାରେ ମଧ ସାହାଯ୍ୟ କରିଥାଏ ଏବଂ ରକ୍ତଚାପକୁ ହ୍ରାସ କରିଥାଏ । ଡାଳିମ୍ବରେ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ କ୍ୟାନ୍ସର କୋଷ ବୃଦ୍ଧିକୁ ରୋକିବାରେ ସାହାଯ୍ୟ କରେ । ଡାଳିମ୍ବରେ ଅଧିକ ପରିମାଣର ଫାଇବର ଥାଏ, ଯାହା ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଏହା କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ ଏବଂ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ । ଡାଳିମ୍ବରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ତ୍ୱଚାକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଏହା ଚର୍ମ ବାର୍ଦ୍ଧକ୍ୟର ଲକ୍ଷଣକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ ତ୍ୱଚାକୁ ଚମକାଇଥାଏ । ଡାଳିମ୍ବରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଗଣ୍ଠି ଯନ୍ତ୍ରଣା ଏବଂ ଫୁଲାକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଆର୍ଥ୍ରାଇଟିସ୍ ଭଳି ରୋଗରେ ପୀଡିତ ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇପାରେ । ଡାଳିମ୍ବରେ ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ରହିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ଏହା ଆମକୁ ବିଭିନ୍ନ ପ୍ରକାରର ସଂକ୍ରମଣରୁ ରକ୍ଷା କରିଥାଏ ।

# କ୍ଷମାହୀନ ଅପରାଧ

**ମା ବାପାଙ୍କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତି ତାଙ୍କୁ ଦୁଃଖ କଷ୍ଟ ଦେଇ ରଖୁଥିବା ବ୍ୟକ୍ତିମାନେ ଶିବଙ୍କ କୋପରୁ ସହଜରେ ରକ୍ଷା ପାଇପାରନ୍ତି ନାହିଁ। ଭଗବାନ ଶିବ ଏଭଳି ବ୍ୟକ୍ତିଙ୍କୁ କ୍ଷମା କରନ୍ତି ନାହିଁ। ଏମାନଙ୍କଠାରୁ ସମସ୍ତ ସୁଖଶାନ୍ତି ହରଣ କରିବା ସହ ତାଙ୍କର ସର୍ବନାଶ କରନ୍ତି ।**

ଭଗବାନ ଶିବ ସହଜରେ ପ୍ରସନ୍ନ ହୁଅନ୍ତି। ତାଙ୍କ ଆଶିଷରେ ସୁଖଶାନ୍ତିରେ ଦିନ କଟେ। ହେଲେ ସେ ରାଗିଲେ ପ୍ରଳୟ କରନ୍ତି ଭକ୍ତ ମହଲରେ ଏପରି ବିଶ୍ୱାସ ରହିଛି। ଏପରି କିଛି କାମ ଅଛି, ଯେଉଁଥିରେ ଭଗବାନ ଶିବ କୋପ କରନ୍ତି। ବ୍ୟକ୍ତିର ସୁଖଶାନ୍ତି ଦୂରେଇଯାଇ ଅନିଷ୍ଟ ହୁଏ । ଉକ୍ତ କାମଗୁଡ଼ିକ ହେଉଛି ଅନ୍ୟର ସ୍ତ୍ରୀ ଅବା ସ୍ୱାମୀକୁ ଖରାପ ନଜରରେ ଦେଖିବା ଅବା ତାକୁ ପାଇବାକୁ ଇଚ୍ଛା କରିବା ହେଉଛି ବହୁତ ବଡ଼ ପାପ। ଶିବ ପୁରାଣରେ ବର୍ଣ୍ଣିତ ଅଛି ଏପରି ମନୋଭାବ ରଖୁଥିବା ବ୍ୟକ୍ତିଠାରେ ଶିବଙ୍କ ଆଶିଷ ରହେ ନାହିଁ। ଏମିତି ପାପ କରୁଥିବାରୁ ସେ ଶିବ କୋପର ଶିକାର ହୁଏ। ତା'ର ସମସ୍ତ କ୍ଷେତ୍ରରେ ଅନିଷ୍ଟ ହୋଇଥାଏ । ଅନ୍ୟର ଧନକୁ ଲୋଭ କରିବା, ହରଣ କରିବା ଅବା ଈର୍ଷା କରିବା ଆଦି ଶିବଙ୍କ ନଜରରେ କ୍ଷମାହୀନ ଅପରାଧ। ଅନ୍ୟର ଧନକୁ ଆଡ ଆଖିରେ ଦେଖିବା ସୁଦ୍ଧା ଅନୁଚିତ। ନଚେତ୍ ପାପୀ ତାଲିକାରେ ନାମ ସ୍ଥାନ ପାଇବ । ଅନ୍ୟକୁ କଷ୍ଟ ଦେବା ଅବା ଅନ୍ୟ ବ୍ୟକ୍ତିକୁ କୌଣସି କାର୍ଯ୍ୟରେ ଅସୁବିଧାରେ ପକାଇବା ପାଇଁ ଯୋଜନା କରିବା ପରି କୁତ୍ସିତ ମାନସିକତା ଥିବା ଲୋକଙ୍କ ଉପରେ ଭଗବାନ ଶିବ କ୍ରୋଧ କରନ୍ତି । ଏଭଳି ବ୍ୟକ୍ତିଙ୍କର ଭଗବାନ ଶିବ ସର୍ବନାଶ କରନ୍ତି। ଭଲ ରାସ୍ତା ଛାଡ଼ି ଖରାପ ରାସ୍ତାରେ ପାଦ ଦେବା, ମଦ ମାତାଲ ହୋଇ ସମାଜରେ ବିଶୃଙ୍ଖଳା ସୃଷ୍ଟି କରିବା ଆଦି ପାପ ସହିତ ସମାନ । ଭଗବାନ ଶିବ ଏମାନଙ୍କୁ କ୍ଷମାର ପାତ୍ର ବୋଲି ମନେ କରନ୍ତି ନାହିଁ । ଶିବଙ୍କ କୋପରେ ଏମାନଙ୍କର ସର୍ବନାଶ ହୁଏ । କେବେ ବି କୌଣସି ନାରୀକୁ ଖରାପ ନଜରରେ ଦେଖିବା ଅନୁଚିତ । ଖରାପ କାମ କରୁଥିବା ଲୋକ ସାଂସାରିକ ସୁଖ ଭୋଗ କରିପାରେ ନାହିଁ। ଏମିତି କି ଯେତେ ଧନ ଥିଲେ ବି ସନ୍ତୁଷ୍ଟ ହୋଇପାରେନି। ଅନେକ ଯନ୍ତ୍ରଣା ପାଇ ମୃତ୍ୟୁ ମୁଖରେ ପଡ଼େ। ମା ବାପାଙ୍କୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତି ତାଙ୍କୁ ଦୁଃଖ କଷ୍ଟ ଦେଇ ରଖୁଥିବା ବ୍ୟକ୍ତିମାନେ ଶିବଙ୍କ କୋପରୁ ସହଜରେ ରକ୍ଷା ପାଇପାରନ୍ତି ନାହିଁ। ଭଗବାନ ଶିବ ଏଭଳି ବ୍ୟକ୍ତିଙ୍କୁ କ୍ଷମା କରନ୍ତି ନାହିଁ। ଏମାନଙ୍କଠାରୁ ସମସ୍ତ ସୁଖଶାନ୍ତି ହରଣ କରିବା ସହ ତାଙ୍କର ସର୍ବନାଶ କରନ୍ତି ।



# ୭ ଦିନ ଯାଏଁ ଖାଆନ୍ତୁ ଗୁଜୁରାତି

## ଏକାଧିକ ସମସ୍ୟାରୁ ମିଳିବ ମୁକ୍ତି





*ପ୍ରତିଦିନ କେବଳ ଗୋଟିଏ କିମ୍ବା ଗୁଜୁରାତି ଖାଇବା, ତାହା ମଧ ଖାଲି ପେଟରେ ଖାଇବା ଦ୍ୱାରା ଆପଣଙ୍କ ଶରୀରକୁ ଏପରି ଲାଭ ମିଳିପାରେ, ଯାହା ଆପଣ କ୍ୱଚିତ୍ ଭାବିଥିବେ। ବିଶେଷକରି ଯଦି ଏହାକୁ ସାତ ଦିନ ପର୍ଯ୍ୟନ୍ତ ଲଗାତାର ଖାଇବେ, ତେବେ ଏହାର ପ୍ରଭାବ ଆପଣଙ୍କ ପାଚନ, ମୁଖ ଦୁର୍ଗନ୍ଧ, ରକ୍ତଚାପ ଏବଂ ତ୍ୱଚାର ଚମକ ଉପରେ ମଧ ଦେଖାଯିବା ଆରମ୍ଭ କରିବ।*



ଜିରା (କ୍ୟୁମିନମ୍ ସାଇମିନମ୍, କିମ୍ବା ଜିରା) ହେଉଛି ଏକ ଫୁଲ ଗଛର ସୁଗନ୍ଧିତ, ମାଟି-ସ୍ୱାଦ ବିହନ, ଯାହା ସମଗ୍ର ବିଶ୍ୱରେ ଏକ ମୁଖ୍ୟ ମସଲା ଭାବରେ ସମ୍ପୂର୍ଣ୍ଣ କିମ୍ବା ଭୂମି ରୂପରେ ବ୍ୟବହୃତ ହୁଏ, ବିଶେଷକରି ଭାରତୀୟ, ମଧ୍ୟପ୍ରାଚ୍ୟ ଏବଂ ମେକ୍ସିକାନ୍ ଖାଦ୍ୟରେ ତରକାରୀ, ସୁପ୍ ଏବଂ ମାରିନେଡ୍ ପାଇଁ, ଏହା ଉଷ୍ମତା ପ୍ରଦାନ କରେ ଏବଂ ଲୌହ ଏବଂ ଆଣ୍ଟିଅକ୍ସିଡାଣ୍ଟର ଏକ ପ୍ରଚୁର ଉତ୍ସ, କିନ୍ତୁ ଏଗୁଡ଼ିକୁ ଅସ୍ତ୍ରୋପଚାର ପୂର୍ବରୁ ସତର୍କତାର ସହିତ ବ୍ୟବହାର କରିବା ଉଚିତ କାରଣ ଏଗୁଡ଼ିକ ଜମାଟ ବାନ୍ଧିବାକୁ ଧୀର କରିପାରେ। ଜିରା (ଜିରା) ଏକ ବହୁମୁଖୀ ମସଲା ଯାହା ବିଶ୍ୱ ସ୍ତରରେ ଖାଦ୍ୟକୁ ସ୍ୱାଦିଷ୍ଟ କରିବା ପାଇଁ ବ୍ୟବହୃତ ହୁଏ, ଏହା ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ଉପଯୋଗିତା ମଧ ପ୍ରଦାନ କରେ, ମୁଖ୍ୟତଃ ହଜମରେ ସାହାଯ୍ୟ କରେ (ଗ୍ୟାସ୍, ଫୁଲିବା ହ୍ରାସ କରେ), ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ, ଓଜନ ପରିଚାଳନା ପାଇଁ ମେଟାବୋଲିଜିମକୁ ସମର୍ଥନ କରେ, ଏବଂ ଆଣ୍ଟିଅକ୍ସିଡାଣ୍ଟ ଏବଂ ଲୁହା ପ୍ରଦାନ କରେ, ବିଭିନ୍ନ ରୋଗ ପାଇଁ ପାରମ୍ପରିକ ଔଷଧରେ ଏକ ପ୍ରାକୃତିକ ଉପଚାର ଭାବରେ କାର୍ଯ୍ୟ କରେ।

## ପାଚନ ପ୍ରଣାଳୀ ମଜଭୁତ ହେବ

ଗୁଜୁରାତିରେ ଫାଇବର ଏବଂ ଆବଶ୍ୟକ ତେଲ ମିଳିଥାଏ, ଯାହା ଆପଣଙ୍କ ପାଚନକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାକୁ ୭ ଦିନ ପର୍ଯ୍ୟନ୍ତ ସେବନ କରିବା ଦ୍ୱାରା ଗ୍ୟାସ୍, ବଦହଜମୀ ଏବଂ ଏସିଡିଟି ସମସ୍ୟାରୁ ବହୁତ ମୁକ୍ତି ମିଳିଥାଏ।

## ଦୁର୍ଗନ୍ଧରୁ ମୁକ୍ତି-

ଯଦି ଆପଣଙ୍କର ପାଟି ଦୁର୍ଗନ୍ଧ ସମସ୍ୟା ରହିଛି, ତେବେ ସବୁଜ ଗୁଜୁରାତି ଏକ ପ୍ରାକୃତିକ ପାଟି ସତେଜକାରୀ ଭାବରେ କାମ କରେ। ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ୍ ତତ୍ତ୍ୱ ପାଟିରେ ଥିବା ବ୍ୟାକ୍ଟେରିଆକୁ ଦୂର କରି ନିଶ୍ୱାସକୁ ସତେଜ କରିଥାଏ।

## ରକ୍ତଚାପ ନିୟନ୍ତ୍ରଣ କରେ

ଗୁଜୁରାତିରେ ପ୍ରଚୁର ପରିମାଣରେ ପୋଟାସିୟମ୍ ଥାଏ, ଯାହା ଶରୀରରେ ସୋଡିୟମ୍ ସ୍ତରକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ। ପ୍ରତିଦିନ ଗୁଜୁରାତି ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ।

## ଚର୍ମକୁ ପ୍ରାକୃତିକ ଚମକ ପ୍ରଦାନ

ଗୁଜୁରାତିରେ ଆଣ୍ଟିଅକ୍ସିଡାଣ୍ଟ ରହିଥାଏ ଯାହା ଚର୍ମରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଏହାକୁ ସାତ ଦିନ ପର୍ଯ୍ୟନ୍ତ ନିରନ୍ତର ସେବନ କରିବା ଦ୍ୱାରା ଚର୍ମରେ ଏକ ପ୍ରାକୃତିକ ଚମକ ଆସିଥାଏ ଏବଂ ବ୍ରଣ ଭଳି ସମସ୍ୟା ହ୍ରାସ ପାଇଥାଏ।

## ଚାପ ହ୍ରାସ କରେ

ଗୁଜୁରାତିର ସୁଗନ୍ଧ ସ୍ନାୟୁତନ୍ତ୍ରକୁ ଶାନ୍ତ କରିଥାଏ। ଏହାର ସେବନ ମନୋଭାବ ଭଲ ରଖେ, ନିଦ ଭଲ କରେ ଏବଂ ମାନସିକ ଚାପ ହ୍ରାସ କରେ।

## ହୃଦୟକୁ ସୁସ୍ଥ ରଖେ

ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ ଗୁଜୁରାତି ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା କୋଲେଷ୍ଟ୍ରଲକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ ଏବଂ ରକ୍ତ ସଞ୍ଚାଳନକୁ ଉନ୍ନତ କରେ।

## କାଶିଆ ପାହାଡ଼ ପଥର ଖଣି ଉପରେ ଚଢ଼ାଉ

ଭାପୁର,(ନିପ୍ର): ଭାପୁର ବ୍ଲକ ନିମାଣୀ ପଂଚାୟତରେ ଅବସ୍ଥିତ କାଶିଆ ପାହାଡ଼ ପାଦଦେଶରେ ଅବସ୍ଥିତ କ୍ରସର ୟୁନିଟ ଉପରେ ଖଣି ବିଭାଗ, ଭାପୁର ତହସିଲ,ଫତେଗଡ଼ ଥାନା ଏବଂ ଭାପୁର ବିଦ୍ୟୁତ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା ।ରାଜ୍ୟ ଖଣି ବିଭାଗର କନିଷ୍ଠ ଖଣି ଅଧିକାରୀ ଶୁଭମ କୁମାର ସ୍ୱାଇଁ,ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରୀୟା,ଫତେଗଡ଼ ଥାନା ଅଧିକାରୀ ଅଜୟ କୁମାର ସାହୁ,ଖଣ୍ଡପଡା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଜିତେନ୍ଦ୍ର କୁମାର ଦାସ ଏବଂ ରାଜ୍ୟ ଏପିଆର ଫୋର୍ସ ମିଳିତ ଭାବରେ କ୍ରସର ୟୁନିଟ ନିକଟରେ ପହଞ୍ଚି ପରିବେଶ ଯାଞ୍ଚ କରିବା ସହିତ କାଗଜପତ୍ର ତଦାରଖ କରି ବିଦ୍ୟୁତ ସଂଯୋଗକୁ କାଟି ଦେଇଥିଲେ ।

## ଆସିକା ଉପ କାରାଗାରରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ

ଆସିକା,(ନିପ୍ର): ଆସିକା ଉପ କାରାଗାରରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ଉପଲକ୍ଷେ ଏକ ସଚେତନତା ସଭା ଆୟୋଜିତ ହୋଇଯାଇଛି । ଉପ କାରାଗାର ଅଧକ୍ଷ ଖଗେଶ୍ୱର ସିଂହଙ୍କ ସଂଯୋଜନାରେ ଆୟୋଜିତ ଏହି




କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂଚାଳିକା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ସମଗ୍ର ବିଶ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିବା ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ ଯେ ନିଶାମୁକ୍ତ ଜୀବନ ଶୈଳୀ ପରିବାର ଓ ସମାଜରେ ସୁଖ ସମୃଦ୍ଧି ଆଣିଥାଏ । ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ରାଜଯୋଗ ଅଭ୍ୟାସ ଦ୍ୱାରା ଆଜି ସମଗ୍ର ବିଶ୍ୱରେ ଦଶ ଲକ୍ଷ୍ୟରୁ ଅଧିକ ଈଶ୍ୱରୀୟ ବିଦ୍ୟାର୍ଥୀ ନିଶା ମୁକ୍ତ ଜୀବନ ଶୈଳୀ ଆପଣେଇ ସମଗ୍ର ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ଅବସରରେ ଉପ କାରାଗାର ଅନ୍ତେବାସୀ ନିଶା ମୁକ୍ତ ଜୀବନ ଶୈଳୀ ଆପଣେଇବା ପାଇଁ ସଂକଳ୍ପ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ନିଶାମୁକ୍ତି ଲଘୁ ନାଟିକା ପରିବେଷଣ କରାଯାଇଥିଲା । ବ୍ରହ୍ମାକୁମାରୀ ସୁଜ୍ଞାନୀ ସହଜ ରାଜ ଯୋଗ ଅଭ୍ୟାସ କରାଇଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଇସ୍ପାତ ନିଗମର ବରିଷ୍ଠ ଯନ୍ତ୍ରୀ ବ୍ରହ୍ମାକୁମାର ରମେଶ, ଉପ କାରାଗାରର ସବ ଆସିଷ୍ଟାଣ୍ଟ ଜେଲରଙ୍କ ସହ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଯୁବକ ଗିରଫ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ପୋଲିସ ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ମେ ୨ ତାରିଖରେ ମହୁଲପାଲି ଥାନା ଅନ୍ତର୍ଗତ ଲାଇଗୁରା ଗ୍ରାମର ଗୋପାଳ ପେଣ୍ଟେଇ (୨୩) ଲେଦିମହୁଲ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ପରେ ସେ ନାବାଳିକାଙ୍କ ଇଚ୍ଛା ବିରୋଧରେ ଓ ବିନା ସମ୍ମତିରେ ଶାରୀରିକ ସମ୍ପର୍କ ରଖିଥିବା ଅଭିଯୋଗ ହୋଇଥିଲା। ଏନେଇ ଜମନକିରା ଥାନାରେ କେଶ ନମ୍ବର ୮୬/ ୨୦୨୬ ରୁଜୁ ହୋଇଥିଲା। ମାମଲାର ତଦନ୍ତ ସମୟରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୩୭(୨),୬୪(୧) ଏବଂ ପୋକ୍ସୋ ଆଇନ-୨୦୧୨ର ଧାରା-୬ ଯୋଡ଼ାଯାଇଥିଲା। ପୋଲିସ ତଦନ୍ତ ଚଳାଇ ଶୁକ୍ରବାର ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଗୋପାଳ ପେଣ୍ଟେଇଙ୍କୁ ଗିରଫ କରିଥିଲା। ପୋଲିସ ପରେ ତାଙ୍କୁ କୋର୍ଟଚାଲାଣ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ସହକାରୀ ସୂଚନା ଅଧିକାରୀଙ୍କୁ ଅବସର ସମ୍ବର୍ଦ୍ଧନା

ପୁରୀ,(ନିପ୍ର): ସୂଚନା ଓ ଲୋକ ସମ୍ପର୍କ ବିଭାଗରେ କାର୍ଯ୍ୟରତ ସହକାରୀ ସୂଚନା ଅଧିକାରୀ ବା ଏଆଇଓ ରାଜେନ୍ଦ୍ର କୁମାର ପାତ୍ର ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀ ପାତ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ଶ୍ରୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶ୍ରୀ ପାତ୍ର ବିଭାଗ ପାଇଁ ଅନେକ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ ।ସରକାର ଓ ସରକାରୀ ଯୋଜନାର ପ୍ରଚାର,ପ୍ରସାର କ୍ଷେତ୍ରରେ ଶ୍ରୀ ପାତ୍ର ବିଭିନ୍ନ ସ୍ଥାନରେ କାରୀ କରି ସଫଳ ହୋଇଛନ୍ତି ବୋଲି ଶ୍ରୀ ସେଠୀ କହିଥିଲେ ।ନିଜ ପ୍ରତିକ୍ରିୟାରେ ଶ୍ରୀ ପାତ୍ର ବିଭାଗର କାର୍ଯ୍ୟକୁ ସେ ନିଷ୍ଠା ଓ ଆନ୍ତରିକ ଭାବେ କରିଛନ୍ତି ଓ ନିଜ କାର୍ଯ୍ୟ ରେ ଆତ୍ମତୃପ୍ତି ପାଇଛନ୍ତି ବୋଲି କହିଥିଲେ ।ଏହି ସମ୍ବର୍ଦ୍ଧନା ରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ ସେନାପତି, ଗ୍ରନ୍ଥାଗାରିକ ମିନତୀ ଦାସ,ନିକ୍ଷେପକ ପ୍ରସନ୍ନ କୁମାର ସାହୁ, ଭଣ୍ଡାର ରକ୍ଷକ ରବୀନ୍ଦ୍ର କୁମାର ଦାସ, ବରିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ସ୍ୱାଇଁ, କର୍ମଚାରୀ ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି, ଲକ୍ଷ୍ମୀଧର ନାୟକ,ଅବସରପ୍ରାପ୍ତ କର୍ମଚାରୀ ପ୍ରଦୀପ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### କାଳ ବୈଶାଖୀର ପ୍ରଭାବ : ଉଜୁଡ଼ିଲା ବଗିଚା

## ନଷ୍ଟ ହେଲା ହଜାର ହଜାର ଆମ୍ବ, ଚାଷୀ ନିରାଶ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଗରଗଡବାହାଲ ପଞ୍ଚାୟତର ଆମ୍ବଚାଷୀ ବିହାରୀ ଲାଲ ବିଶ୍ୱାଳ । ସେ ନିଜ ଯାଗାରେ ପ୍ରାୟତଃ ୧୫ଶହରୁ ଊର୍ଦ୍ଧ୍ୱ ଆମ୍ବଗଛ ଲଗାଇଛନ୍ତି । ପ୍ରତିବର୍ଷ ଏହି ଆମ୍ବବଗିଚାରୁ ସେ ଆମ୍ବବିକ୍ରୀ କରି ୫ରୁ ୬ଲକ୍ଷ ଟଙ୍କା ବାର୍ଷିକ ଆୟ କରିଥାନ୍ତି । ହେଲେ ଚଳିତ ବର୍ଷ ତାଙ୍କ ଆମ୍ବ ବଗିଚାରେ ବେଶ୍ ଆମ୍ବ ଆସିଥିଲା । ଆଶା ଥିଲା ଚଳିତ ବର୍ଷ ସେ ଆମ୍ବବିକ୍ରୀ କରି ଲାଭବାନ ହେବେ ବୋଲି । କିନ୍ତୁ ଆମ୍ବଗଛ ଗୁଡ଼ିକର ବେଶ ଯତ୍ନ ନେଉଥିଲେ । ହେଲେ ପ୍ରକୃତିର ତାଣ୍ଡବ ଆଗରେ କିଏ ବା କ'ଣ କରିପାରିବ ।



ଗତ କିଛିଦିନ ହେବ କାଳ ବୈଶାଖୀ ପ୍ରବାହରେ ଖମ୍ବ ବଗିଚାର କେତେକ ଆମ୍ବଗଛ ଭାଙ୍ଗିଯିବା ସହିତ ଆମ୍ବ ଝଡି ତଳେ ଫାଟିଯିବା ସହିତ ନଷ୍ଟ ହୋଇଯାଇଥିବା ଦେଖାଯାଇଛି । ଭାଙ୍ଗି ଯାଇଛି ଆଶା । ହତାଶ ହୋଇ ଭାଙ୍ଗି ପଡିଛନ୍ତି ଚାଷି ବିହାରୀ ଲାଲ୍ । ଏତେ ଗୁଡିଏ ଆମ୍ବ ତଳେ ପଡି ଫାଟିଯାଇ ନଷ୍ଟ ହେବାରୁ ସେ କଣ କରିବେ ଭାବି ପାରୁନାହାଁନ୍ତି । ସବୁଠାରୁ ବଡ଼କଥା ଏହିସବୁ ଆମ୍ବଗଛ ଆଉ କିଛି ଦିନ ପରେ ପାଚି ଥାଆନ୍ତା । ଫଳରେ ବଜାରରେ ତଥା ବାହାର ରାଜ୍ୟକୁ ମଧ ବିକ୍ରି ପାଇଁ ଯାଇଥାନ୍ତା । ଆଉ ଏଥିରୁ ସେ ଭଲ ଚାହିଦାରେ ବିକ୍ରି କରି ଲାଭବାନ୍ ହୋଇ ପାରିଥାନ୍ତେ । ହେଲେ କାଳ ବୈଶାଖୀ ତାଙ୍କ ସବୁ ସ୍ୱପ୍ନ ଭାଙ୍ଗି ଦେଇଥିବା ସେ କହିଛନ୍ତି । ସେ ଦୋସରି,ଲେଙ୍ଗଡା,ନିଲମ,ଆମ୍ରପଲି ଏମିତି ୧୦ରୁ ୧୨ପ୍ରକାର ଆମ୍ବ ବଗିଚାରେ ଲଗାଇଥିବା ବେଳେ ସବୁ ନଷ୍ଟ ହୋଇ ଯାଇଛି ।

ବର୍ତ୍ତମାନ ଏହି ଫାଟି ଯାଇଥିବା ଆମ୍ବକୁ କରିବେ ବା କ'ଣ । ଏତେ ଗୁଡିଏ ଆମ୍ବ ତଳେ ପଡି ଖରାପ ହେବାରୁ ଚିନ୍ତାରେ ପଡିଯାଇଛନ୍ତି ଚାଷୀ । ପରିବାର କେମିତି ଚଳିବୁ ବୋଲି କୋହଭରା କଣ୍ଠରେ କାନ୍ଦି କାନ୍ଦି କହୁଛନ୍ତି ଚାଷୀ । ଏହା ବଦଳରେ ସରକାରଙ୍କ ତରଫରୁ କିଛି ସହାୟତା କରନ୍ତେ ତାହେଲେ ଆମେ ଖୁସି ହେବୁ ବୋଲି କହିଥିଲେ । ଆଗକୁ ଏହାକୁ ନେଇ ସେ କୃଷି ବିଭାଗକୁ ଜଣାଇବେ ବୋଲି କହିଛନ୍ତି। ଏହାର କ୍ଷୟକ୍ଷତି ଆକଳନ କରି ସରକାର କିଛି ସହାୟତା କରନ୍ତେ ତାହେଲେ ଆମେ ଖୁସି ହେବୁ ବୋଲି ତାଙ୍କ ପରିବାର କୋହଭରା କଣ୍ଠରେ କହିଛନ୍ତି।

## ଆଠଗଡ : ସ୍କୁଲ ବିବାଦରେ ଅଭିଭାବକଙ୍କ ଧାରଣା,ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ

### ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଅଭିଭାବକଙ୍କ ମଧ୍ୟରେ ନାନା ଆଶଙ୍କା

ଆଠଗଡ,(ନିପ୍ର) : ଆଠଗଡ ଜାଭିୟର୍ସ ସ୍କୁଲରେ ମାଲିକାନା ସ୍ୱତ୍ୱକୁ ନେଇ ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି । ବିବାଦକୁ ନେଇ ବିଦ୍ୟାଳୟ ପରିବେଶ ସମେତ ସାରା ଆଠଗଡ ଅଶାନ୍ତ ହେବା ସହିତ ଦୁଇଗୋଷ୍ଠୀଙ୍କ ମଧ୍ୟରେ ପୃଥକ ପୃଥକ ଭାବେ ଆଠଗଡ ଥାନାରେ ଏତଲା ଦିଆଯିବା ଭଳି ଘଟଣା ସାମ୍ନାକୁ ଆସିଛି । ଏଭଳି ଅଶାନ୍ତ ପରିବେଶକୁ ନେଇ ଅଭିଭାବକମାନଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଏହାର ସମାଧାନ ନିମନ୍ତେ ଶୁକ୍ରବାର ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଅନ୍ୟାନ୍ୟ କାର୍ଯ୍ୟରେ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଉପଜିଲ୍ଲାପାଳଙ୍କ ପକ୍ଷରୁ ସ୍କୁଲରେ ଚାଲୁଥିବା ବିବାଦର ସମାଧାନ କରିବା ପାଇଁ ଦୁଇ ଗୋଷ୍ଠୀଙ୍କୁ ଆଲୋଚନା ପାଇଁ ଡାକିଥିଲେ । ଏହିକ୍ରମରେ ଉପଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ବୈଠକ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପୁରୁଣା ଟ୍ରଷ୍ଟ ପକ୍ଷରୁ ନିର୍ଦ୍ଦେଶକ ପ୍ରିୟଦର୍ଶୀ ନାୟକ, ସ୍କୁଲର ପ୍ରିନ୍ସପାଲ ପ୍ରେମରାଜ ପାତ୍ର ଓ ସୁପ୍ରିୟା ଯୋଗଦେଇଥିବା ବେଳେ ବିପକ୍ଷ ଗୋଷ୍ଠୀ ପକ୍ଷରୁ ସମର୍ଥ ମହାନ୍ତି, ଅନିଲ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଦ୍ୱିତୀୟ ଟ୍ରଷ୍ଟବୋର୍ଡ ଗଠନକୁ ପୁରୁଣା ଟ୍ରଷ୍ଟର ଜନୈକ ସମ୍ପୂର୍ଣ୍ଣ ଭାବେ ବେଆଇନ



ହୋଇ ଯାଉଥିବାକୁ ନେଇ ଅଭିଭାବକମାନଙ୍କର ଅନୁରୋଧ କ୍ରମେ ଏହାର ତୁରନ୍ତ ଆଶୁ ସମାଧାନ କହିବା ସହିତ ସ୍କୁଲର ମେଲ ଆଇଡିକୁ ଚଞ୍ଚକତା କରି ବୋର୍ଡରେ ଆଇଡି ପାସୱାର୍ଡକୁ ବଦଳାଇ ଥିବାର ମାଧମିକ ବୋର୍ଡ ଅଣ୍ଡର ସେକ୍ରେଟାରୀ ପକ୍ଷରୁ ଆସିଥିବା ସଚିବଙ୍କ ପତ୍ରକୁ ଦର୍ଶାଇଥିଲେ।

ଏ ସଂକ୍ରାନ୍ତରେ ନୂତନ ଟ୍ରଷ୍ଟ ପକ୍ଷରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି । ମାଲିକନା ସ୍ୱତ୍ୱକୁ ନେଇ ଉଚ୍ଚନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବାରୁ ଏହାର ରାୟ ଆସିବା ପରେ ସମସ୍ତ ଘଟଣା ପଦାକୁ ଆସିବ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ସ୍କୁଲର ପରିବେଶ ଅଶାନ୍ତ ହେବାସହିତ ଦିନକୁ ଦିନ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ବୃଦ୍ଧି ପାଇବା ଏବଂ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ନିମନ୍ତେ ଉପଜିଲ୍ଲାପାଳଙ୍କ ପକ୍ଷରୁ ସ୍କୁଲ ପରିଚାଳନାକୁ ନେଇ ଥିବା ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ଦୁଇଗୋଷ୍ଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । କାଗଜ ପତ୍ରର ଯାଞ୍ଚ କରାଯାଇ ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ସ୍କୁଲରେ ଅଶାନ୍ତ ପରିବେଶ ଏବଂ ବାରମ୍ବାର ଶିକ୍ଷକ ପରିବର୍ତ୍ତନକୁ କ୍ଷୋଭ ପ୍ରକାଶ କରି ସ୍କୁଲର ବରିଷ୍ଠ ବର୍ଗର ଛାତ୍ରଛାତ୍ରୀମାନେ ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ମଧ କରିଥିଲେ । ଏ ସମସ୍ତ ପ୍ରସଙ୍ଗକୁ ବିଚାରକୁ ନେଇ ମାମଲାର ସାମାଧାନ ନ ହେବା ପର୍ଯ୍ୟନ୍ତ ବିଦ୍ୟାଳୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ଦୁଇ ଗୋଷ୍ଠୀଙ୍କୁ ଉପଜିଲ୍ଲାପାଳ ଅନୁରୋଧ କରିଥିବା ସ୍ଥାନୀୟ ସୂତ୍ରରୁ ପ୍ରକାଶ।

## ଯୁବପିଢ଼ି ତମାଖୁ ସେବନ ଠାରୁ ଦୂରେଇ ରୁହନ୍ତୁ

ଦାମନଯୋଡି,(ନିପ୍ର): ସାରା ବିଶ୍ୱରେ ମାନବ ସମାଜ ବିଶେଷତଃ ଯୁବପିଢ଼ି ଆଜି ତମାଖୁ ସେବନରେ ଏତେ ମାତ୍ରାରେ ପ୍ରଭାବିତ ଓ କବଳିତ ହୋଇସାରିଛନ୍ତି ଯେ, ତାହାର ମାରାତ୍ମକ ଅପକାରିତା ଓ ତମାଖୁ ସେବନ ଠାରୁ ଦୂରେଇ ରହିବା ପାଇଁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ନବରତ୍ନ ଉଦ୍ୟୋଗ ନାଲକୋ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା । ଏହି ସଚେତନ ଯାତ୍ରାରେ ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ ।ମହାତ୍ମାଗାନ୍ଧୀ କ୍ୟାନସର ହସ୍ପିଟାଲ ବିଶାଖପାଟଣା ଓ ନାଲକୋ ଦାମନଯୋଡି ହସ୍ପିଟାଲର ମିଳିତ ଆନୁକୁଲ୍ୟରେ ବିଶ୍ୱ ତମାଖୁ ଦିବସ ପାଳନ ଅବସରରେ ଏକ ବିଶାଳ ପଦଯାତ୍ରା ଓ ପଥପ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନାଲକୋ ମେଡିକାଲର ମୁଖ୍ୟ ଡକ୍ଟର ସନ୍ଧ୍ୟାରାଣୀ ଓ ମହାତ୍ମା ଗାନ୍ଧୀ କ୍ୟାନସର ହସ୍ପିଟାଲର ଡକ୍ଟର ସୂର୍ଯ୍ୟପ୍ରକାଶ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ । ମୁଖ୍ୟ ଅତିଥି ରୂପେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର




ମିଶ୍ର ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ସମ୍ମାନନୀୟ ଅତିଥି ରୂପେ ନାଲକୋର ମୁଖ୍ୟ ମହାପ୍ରବନ୍ଧକଗଣ ସଂଜୟ ଗୁପ୍ତା,ସୁଗାତୋ ଆନନ୍ଦ ବାସୁ,ଏମ ଆର ପଣ୍ଡା,ଦିଲ୍ଲୀପ ବାଗ୍,ଦୁର୍ଯ୍ୟୋଧନ ବେହେରା ମହାପ୍ରବନ୍ଧକ ସୁରେଶ ବାତୁଲା ପ୍ରମୁଖ ସମବେତ ଜନସାଧାରଣଙ୍କୁ ସଚେତନତା ଭିତ୍ତିକ ସମ୍ବୋଧନ କରିଥିଲେ । କ୍ୟାନସର ହସ୍ପିଟାଲର ସନ୍ଦୀପ ଲେଙ୍କା,ଚନ୍ଦନ କୁମାର ଜେନା, ପ୍ରସାଦ, ନାଲକୋ ହସ୍ପିଟାଲର ଡକ୍ଟର ଜ୍ୟୋତି ରଞ୍ଜନ ଦାଶ, ଡକ୍ଟର ଦୀପକ ମହାନ୍ତି,ଡକ୍ଟର ଉମାଶଙ୍କର ପ୍ରଧାନ, ଡକ୍ଟର ରାଜୀବ କୁମାର, ଡକ୍ଟର ଉମାଶଙ୍କର ପାତ୍ର, ଡକ୍ଟର ମୁକୁନ୍ଦ ଦେବ ବେହେରା,ଡକ୍ଟର ଏସ ଆର ପଣ୍ଡିତ ପ୍ରମୁଖ ମାରାଥନରେ ଅଗ୍ରଗାମୀ ଥିଲେ । ଡାକ୍ତରଖାନାର ଅନ୍ୟ କର୍ମଚାରୀ,ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା,ସାମାଜିକ କର୍ମକର୍ତ୍ତା, ଅଞ୍ଚଳର ଯୁବପିଢ଼ି, ସମାଜସେବୀ, ବିଭିନ୍ନ ସଂଗଠନର ନେତୃବୃନ୍ଦ ଙ୍କ ସମେତ ଶତାଧିକ ଜନସାଧାରଣ ଏହି ମାରାଥନରେ ଅଂଶଗ୍ରହଣ କରିଥିଲେ।

## ଦେବଗିରି ପ୍ରବେଶ ଗେଟ୍ ନିର୍ମାଣରେ ଅନିୟମିତତା ଅଭିଯୋଗ

ପାରଳାଖେମୁଣ୍ଡି,(ନିପ୍ର): ଦେବଗିରି ପାହାଡ଼ର ବିକାଶ ପାଇଁ ନିର୍ମାଣ କରାଯାଇଥିବା ମୁଖ୍ୟ ପ୍ରବେଶ ଗେଟ୍ ହାଲୁକା ପବନରେ ଭାଙ୍ଗି ପଡ଼ିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଲକ୍ଷାଧିକ ଟଙ୍କାର ବ୍ୟୟ କରି ନିର୍ମାଣ ହୋଇଥିବା ଏହି ଗେଟ୍ ଏତେ ଶୀଘ୍ର ଭୁଶୁଡ଼ି ପଡ଼ିବା ପଛରେ ନିମ୍ନମାନର କାର୍ଯ୍ୟ ଓ ନିର୍ମାଣରେ ଅନିୟମିତତା ଥିବା ଅଭିଯୋଗ ଉଠିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗେଟ୍ ନିର୍ମାଣ ସମୟରେ ମଜବୁତ ଭିତ୍ତି ଓ ଗୁଣାତ୍ମକ ସାମଗ୍ରୀ ବ୍ୟବହାର



କରାଯାଇନଥିଲା ଫଳରେ ସାମାନ୍ୟ ପବନରେ ଏହା ଭାଙ୍ଗି ପଡ଼ିଛି । ସୌଭାଗ୍ୟବଶତଃ ଘଟଣା ବେଳେ ସେଠାରେ କୌଣସି ପର୍ଯ୍ୟଟକ କିମ୍ବା ସାଧାରଣ ଲୋକ ନ ଥିବାରୁ ବଡ଼ ଅଘଟଣ ଟଳିଯାଇଛି ।ଦେବଗିରି ପାହାଡ଼କୁ ପର୍ଯ୍ୟଟନ କ୍ଷେତ୍ର ଭାବେ ବିକଶିତ କରିବା ଉଦ୍ଦେଶ୍ୟରେ ସରକାରୀ ଅର୍ଥରେ ବିଭିନ୍ନ କାମ କରାଯାଇଥିବା ବେଳେ ଏହି ଘଟଣା ଉନ୍ନୟନ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କାମର ତଦାରଖ କରୁଥିବା ବିଭାଗ,ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ଭୂମିକା ନେଇ ମଧ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିବା ବେଳେ ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏନେଇ ଜନସାଧାରଣଙ୍କ ପ୍ରଶ୍ନ ଯଦି ହାଲୁକା ପବନରେ ଗେଟ୍ ଭାଙ୍ଗି ପଡୁଛି ତେବେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା କେତେ ଥିଲା ଏଥିପାଇଁ ପ୍ରକୃତରେ ଦାୟୀ କିଏ ବୋଲି ଅଭିଯୋଗ ହେଉଛି ।

## ଭଦ୍ରକରେ ନୂତନ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ପ୍ରଦାନ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ତୀବ୍ର ବିରୋଧ

ଭଦ୍ରକ,(ନିପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓଡ଼ିଶା ରାଜ୍ୟ କମିଟି ଆହ୍ୱାନ କ୍ରମେ ସକାଳ ଆଠଟାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭଦ୍ରକ ଜିଲ୍ଲାରେ ନୂତନ କରି ପ୍ରାୟ ୬୦ ଟି ବିଦେଶୀ ଓ ଦେଶୀ ମଦ ଦୋକାନ ଖୋଲିବାକୁ ଜିଲ୍ଲାପାଳ ଲାଇସେନ୍ସ ପ୍ରଦାନ କରିଥିବାରୁ ଆନ୍ଦୋଳନ ଓ ବିକ୍ଷୋଭ କରାଯାଇଛି ।ଏହି କ୍ଷୋଭ ପରିପ୍ରେକ୍ଷୀରେ ଜିଲ୍ଲା ସମ୍ପାଦକ ବରିଷ୍ଠ ଆଡଭୋକେଟ୍ ଗିରିଧାରୀ ନାଥ ଅଭିଯୋଗ କରିଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନରେ ଓଡିଶା ବିଜେପି ଦଳ ରାଜ୍ୟବାସୀଙ୍କୁ ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲାକି ବିଜେପି କ୍ଷମତାକୁ ଆସିଲେ ଓଡ଼ିଶାରେ ମଦ ପ୍ରଚଳନ ବନ୍ଦ ହେବ । ମଦ ମୁକ୍ତ ଓଡ଼ିଶା ତିଆରି ହେବ । ମାତ୍ର ମଦ ବନ୍ଦ କରିବା ପରିବର୍ତ୍ତେ ଓଡ଼ିଶାରେ ନୂତନ ଭାବେ ସାତ ଶହରୁ ଊର୍ଦ୍ଧ୍ୱ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ପ୍ରଦାନ କରିଛନ୍ତି ଏବଂ ଭଦ୍ରକ ଜିଲ୍ଲାପାଳ ଗତକାଲି



୬୦ ଜଣକୁ ନୂତନ ଲାଇସେନ୍ସ ପ୍ରଦାନ କରିଛନ୍ତି ।ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ରାଜସ୍ୱ ଆଦାୟ ନାଁ ରେ ସରକାର ମଦ ବେପାର କରି ସମାଜକୁ ଉଚ୍ଛୃଙ୍ଖଳ କରୁଛନ୍ତି । ପରିବାର ଉଜୁଡି ଯାଉଛି ଏହି ମଦ ପାଇଁ । ରାଜକୋଷକୁ ଅର୍ଥ ଆସିବା ପରିବର୍ତ୍ତେ ମଦରୁ ଆୟର ପ୍ରାୟ ଦଶ ଗୁଣ ସରକାର ଖର୍ଚ୍ଚ କରୁଛନ୍ତି ମଦ ଜନିତ ଅପରାଧ ରୋକିବା ପାଇଁ। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ପ୍ରଦାନ କରିଥିବା ଲାଇସେନ୍ସକୁ ପ୍ରତ୍ୟାହାର କରିନେବା ପାଇଁ ନିଶା ନିବାରଣ ଜିଲ୍ଲା କମିଟି ଦାବି କରିଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲ୍ଲା କଲେକ୍ଟରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ବିକ୍ଷୋଭରେ ନେତୃତ୍ୱ ନେଇଥିଲେ ଜିଲ୍ଲା ସାଙ୍ଗଠନିକ ସଭାପତି ସଙ୍ଗ୍ରାମ କିଶୋର ମହାନ୍ତି, ଉପସଭାପତି ଅମର ପାଣିଗ୍ରାହୀ, ଅନ୍ୟତମ ଉପସଭାପତି ଅଗଣୀ ଚରଣ ଜେନା, ଜିଲ୍ଲା ସମ୍ପାଦକ ଗିରିଧାରୀ ନାଥ,ସରସ୍ୱତୀ ସେନାପତି ଓ ଅନ୍ୟମାନେ ।

## ଡାକ୍ତରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନିଆଳି,(ନିପ୍ର): ବୃତ୍ତିଗତ କର୍ତ୍ତବ୍ୟନିଷ୍ଠା ପାଇଁ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ଡାକ୍ତର ତଥା ଅର୍ଥାଲ୍‌ମିକ୍ ଆସିଷ୍ଟାଣ୍ଡ ଗୋବର୍ଦ୍ଧନ ମହାପାତ୍ରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସାମାଜିକ ସଂଗଠନ ଡ.ଡବ୍ଲ୍ୟୁ.ଭି.ଓ ପକ୍ଷରୁ ନିଆଳି ମେଡିକାଲ୍ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମାଜରୁ ଅନ୍ଧତ୍ୱ ଦୂରିକରଣ କ୍ଷେତ୍ରରେ ଉଦିଷ୍ଟ ସରକାରୀ ଯୋଜନାର ସଫଳ ରୂପାୟନ କ୍ଷେତ୍ରରେ ଶ୍ରୀ ମହାପାତ୍ରଙ୍କ ୩୬ ବର୍ଷ ସରକାରୀ ଚାକିର କାଳ ମଧ୍ୟରେ ନିରବଚ୍ଛିନ୍ନ ନିଷ୍ଠାପର ଉଦ୍ୟମକୁ ଏହି ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରଶଂସା କରାଯାଇଥିଲା ।

## ମଦୁଆଙ୍କ ପେଣ୍ଠସ୍ଥଳୀ ପାଲଟିଛି ପଞ୍ଚଖଣ୍ଡା ପ୍ରକଳ୍ପ ସ୍ଥାନ

### ୧.୨୧କୋଟି ବ୍ୟୟରେ ନିର୍ମିତ ପ୍ରକଳ୍ପ କାହାପାଇଁ, ଭାଙ୍ଗିପଡି ଝୁଲୁଛି ପ୍ରକଳ୍ପର ମୁଖ୍ୟ ଫାଟକ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ରାଜବାଟି ସ୍ଥିତ ପ୍ରଭୁ ପଞ୍ଚଖଣ୍ଡା ମନ୍ଦିର ପ୍ରକଳ୍ପ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । ରାଜ୍ୟ ସରକାର ଏହି ମନ୍ଦିର ପ୍ରକଳ୍ପ ପାଇଁ ୧.୨୧କୋଟି ଅର୍ଥ ବ୍ୟୟ କରି ଏହି ମନ୍ଦିରର ଉନ୍ନତି ତଥା ବିକାଶ ପାଇଁ ଏଠାରେ ଭକ୍ତଙ୍କ ପାଇଁ ଭୋଗମଣ୍ଡପ, ବିଶ୍ରାମ ପାଇଁ କୋଠାଘର,ଭଜନ କୀର୍ତ୍ତନ ପାଇଁ ମଣ୍ଡପ ରାସ୍ତା,ପାଚେରି ନିର୍ମାଣ ମୁଖ୍ୟ ଫାଟକ ନିର୍ମାଣ ହୋଇଥିଲେ ମଧ ଏହାର ରକ୍ଷଣା ବେକ୍ଷଣ ନକରିବା ହେତୁ ଏହା ଭାଙ୍ଗିବାକୁ ବସିଲାଣି । ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ତଥା କାର୍ଯ୍ୟାଦେଶ ପୂର୍ବରୁ ରେଢ଼ାଖୋଲ ସହର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ସେ ତତ୍କାଳୀନ ଉପଜିଲ୍ଲାପାଳ ପବିତ୍ର ବେହେରାଙ୍କ ଅଧ୍ୟକ୍ଷତାରେ ରେଢ଼ାଖୋଲର ସମସ୍ତ ଅନୁଷ୍ଠାନ ଓ ଜନ ସାଧାରଣମାନଙ୍କୁ ନେଇ ଜଗନ୍ନାଥ ମନ୍ଦିର ଓ ପଞ୍ଚଖଣ୍ଡା ମନ୍ଦିର ଉନ୍ନତି କରଣ ପାଇଁ ଏକ ସାର୍ବଜନୀନ ବୈଠକ ଅନୁଷ୍ଠିତ ହୋଇଥିଲା । ପଞ୍ଚଖଣ୍ଡା ମନ୍ଦିର ଉନ୍ନତିକରଣ ପାଇଁ ମନ୍ଦିର ନୂତନ ଭାବେ ନିର୍ମାଣ ସହ ମୁଖଶାଳା,



ଭୋଗ ମଣ୍ଡପ, ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ଆଲୋକିକରଣ, ରାସ୍ତା ଓ ବସିବା ପାଇଁ ବେଞ୍ଚ ନିର୍ମାଣ। ତା ସହିତ ନୂଆମୁଣ୍ଡା ପୂଜା ପାଇଁ ରାସ୍ତା ନିର୍ମାଣ, ମନ୍ଦିରରେ ପିଇବା ପାଣି ବ୍ୟବସ୍ଥା, ମଣ୍ଡପ ନିର୍ମାଣ, ଛାଉଣି ସହିତ ଜବରଦଖଲ ଉଚ୍ଛେଦ କରି ଜାଗା ଚିହ୍ନଟ ସହିତ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ଏଥିସହ ମନ୍ଦିରର ରକ୍ଷଣାବେକ୍ଷଣ ଉପରେ ମଧ ଗୁରୁତ୍ୱ ଦେବାକୁ କୁହାଯାଇଥିଲା । ବୈଠକରେ ଦେବୋତ୍ତର ବିଭାଗ ସମସ୍ତ ସଦସ୍ୟ, ବ୍ରହ୍ମ ସମାଜ ସଦସ୍ୟ, ଜଗନ୍ନାଥ ସେବା ଦଳ ସଦସ୍ୟ, ରେଢ଼ାଖୋଲ ବିଭିନ୍ନ ଅନୁଷ୍ଠାନ, ଆଇନଜୀବୀ ସହିତ ଗଣମାଧ୍ୟମ ପ୍ରତିନିଧିମାନେ ମଧ ଉପସ୍ଥିତ ରହିଥିଲେ। ହେଲେ ଦୁଃଖର ବିଷୟ ପ୍ରକଳ୍ପ କାର୍ଯ୍ୟାଦେଶ ପାଇ ଠିକାଦାର କାମ ଆରମ୍ଭ କରି ଅଧାପନ୍ତରିଆ ତଥା କିଛି କାମ ହେଉଥିବାବେଳେ ଗତ ୦୩.୦୫.୨୦୨୪ରେ କାର୍ଯ୍ୟ ସମାପ୍ତିର ଫଳକ ତଥା ବୋର୍ଡ଼ ମାରି ଅଧାପନ୍ତରିଆ କାମ କରି ଛାଡ଼ି ଯାଇଥିବା ବେଳେ ଏଥିପ୍ରତି କାହାରି ଦୃଷ୍ଟି ନାହିଁ ବୋଲି ଅଭିଯୋଗ ହୋଇଛି । ଅନ୍ୟପଟେ କାର୍ଯ୍ୟ ସମାପ୍ତି ତାରିଖ ଠାରୁ ୨ବର୍ଷ ନପୁରୁଣୁ ମନ୍ଦିର ପ୍ରକଳ୍ପର ମୁଖ୍ୟ ଗେଟ୍ ଭାଙ୍ଗି ଛିଣ୍ଡି ଝୁଲି ପଡିରହିଥିବା ଦେଖାଯାଇଛି । ଏଥିସହ ନିର୍ମାଣଧୀନ କୋଠାଘର ଗୁଡ଼ିକର ଚତୁଃପାର୍ଶ୍ୱରେ ମଦ ବୋତଲ ପଡ଼ିଥିବା ଦେଖାଯାଇଛି । ରେଢ଼ାଖୋଲ ରାଜା ରାଜୁଡି ଅମଳରୁ ଲୋକେ ପ୍ରଭୁ ପଞ୍ଚଖଣ୍ଡାଙ୍କୁ ମାନି ଆସୁଥିବାବେଳେ ମନ୍ଦିର ଚତୁପାର୍ଶ୍ୱରେ ପଡ଼ିରହିଛି ମଦ ବୋତଲ । ଏଥିପାଇଁ ଦାୟୀ କିଏ ପ୍ରଶାସନ ନା ରେଢ଼ାଖୋଲ ଜନସାଧାରଣ ନା ମନ୍ଦିର ପରିଚାଳନା କମିଟି ତାହା ସାଧାରଣରେ ଚର୍ଚ୍ଚା ପାଲଟିଛି । ଖାଲି ରେଢ଼ାଖୋଲ ନୂଆମୁଣ୍ଡା ପୂଜାହେଲେ ଏହା ଚକାଚକ୍ ହେଉଛି । ବାକି ଦିନରେ କିଏ ବା ପଚାରୁଛି ଏହି ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ । ଏଣୁ ପ୍ରଶାସନ ତଥା ରେଢ଼ାଖୋଲ ସଚେତନ ନାଗରିକ ମହଲଙ୍କୁ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଗର୍ଭବତୀ ଯୁବତୀଙ୍କୁ ବିବାହ ପାଇଁ ମନା କରି ଯୁବକ ଗିରଫ

କୁଚିଣ୍ଡା, (ନିପ୍ର): ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ପରେ ବିବାହ ପାଇଁ ମନା କରିବା ଅଭିଯୋଗରେ ଜମନକିରା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ପୋଲିସ ସୂଚନା ଅନୁଯାୟୀ, ମହୁଲପାଲି ଥାନା ଅନ୍ତର୍ଗତ ବାବୁନିକ୍ତିମାଲ ଗ୍ରାମର ନରେନ୍ଦ୍ର ପାରୁଆ (୨୫) ଏବଂ ଜମନକିରା ଥାନା ଅନ୍ତର୍ଗତ ନୂଆଡିହି ଗ୍ରାମର ମଙ୍ଗିତା ଡ଼ଙ୍ଗୋ (୨୫)ଙ୍କ ମଧ୍ୟରେ ୨୦୨୩ ମସିହାରୁ ପ୍ରେମ ସମ୍ପର୍କ ରହିଥିଲା । ନରେନ୍ଦ୍ର ମଙ୍ଗିତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ତେବେ ବର୍ତ୍ତମାନ ମଙ୍ଗିତା ଛଅ ମାସର ଗର୍ଭବତୀ ଥିବାବେଳେ ସେ ବିବାହ ପାଇଁ ନରେନ୍ଦ୍ରଙ୍କୁ କହିଥିଲେ । ମାତ୍ର ନରେନ୍ଦ୍ର ତାଙ୍କ ସହ ବିବାହ କରିବାକୁ ମନା କରିଦେଇଥିଲେ । ସେ ଏନେଇ ଜମନକିରା ଥାନାର ଦ୍ୱାରସ୍ଥ ହୋଇଥିଲେ ।

ଏନେଇ ପୋଲିସ ଜମନକିରା ଥାନା କେଶ ନଂ୧୦୫ /୨୦୨୬ ଭାରତୀୟ ନିୟା ସଂହିତା ଧାରା ୬୯ ଓ ୮୯ ରେ ମାମଲା ରୁଜୁ କରି ଶୁକ୍ରବାର ଅଭିଯୁକ୍ତ ନରେନ୍ଦ୍ର ପାରୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ତିଥି :(ପ୍ରତିପଦ): (ଜ୍ୟେଷ୍ଠ ବିଛା)
ଅମୃତ ବେଳା: ଦିବା ଘ ୮ ।୪୨୨ ଗତେ ଘ ୯ ।୫୮ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟମାନେ ଦୋଷଦୃଷ୍ଟିରହିତ ହୋଇ ଶ୍ରଦ୍ଧାପୂର୍ବକ ସର୍ବଦା ମୋର ଏହି ମତ ଅନୁସରଣ କରନ୍ତି, ସେମାନେ ମଧ୍ୟ ସମସ୍ତ କର୍ମବନ୍ଧନରୁ ମୁକ୍ତ ହୋଇଯାଆନ୍ତି ।।- ଶ୍ରୀମଦ୍ ଭଗବଦ୍ ଗୀତା

# ଚୀନର ପ୍ରସ୍ତୁତିରୁ ଆଭାସ

ଯୁଦ୍ଧଖୋରତା, ଯୁଦ୍ଧ ଜାରି ରହିବା ଓ ଯୁଦ୍ଧ ଆଶଙ୍କା ଲାଗି ରହିବା ସଂପ୍ରତି ଏକ ଜଟିଳ ସମସ୍ୟା ଭାବେ ଉଭା ହୋଇଛି । ଯଦିଓ ଚୀନ୍ ଘୋଷଣା କରିନାହିଁ, ମାତ୍ର ଉପଗ୍ରହ ଆଧାରିତ ଚିତ୍ର ଦର୍ଶାଇ ଦେଇଛି ଯେ ସିନଜିଆଙ୍ଗ ପ୍ରଦେଶର ସାଇଲୋ ମରୁଭୂମି ଅଞ୍ଚଳରେ ଅଷ୍ଟକୋଣ ଆକୃତିରେ ୨ଟି ସାମରିକ ପରିସର ନିର୍ମାଣ କରୁଛି, ଯାହାକୁ ଉତ୍ତର ଅଷ୍ଟକୋଣ ଓ ଦକ୍ଷିଣ ଅଷ୍ଟକୋଣ କୁହାଯାଇପାରେ । ପୁଣି ଚତୁଃପାର୍ଶ୍ୱରେ ଶତାଧିକ ଲଞ୍ଚ ପ୍ୟାଡ୍ ନିର୍ମିତ ହୋଇରହିଛି । ମୋଟ ଉପରେ ଚୀନ୍ ଏକ ବିଶାଳ ସମ୍ଭାବ୍ୟ ଆଣବିକ ପରିସର ନିର୍ମାଣ କରୁଛି, ଯେଉଁଥିରେ ଏୟାର ଡିଫେନ୍ସ ସିଷ୍ଟମ, ବୈଦ୍ୟୁତିକ ଯୁଦ୍ଧ ଯାତ୍ରା, ଉପକରଣ ଓ ଉପଗ୍ରହ ଯୋଗାଯୋଗ ପ୍ରଣାଳୀ ବ୍ୟବସ୍ଥା ବିଦ୍ୟମାନ ।

ସ୍ମରଣ କରାଯାଇପାରେ ତାଇୱାନ ପ୍ରସଙ୍ଗରେ ଚୀନ ଓ ଆମେରିକା ମଧ୍ୟରେ ବିବାଦ ବଳବତ୍ତର ଥିବା କାରଣରୁ ଯଦି ତାଇୱାନ ପ୍ରସଙ୍ଗରେ ଆମେରିକା ହସ୍ତକ୍ଷେପ କରେ, ଅର୍ଥାତ୍ ଏହି ହସ୍ତକ୍ଷେପ ମଧ୍ୟରେ ସାଇଲୋ ସ୍ଥିତ କେନ୍ଦ୍ର ଧ୍ୱଂସ କରିବାକୁ ଉଦ୍ୟମ କରେ, ତେବେ ଚୀନ ଏହାର ଦୃଢ ପ୍ରତିଜବାବ ଦେବ, ବିଶେଷଜ୍ଞମାନେ ଏପରି କଳ୍ପନାଜଳ୍ପନା ମଧ୍ୟରେ ରହିଛନ୍ତି । କେବଳ ଆମେରିକା କାହିଁକି ଏକାଧିକ ପ୍ରସଙ୍ଗରେ ଭାରତ ସହ ଚୀନର ଜଟିଳତା ରହିଛି । ଏ ଦୃଷ୍ଟିରୁ ଚୀନର ବର୍ଦ୍ଧିଷ୍ଣୁ ପରମାଣୁ ଶକ୍ତି, ଭାରତ ପାଇଁ ବିପଦ ଠିଆ କରାଇପାରେ । ଚୀନର ବର୍ଦ୍ଧିଷ୍ଣୁ ସାମରିକ ଶକ୍ତି ଆମେରିକା ପାଇଁ ଉଦ୍‌ବେଗ ବଢାଉଥିବାର ସୂଚନା ମଧ୍ୟ ମିଳେ ।

ସିଙ୍ଗାପୁରରେ ନିକଟରେ ଆୟୋଜିତ ହୋଇଥିଲା 'ସାଙ୍ଗ୍ରିଲା ଡାଏଲଗ୍' । ଏଥିରେ ଆମେରିକା ପ୍ରତିରକ୍ଷା ସଚିବ ପି. ହେଗସେଥ୍ ଏସୀୟ ସହଯୋଗୀମାନଙ୍କୁ ସାମରିକ ଖର୍ଚ୍ଚ ବଢାଇବା ଲାଗି ଆହ୍ୱାନ ଦେବା ପରୋକ୍ଷରେ ସୂଚାଏ ଯେ ଚୀନ ଯେହେତୁ ତାହାର ସାମରିକ ଶକ୍ତି ପରିସର ବଢାଉଛି ସେଥିରୁ ବର୍ତ୍ତିବାର ଉପାୟ ହେଉଛି ସାମରିକ ଖର୍ଚ୍ଚ ବୃଦ୍ଧି । ପ୍ରତିରକ୍ଷା ଖର୍ଚ୍ଚ ଜିଡିପିର ୩.୫ ପ୍ରତିଶତକୁ ବୃଦ୍ଧି କରିବାକୁ ଏହି ପଦାଧିକାରୀ ଏସୀୟ ସହଯୋଗୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସାମରିକ ସମ୍ମେଳନ ନୁହେଁ, ବରଂ ସାମରିକ ସାମର୍ଥ୍ୟ ଅଧିକ ବାସ୍ତବ ତଥା ପ୍ରାସଙ୍ଗିକ । ଆମେରିକା ଏବେ ଏହି ଦୃଷ୍ଟିକୋଣ ହିଁ ରଖିଛି । ଆମେରିକା-ଚୀନ ସଂପର୍କ ପରିପ୍ରେକ୍ଷୀରେ ପୂର୍ବାପେକ୍ଷା ଚୀନ ସହ ସଂପର୍କ ସୁଧୁରିଛି । କାରଣ ନିକଟରେ ଚୀନ ଗସ୍ତ କରିଥିଲେ ଟ୍ରମ୍ପ । ଆମେରିକା ଏହାର ସହଯୋଗୀ ଦକ୍ଷିଣକୋରିଆ, ଫିଲିପାଇନସ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ମାଲେସିଆ ପ୍ରଭୃତି ଅବଦାନ ରଖୁଥିବା ଦୃଷ୍ଟିରୁ ହେଗସେଥ ସେମାନଙ୍କୁ ପ୍ରଶଂସା କରିଛନ୍ତି । ଏହା ଦର୍ଶାଇ ଦେଇଛି ଯେ ଆମେରିକା ସେମାନଙ୍କ ଠାରୁ ଅଧିକ ସହଯୋଗ ଲୋଡ଼ିବା ପଣରେ ରହିଛି । ଇରାନ ପରିପ୍ରେକ୍ଷୀରେ ଏହି ପ୍ରତିରକ୍ଷା ସଚିବଙ୍କ ବିବୃତିରୁ ଧାଡ଼ିଏ ହେଉଛି, ଯଦି ଆବଶ୍ୟକ ପଡ଼େ ପୁଣି ଆରମ୍ଭ କରିବୁ, ଆମର ସାମର୍ଥ୍ୟ ରହିଛି, ଆମେ ସମର୍ଥଠାରୁ ଅଧିକ । ଏ ବିବୃତି କି ବାର୍ତ୍ତା ଦିଏ ? ସମଗ୍ର ପ୍ରକରଣକୁ ଅନୁଶୀଳନ କଲେ, ପ୍ରତୀୟମାନ ହୁଏ ଯେ ଆମେରିକା, ଚୀନ ନେଇ ଯଦି କିଛି ଗଡ଼ବଡ଼ କରେ ବା ତାଇୱାନ ହାତେଇବାକୁ ଉଦ୍ୟମ କରେ, ତେବେ ନିଶ୍ଚୟ ଚୀନ ଶକ୍ତଫଣା ତୋଳିବା ନିଶ୍ଚିତ ।

# ବାପା ଓ ମା'ଙ୍କ ପାଇଁ ଦିନଟିଏ ପାଳନ, ଯଥେଷ୍ଟ କି ?

## ପ୍ରଦୀପ୍ତ କୁମାର କର

ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେହି ବାପା'ମା ଏହି ଦୁଇ ଦେବତା ତୁଲ୍ୟ ମନୁଷ୍ୟ ନିଜ ସନ୍ତାନସନ୍ତତିମାନଙ୍କୁ ଯେପରି ଭାବରେ ସମାଜରେ ପାଞ୍ଚ ଲୋକରେ ମଣିଷ ଭଳିଆ ମଣିଷ କରି ଛିଡା କରାଇବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦିଅନ୍ତି, ନିଜେ ବେଳେ ବେଳେ ନ ଖାଇ ଯେପରି କଷ୍ଟ କରନ୍ତି ତାହା କେବଳ ଅନୁଭବୀ ହିଁ ବୁଝି ପାରିବେ । ସେହି କଥାକୁ ପାଥେୟ କରି ଯଦି ଚିନ୍ତା କରିବା ତେବେ ଏହି ଯେଉଁ ମାତୃ ଦିବସ ବା ପିତୃ ଦିବସ ପାଳନର କୌଣସି ପ୍ରକାରର ଆବଶ୍ୟକତା ନାହିଁ । ସାରା ଜୀବନ ଯଦି ଗୋଟିଏ ସନ୍ତାନ ତା ବାପା ଓ ମାଙ୍କ ପାଇଁ ଉତ୍ସର୍ଗ କରି ଦିଏ ତେବେ ବି ସେମାନଙ୍କ ପାଖରେ ଆମେ ଏତେ ପରିମାଣରେ ଋଣୀ ହୋଇ ରହିବା ଯେ ଆମର ଯେତେ ଜନ୍ମ ହେଲେ ବି ତାହା ଶୁଝି ପାରିବା ନାହିଁ ।

କେହି କେହି ବୃଦ୍ଧ ବାପା ଓ ମା'ଙ୍କୁ ନେଇ ବୃଦ୍ଧାଶ୍ରମରେ ଛାଡି ଦେଇ ତାଙ୍କର ପ୍ରତି ପାଳନ କରିବାକୁ କିଛି ଟଙ୍କା କେବଳ ଆଶ୍ରମ କର୍ମକର୍ତ୍ତାଙ୍କୁ ଦେଇ ନିଶ୍ଚିତରେ ରହି ଯାଆନ୍ତି । ସେମାନେ ଭାବି ପାରନ୍ତି ନାହିଁ ଯେ ତାଙ୍କ ନିଜର ଭବିଷ୍ୟତ ତାଙ୍କ ସନ୍ତାନମାନଙ୍କ ଦ୍ୱାରା ତାଙ୍କର କ'ଣ ହେବ । କେହି କେହି ନିଜ ବାପା ମା'ଙ୍କୁ ସେହିପରି ତାଙ୍କ ଭାଗ୍ୟ ଉପରେ ଛାଡ଼ି ଦେଇ ଅନେକ ଅସୁବିଧାରେ ଛାଡି ଦେଇ ଚାଲିଯାଆନ୍ତି । କେହି କେହି ମଧ ବୃଦ୍ଧ ପିତାମାତାଙ୍କୁ ମାଡ ଦେବାକୁ ଆଗେଇ ଆସନ୍ତି । ତେବେ ଏହିପରି ସନ୍ତାନମାନେ କିନ୍ତୁ କେବେ ବି ଏହି ଦିବସକୁ ଜାକଜମକରେ ପାଳନ କରିବାକୁ ଭୁଲନ୍ତି ନାହିଁ । ତେବେ ମୋଟାମୋଟି ଭାବରେ କହିବାକୁ ଗଲେ ଯଦି ଆମେ ସନ୍ତାନମାନେ ବାପା ମାଙ୍କ ପ୍ରତି ଆମର କର୍ତ୍ତବ୍ୟକୁ ଆନ୍ତରିକତା, ଧୈର୍ଯ୍ୟ ଓ ସୁଚାରୁ ରୂପେ ପାଳନ କରିବା ସହିତ ତାଙ୍କ ସହିତ ଯେତେ ସମୟ ଅଧିକ କଥାବାର୍ତ୍ତା ହୋଇ ପାରିବା ତେବେ ସେମାନଙ୍କୁ ଏହା ଶାନ୍ତି ପ୍ରଦାନ କରିଥାଏ ।

ଛୋଟ କାହାଣୀଟିଏ । ଜଣେ କୋଟିପତି ବ୍ୟବସାୟୀଙ୍କ ସ୍ତ୍ରୀଙ୍କ ମୃତ୍ୟୁ ପରେ ଯେତେବେଳେ ସେ ମାନସିକ ଚିନ୍ତାଗ୍ରସ୍ତ ହୋଇ ଗଲେ ସେତେବେଳେ ନିଜ ପୁଅ ଓ ବୋହୂଙ୍କୁ ବ୍ୟବସାୟ ଭାର ଦେଇଦେଲେ ଓ ଧୀରେ ଧୀରେ ସେ ଶଯ୍ୟାଶାୟୀ ହେବାକୁ ଲାଗିଲେ ଏହା ଦେଖି ପୁଅ ଓ ବୋହୂ ଡାକ୍ତର ଡାକି ତାଙ୍କର ଚିକିତ୍ସା ଆରମ୍ଭ କଲେ ଓ ତାଙ୍କର ପାଖରେ ବୁଝାବୁଝି ପାଇଁ ଏକ ନର୍ସ ରଖିଲେ । ବ୍ୟବସାୟୀ ଜଣକ ସାରା ଦିନ ସେହି ନର୍ସଙ୍କ ସହିତ ବିଭିନ୍ନ କଥାବାର୍ତ୍ତା ହୋଇ ସମୟ କଟାଇବା ମଧ୍ୟରେ ଧୀରେ ଧୀରେ ଦିନକୁ ଦିନ ଅଧିକ ସୁସ୍ଥ ହେବାକୁ ଲାଗିଲେ ଏହା ଦେଖି ଡାକ୍ତର ବାବୁ ସେହି ଲୋକର ପୁଅକୁ କହିଲେ ଯେ ଆଜ୍ଞା, ଏବେ ଆପଣଙ୍କ ବାପାଙ୍କ ଆଉ କୌଣସି ପ୍ରକାରର ଚିକିତ୍ସାର ଆବଶ୍ୟକତା ନାହିଁ ତାଙ୍କର ଯାହା ଦରକାର ତାହା ହେଉଛି କେବଳ ତାଙ୍କ ସହିତ ଦିନ ସାରା କେହି ଜଣେ ରହି କଥାବାର୍ତ୍ତା ହେବା ଉଚିତ ତେବେ ସେ ତାଙ୍କର ମାନସିକ ଚିନ୍ତାଗ୍ରସ୍ତ ରୋଗରୁ ମୁକ୍ତି ପାଇବେ । ଏହି ଗପର ସାରମର୍ମ ଏହି ଯେ ଆମ ବାପା ଓ ମା ଆମର ଧନ ସମ୍ପତ୍ତି ଉପରେ ଧ୍ୟାନ ଦିଅନ୍ତି ନାହିଁ ଧ୍ୟାନ ଦିଅନ୍ତି କେବଳ ଆମର ତାଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା । ଆମେ ମଧ ପୁରାଣ , ବିଭିନ୍ନ ଧର୍ମ ଗ୍ରନ୍ଥ , ଇତିହାସରୁ ସନ୍ତାନର ବାପା ମା'ଙ୍କ ପ୍ରତି ସମ୍ମାନ , ଅନାବିଳ ସ୍ନେହ ପ୍ରେମ,ପିତା ମାତାଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗୀକୃତର ଅନେକ ନିଦର୍ଶନ ଦେଖିବାକୁ ପାଇଛନ୍ତି । ସେହିପରି ଏକ ଉଦାହରଣ ହେଉଛି ଶ୍ରବଣ କୁମାର ଯିଏ କି ନିଜ ଅନ୍ଧ ବୃଦ୍ଧ ପିତାମାତାଙ୍କୁ ତାଙ୍କର ଇଚ୍ଛା ପୂରଣ କରିବାକୁ ନିଜ କାନ୍ଧରେ ଶିକା ଦ୍ୱାରା ବିଭିନ୍ନ ଧର୍ମ ସ୍ଥାନ ବୁଲାଇ ଥିଲେ । ସୂର୍ଯ୍ୟବଂଶୀ ରାଜା ଦଶରଥଙ୍କ ପୁତ୍ର ରାମଚନ୍ଦ୍ର ପିତାଙ୍କ ଆଦେଶ ପାଳନ କରି ନିଜର ରାଜା ହେବାକୁ ଥିବାବେଳେ ତାହା ତ୍ୟାଗ କରି ବନବାସୀ ହୋଇଥିଲେ । ପିତାମହ ଭୀଷ୍ମ ନିଜ ପିତାଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ଯାଇ ସାରା ଜୀବନ ଅବିବାହିତ ରହିଥିଲେ । ସେହିପରି ରାଜା ପୁରୁ ତାଙ୍କର ଅନ୍ୟ ଭାଇମାନେ ବାପାଙ୍କ ଇଚ୍ଛା ପୂରଣ କରିବାକୁ ଯେତେବେଳେ ବାପା ଯଯାତିଙ୍କ ବୟସ ନିଜ ଉପରକୁ ନେଇ ନେବାକୁ ମନା କରିଦେଲେ ସେତେବେଳେ ରାଜା ପୁରୁ ଏକ ପୁତ୍ରର ସୁନ୍ଦର ଉଦାହରଣ ଦେଇ ତାଙ୍କ ବାପାଙ୍କ ବୟସ ନିଜ ଉପରକୁ ନେଇ ଯାଇଥିଲେ ଓ ପରବର୍ତ୍ତୀ ସମୟରେ ସଂସାର ସୁଖ କରିବା ପାଇଁ ଛାଡ଼ି ଦେଇଥିଲେ ଯାହା ଯୁଗ ଯୁଗ ପାଇଁ ଏକ କିମ୍ବଦନ୍ତୀ ହୋଇ ରହିଛି । ଏତେ ସବୁ କଥା କହିବାର ଅର୍ଥ ଏହା ଯେ କେବେ ବି ଆମ ଜନ୍ମ କରିଥିବା ବାପା ମା ହୁଅନ୍ତୁ ବା ସମୟ ସମୟରେ ଅନ୍ୟର ସନ୍ତାନ ବା ଏକ ଅନାଥ ସନ୍ତାନକୁ ପୋଷ୍ୟ ଭାବେ ଗ୍ରହଣ କରିଥିବା ବାପା ମା କେବେ ବି ନିଜର ସନ୍ତାନକୁ ଅବହେଳା କରନ୍ତି ନାହିଁ ତେଣୁ ଆମ ସନ୍ତାନମାନଙ୍କ ପ୍ରଥମ କର୍ତ୍ତବ୍ୟ ହେଉଛି ସନ୍ତାନମାନେ ଯେପରି ଅବସ୍ଥାରେ ଥିଲେ ମଧ କେବେ ବି ନିଜ ପିତାମାତାଙ୍କୁ ଅବହେଳା କରିବା ଉଚିତ ନୁହେଁ କି ଆଧୁନିକତାର ବଶବର୍ତ୍ତୀ ହୋଇ ଫାଦର ଡେ ଓ ମଦର ଡେ ଦିନ ଲୋକ ଦେଖାଣିଆ ପାଳନ କରିବାର କୌଣସି ଆବଶ୍ୟକତା ନାହିଁ । ବାପା ଓ ମାଙ୍କ ବିଷୟରେ କିଛି କହିବା ପାଇଁ ଆମକୁ ଆଗରୁ ପ୍ରସ୍ତୁତ ହେବାକୁ ପଡ଼େ ନାହିଁ ।ଆମେ ସମସ୍ତେ ନିଶ୍ଚିତ ଭାବରେ ଜଣେ ବାପା ଓ ମାଙ୍କ ଦ୍ୱାରା ହିଁ ଏ ପୃଥିବୀ ପୃଷ୍ଠକୁ ଆସିଛନ୍ତି ତେଣୁ ଆମର ପ୍ରଥମ କର୍ତ୍ତବ୍ୟ ହେଉଛି ତାଙ୍କୁ ସମ୍ମାନ ଦେବା ଓ ନିସ୍ୱାର୍ଥପର ଭାବେ ତାଙ୍କ ସେବା କରିବା ।

ମୋ-୯୮୬୧୦୭୫୪୦୪

# ମହାନଦୀ ଜଳ ସୁପରିଚାଳନା

## ବିଷ୍ଣୁ ପ୍ରସାଦ ଦାସ

**"ବର୍ତ୍ତମାନ ଏହି ନଦୀର ଜଳ ପରିଚାଳନା ତଥା ଜଳ ବଣ୍ଟନକୁ ନେଇ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି । ମହାନଦୀ ନଦୀ ଅବବାହିକା ଭାରତର ୮ମ ବୃହତ୍ତମ ନଦୀ ଅବବାହିକା, ଯାହାର ମୋଟ ଜଳଭଣ୍ଡାର କ୍ଷେତ୍ରଫଳ ୧,୩୯, ୬୮୧.୫୧ ବର୍ଗ କିଲୋମିଟର । ଯାହା ଦେଶର ମୋଟ ଭୌଗୋଳିକ କ୍ଷେତ୍ରଫଳର ୪.୨୮% ଅଟେ । ଛତିଶଗଡ଼ ସରକାର ତାଙ୍କ ରାଜ୍ୟରେ ଜଳସେଚନ ନିମନ୍ତେ ଅନେକ ଡ୍ୟାମ୍ / ଜଳ ଭଣ୍ଡାର ନିର୍ମାଣ କରିବା ଦ୍ୱାରା ମହାନଦୀର ଜଳ ପୂର୍ବବତ୍ ହୀରାକୁଦ ଜଳ ଭଣ୍ଡାର ଭିତରକୁ ପ୍ରବେଶ କରିପାରୁନାହିଁ । ହୀରାକୁଦ ଜଳଭଣ୍ଡାରର ସର୍ବନିମ୍ନ ଜଳଧାରଣ କ୍ଷମତା ଠାରୁ ଜଳ ସ୍ତର କମିବାର ଉପକ୍ରମ କରୁଛି । ଏହା ଓଡ଼ିଶାବାସୀଙ୍କ ଲାଗି ଚିନ୍ତାଜନକ ବିଷୟ ହୋଇ ଉଠିଛି ।**

ମହାନଦୀ ଭାରତର ଛତିଶଗଡ଼ ପ୍ରଦେଶର ବସ୍ତର ମାଳଭୂମିରେ ଅବସ୍ଥିତ ଅମରକଣ୍ଟକ ପର୍ବତରୁ ଜନ୍ମ ନେଇଛି । ଦୀର୍ଘ ୮୫୧ କିଲୋମିଟର ପଥ ଅତିକ୍ରମ କରି ବଙ୍ଗୋପସାଗରରେ ମିଶିଛି । ଓଡ଼ିଶା ପ୍ରଦେଶ ପାଇଁ ମହାନଦୀର ଅନେକ ଅବଦାନ ରହିଛି । ତେଣୁ ଏହାକୁ ଓଡ଼ିଶାର ଜୀବନ ରେଖା କୁହାଯାଏ । ମହାନଦୀର ଅନେକ ନାମ ଅଛି ସେଗୁଡିକ ହେଲା କନକ ନନ୍ଦିନୀ, ଚିତ୍ରୋତ୍ପଳା , ନୀଳୋତ୍ପଳା, ମହାନନ୍ଦା, ମହାଶ୍ୱେତା ଇତ୍ୟାଦି । ଚିର ସ୍ରୋତା ନଦୀ ହୋଇ ନ'ଥିବାରୁ କେବଳ ବର୍ଷା ଋତୁରେ ବୃଷ୍ଟିକୁ ପାଥେୟ କରି ଏଥିରେ ଆବଶ୍ୟକତା ଠାରୁ ଅଧିକ ଜଳ ପ୍ରବାହିତ ହୋଇଥାଏ । ଯାହାକି ଅନେକ ସମୟରେ ଧନ,ଜୀବନ ପ୍ରତି ବିପଦ ସାବ୍ୟସ୍ତ ହୋଇଛି । ବର୍ଷସାରା କୃଷି କ୍ଷେତ୍ରକୁ ଜଳ ଯୋଗାଇବା, ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ ସରକାରଙ୍କ ଦ୍ୱାରା ଜଳଭଣ୍ଡାର ସୃଷ୍ଟିକରିବା କାର୍ଯ୍ୟ ମଧ୍ୟ ସମ୍ପାଦନ ହୋଇଛି । ମହାନଦୀ ଉପରେ ଗଢ଼ି ଉଠିଥିବା ଡ୍ୟାମ୍‌ମାନଙ୍କ ମଧ୍ୟରୁ ହୀରାକୁଦ ଡ୍ୟାମ୍ ( ଓଡ଼ିଶା) ଅନ୍ୟତମ । ମହାନଦୀ ସମୁଦାୟ ୮୫୧ କିଲୋମିଟର ପଥ ମଧ୍ୟରୁ ଛତିଶଗଡ଼ରେ ୩୫୭ କିଲୋମିଟର ଏବଂ ଓଡ଼ିଶାରେ ୪୯୪ କିଲୋମିଟର ପଥ ଅତିକ୍ରାନ୍ତ କରିଛି । ଏଥିରୁ ଅନୁମେୟ ଛତିଶ ଗଡ଼ ଠାରୁ ଓଡିଶା ପ୍ରଦେଶରେ ମହାନଦୀ ୧୩୭ କିଲୋମିଟର ଅଧିକ ପଥ ଅତିକ୍ରମ କରିଛି ।

ବର୍ତ୍ତମାନ ଏହି ନଦୀର ଜଳ ପରିଚାଳନା ତଥା ଜଳ ବଣ୍ଟନକୁ ନେଇ ଏକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇଛି । ମହାନଦୀ ନଦୀ ଅବବାହିକା ଭାରତର ୮ମ ବୃହତ୍ତମ ନଦୀ ଅବବାହିକା, ଯାହାର ମୋଟ ଜଳଭଣ୍ଡାର କ୍ଷେତ୍ରଫଳ ୧,୩୯, ୬୮୧.୫୧ ବର୍ଗ କିଲୋମିଟର । ଯାହା ଦେଶର ମୋଟ ଭୌଗୋଳିକ କ୍ଷେତ୍ରଫଳର ୪.୨୮% ଅଟେ । ଛତିଶଗଡ଼ ସରକାର ତାଙ୍କ ରାଜ୍ୟରେ



ଜଳସେଚନ ନିମନ୍ତେ ଅନେକ ଡ୍ୟାମ୍/ ଜଳ ଭଣ୍ଡାର ନିର୍ମାଣ କରିବା ଦ୍ୱାରା ମହାନଦୀର ଜଳ ପୂର୍ବବତ୍ ହୀରାକୁଦ ଜଳ ଭଣ୍ଡାର ଭିତରକୁ ପ୍ରବେଶ କରିପାରୁନାହିଁ । ହୀରାକୁଦ ଜଳଭଣ୍ଡାରର ସର୍ବନିମ୍ନ ଜଳଧାରଣ କ୍ଷମତା ଠାରୁ ଜଳ ସ୍ତର କମିବାର ଉପକ୍ରମ କରୁଛି । ଏହା ଓଡ଼ିଶାବାସୀଙ୍କ ଲାଗି ଏକ ଚିନ୍ତାଜନକ ବିଷୟ ହୋଇ ଉଠିଛି । ହୀରାକୁଦ ଜଳ ଭଣ୍ଡାରର ଜଳଧାରଣ କ୍ଷମତା ଉପରେ ବିଦ୍ୟୁତ ଶକ୍ତି ଉତ୍ପାଦନ ନିର୍ଭର କରିବା ସହିତ କୃଷିକ୍ଷେତ୍ର ପାଇଁ ଜଳ ଯୋଗାଣ ଓଡ଼ିଶା ପାଇଁ ଏକ ଆହ୍ୱାନ ପାଲଟିଛି । ବର୍ଷ ବର୍ଷ ଧରି ଓଡ଼ିଶା ପ୍ରଦେଶ ଏହା ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ ମଧ୍ୟ ଆନ୍ତରିକତାର ଅଭାବ, ଘୃଣ୍ୟ ରାଜନୀତି ଏଥିରେ ବାଧକ ସାଜିଛି । ଆପୋସ ସମାଧାନ ବଦଳରେ ଦୁଇ ପଡ଼ୋଶୀ ରାଜ୍ୟ ଭିତରେ ଅହେତୁକ କାଳକ୍ଷେପଣ ନୀତି ପରିସ୍ଥିତିକୁ ଜଟିଳ କରି ଦେଇଛି । ନ୍ୟାୟିକ ପ୍ରଣାଳୀରେ ଟ୍ରିବ୍ୟୁନାଲ ଦ୍ୱାରା ମଧ୍ୟ ଏହା ବର୍ତ୍ତମାନ ସୁଦ୍ଧା ସମାଧାନ ହୋଇପାରିଲାନାହିଁ । ନିକଟ ଅତୀତରେ ଟ୍ରିବ୍ୟୁନାଲର ସଦସ୍ୟମାନେ ଆସି ସରଜମିନ ତଦନ୍ତ କରିଯାଇଛନ୍ତି । ଦୁଇ ରାଜ୍ୟର ଜନତା କେବଳ ଟ୍ରିବ୍ୟୁନାଲର ନିଷ୍ପତ୍ତି ଅପେକ୍ଷାରେ ରହିଛନ୍ତି ।

୧୯୫୭ ଜାନୁଆରୀ ୧୩ ତାରିଖ ଦିନ ଉଦ୍ଘାଟିତ ହୋଇଥିବା ମହାନଦୀ ଉପରେ ହୀରାକୁଦ ଡ୍ୟାମ୍ ପୃଥିବୀର ସବୁଠାରୁ ଦୀର୍ଘତମ ମାଟି ବନ୍ଧ ଏହା ଓଡ଼ିଶାର ସମ୍ବଲପୁର ସହର ଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଅବସ୍ଥିତ । କଂକ୍ରିଟ ବନ୍ଧର ଗୋଟିଏ ପଟେ ହୀରାକୁଦ ଟାଉନ ଏବଂ ଅନ୍ୟ ପଟେ ବୁର୍ଲା ଟାଉନ ଅବସ୍ଥିତ । ୧୯୮୦ ମସିହା ମଧ ଭାଗରୁ ମହାନଦୀ ଜଳ ବିବାଦର ସୂତ୍ରପାତ ଆରମ୍ଭ ହୋଇଛି । ହୀରାକୁଦର ଉପର ମୁଣ୍ଡରେ ଛତିଶଗଡ଼ ସରକାର ଏକାଧିକ ଜଳଭଣ୍ଡାର କରିଛନ୍ତି ତନ୍ମଧ୍ୟରୁ ମିନି ମାତା ଡ୍ୟାମ୍,ଆଗରିଆ ଡ୍ୟାମ୍, ଆମଚୁହା ଡ୍ୟାମ୍, ଆଡ଼ପଥର ଡ୍ୟାମ୍ ଇତ୍ୟାଦି ଅନ୍ୟତମ । ସେହି ସମୟରୁ ଓଡିଶା ମହାନଦୀ ଜଳ ବଣ୍ଟନ ପାଇଁ ଚିନ୍ତିତ ଥିଲା । ଅନେକ ଆଲୋଚନା, ସମାଲୋଚନା, ରାଜନୈତିକ ଆରୋପ,ପ୍ରତ୍ୟାରୋପ, ରାଜ୍ୟ, କେନ୍ଦ୍ର ଭିତରେ ଅହଂଭାବ ଲାଗି ବୁଝାମଣାର ଅଭାବ ତଥା ନ୍ୟାୟିକ ପ୍ରକ୍ରିୟା ମଧ ଦେଇ ଆଜି ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ହୋଇପାରୁନାହିଁ । ନେତା ମନ୍ତ୍ରୀ ସମସ୍ତେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି , ଆଖିରୁ ମିଛ ଲୁହ ଝରାଇ ଅଭିନୟ କରୁଛନ୍ତି । ବିଡ଼ମ୍ବନା ଏହିକି ଯେ, ପୂର୍ବବତ୍ ଓଡ଼ିଶାରେ ମହାନଦୀ ଯେମିତି ଶୁଖିଲା ଥିଲା ଠିକ୍ ସେମିତି ଭାଗ୍ୟକୁ ଆଦରି ଶୁଖିଲା ରହିଛି ।

କେନ୍ଦ୍ର, ରାଜ୍ୟ, ପଡୋଶୀ ଛତିଶଗଡ଼ ସରକାର ଚାହିଁଲେ ଏହି ସମସ୍ୟା ଖୁବ୍‌ଶୀଘ୍ର ଦୂର ହୋଇପାରିବ । ତାହା ଛଡା ଓଡ଼ିଶା ସରକାର ହୀରାକୁଦ ଡ୍ୟାମ୍ ତଳ ମୁଣ୍ଡରେ ଅନେକ ଚେକ ଡ୍ୟାମ୍, ବ୍ୟାରେଜ୍ କରି ବର୍ଷାଦିନେ ସମୁଦ୍ରକୁ ବୋହି ଯାଉଥିବା ଜଳକୁ ସଂରକ୍ଷଣ କରି ରଖି ପାରିବେ । ସେଥି ମଧ୍ୟରୁ ଟିକରପଡା ଏବଂ ନାରାଜ( ବର୍ତ୍ତମାନ୍ ନରାଜ ଠାରେ ଗୋଟାଏ ବ୍ୟାରେଜ୍ ରହିଛି) ଠାରେ ଯଦି ଦୁଇଟି ମଧ୍ୟମ ଧରଣର ଡ୍ୟାମ୍ ହୋଇପାରନ୍ତା । ତେବେ କୃଷି କାର୍ଯ୍ୟ ପାଇଁ ଜଳ ସଂରକ୍ଷଣ କରାଯାଇ ପାରନ୍ତା ବୋଲି ମୋର ବିଶ୍ୱାସ । ତେବେ ବୈଷୟିକ ଟିମ୍ ତଥା ଯନ୍ତ୍ରୀମାନେ କ'ଣ ନିର୍ଣ୍ଣୟ ନେବେ ତାହା ଭବିଷ୍ୟତ କହିବ । ଭୂତଳ ଜଳସ୍ତର ହ୍ରାସ ଏବେ ପୃଥିବୀର ଅନେକ ଦେଶର ବଡ଼ ବଡ଼ ସହରରେ ଦେଖା ଦେଲାଣି, ଭାରତର ଦିଲ୍ଲୀ , ବେଙ୍ଗାଲୁରୁ ତଥା ଗଙ୍ଗା ନଦୀର ଅବବାହିକାରେ ଭୂତଳ ଜଳ ସ୍ତର କମି କମି ଯାଉଛି । ଦିଲ୍ଲୀ ଏବଂ ବେଙ୍ଗାଲୁରୁ ସହରବାସୀ ପାନୀୟ ଜଳ ପାଇଁ ହା'ହା କାର ଡାକ ଦେଲେଣି । ସେହିପରି ଓଡ଼ିଶାର ମହାନଦୀର ଅବବାହିକାର ପାର୍ଶ୍ୱବର୍ତ୍ତୀ ସହର, ଗ୍ରାମଗୁଡିକ ଗ୍ରୀଷ୍ମ ଦିନେ ପାନୀୟ ଜଳ ପାଇଁ ଡହଳ ବିକଳ ହେଉଛନ୍ତି । ଶୁଷ୍କ ମହାନଦୀ ଆଜି କାନ୍ଦୁଛି, ତାହାର କୋଳରେ ପ୍ରବାହିତ ହେଉଥିବା ଜଳ ଆଜି ନାହିଁ କେବଳ ଉତ୍ତପ୍ତ ବାଲୁକା ରାଶି ଦେଖିବାକୁ ମିଳୁଛି । କିନ୍ତୁ ଏଥିପ୍ରତି ସରକାରଙ୍କର କୌଣସି ନିଘା ନାହିଁ ବା ଅନ୍ତରରୁ ଆଗ୍ରହ ମଧ ନାହିଁ । ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ଆଜିକାଲି ଗାନ୍ଧୀ, ଗୋପବନ୍ଧୁ, ମଧୁବାବୁଙ୍କ ପରି ହେବାକୁ ଚାହୁଁ ନାହାନ୍ତି ।

କଥାରେ ଅଛି ନିଜେ ବଞ୍ଚିଲେ ବାପର ନାଁ । ତେଣୁ କାହାରି ଆଗ୍ରହ ନାହିଁ ବୋଲି ସ୍ପଷ୍ଟ ମନେ ହୁଏ । ମିଳିତ ଜାତିସଙ୍ଘ ଏବଂ ବୈଜ୍ଞାନିକମାନେ ଚେତାବନୀ ଦେଇ ସାରିଲେଣି ଦେଶରେ ପ୍ରାୟ ୧.୫ ଡିଗ୍ରୀ ସେଲସିୟସ ତାପମାତ୍ରା ବଢିବ ଏଥିରେ ସନ୍ଦେହନାହିଁ । ଏହି ଭବିଷ୍ୟ ବାଣୀକୁ ମୁକାବିଲା କରିବା ପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଅନ୍ୟଥା ପୋକ ମାଛି ପରି ଜଳ ବିନା ଜୀବନ ଦେବାକୁ ପଡ଼ିବ ବା ବୋତଲ ପାଣି କିଣି 'ଢୋକେ ପିଇ ଦଣ୍ଡେ ଜୀଇଁ' ପରି କାଳାତିପାତ କରିବାକୁ ପଡିପାରେ ।

ବାଦ ବିବାଦ ଛାଡି ଜନତାଙ୍କ ହିତ ଦୃଷ୍ଟିରୁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ଦରକାର । ଦଳୀୟ ସ୍ୱାର୍ଥକୁ ବାଦ୍ ଦେଇ ସମୂହ ସ୍ୱାର୍ଥ ଉପରେ ଗୁରୁତ୍ୱ ଦେବା ଶ୍ରେୟସ୍କର । ମାଗଣା ଯୋଜନାରେ ଭୋଟ କିଣିବାର ବା ଭୋଟରଙ୍କୁ ଆକୃଷ୍ଟ କରିବାର କୁତ୍ସିତ କଳା ତ୍ୟାଗ କରିବା ଉଚିତ । ସେହି ମାଗଣା ବାବଦକୁ ଖର୍ଚ୍ଚ ଅର୍ଥରେ ୫/୭ ବର୍ଷ ମଧ୍ୟରେ ନୂତନ ଜଳ ଭଣ୍ଡାର ସୃଷ୍ଟି ସମ୍ଭବ ହୋଇପାରିବ । କେନ୍ଦ୍ର, ରାଜ୍ୟ ପରସ୍ପର ସହିତ ହାତ ମିଳାଇ ସମସ୍ୟାର ସମାଧାନ କରି ପାରିଲେ ମହାନଦୀ ଛତିଶଗଡ଼ ଏବଂ ଓଡ଼ିଶା ଦୁଇଟି ପ୍ରଦେଶର ଜଳସଂକଟ ଦୂର କରିବା ସହିତ ଦୁଇଟି ରାଜ୍ୟକୁ ଭାରତର ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ କରିବ । ଓଡ଼ିଶା ରାଜ୍ୟ ଗରିବ ନୁହେଁ, ଖଣି ଖାଦାନ ତଥା ପ୍ରାକୃତିକ ସମ୍ପଦର ଭଣ୍ଡାର । ଏହାକୁ ସୁପରିଚାଳନା ନ'କରି ନେତା ମନ୍ତ୍ରୀମାନେ ନିଜ ସ୍ୱାର୍ଥ ପାଇଁ ଚିନ୍ତିତ ହେଉଛନ୍ତି । ଅହଂ ଭାବ, ଇଚ୍ଛା ଶକ୍ତିର ଅଭାବ , ଅସୂୟା ମନୋଭାବ ତଥା ହିଂସା ଏହିସବୁ ଉନ୍ନତିର ପରିପନ୍ଥୀ ଅଟେ । ରାଜ୍ୟର ନେତା, ମନ୍ତ୍ରୀ , ଯନ୍ତ୍ରୀ, କୃଷକ, ଶିଳ୍ପପତି, ବ୍ୟବସାୟୀ, ବୁଦ୍ଧିଜୀବୀ, ଜନସାଧାରଣ ସବୁ ଏକ ହୋଇ ସବୁ ଭେଦ ଭାବ ଭୁଲି ଆସନ୍ତୁ ଆମେ ଆମ ଓଡ଼ିଶାର ଜୀବନରେଖା ମହାନଦୀକୁ ବଞ୍ଚାଇବା । ଯେଉଁ ଗୋଡ଼ଟଣାମାନେ ବିରୋଧ କରୁଛନ୍ତି ସେମାନଙ୍କୁ ମଧ ମାନବିକତାର ଦୁହାଇ ଦେଇ ମହାନଦୀ ବଞ୍ଚାଇବା କାର୍ଯ୍ୟରେ ସାମିଲ କରିବା ଏହି ଲେଖାର ଉଦ୍ଦେଶ୍ୟ । ମହାନଦୀ ବଞ୍ଚିଲେ ଓଡ଼ିଶା ବଞ୍ଚିବ, ଓଡ଼ିଶା ବଞ୍ଚିଲେ ସାଢେ ଚାରିକୋଟିରୁ ପାଞ୍ଚ କୋଟି ଓଡ଼ିଶାବାସୀଙ୍କର ଅସ୍ମିତା ବଞ୍ଚିବ ।

କଟକ – ୭୫୩୦୦୯
ମୋ:୯୯୩୭୧୭୪୦୯୭

# କୃତ୍ରିମ ବୁଦ୍ଧିମତ୍ତା: ବିପ୍ଳବର ସ୍ୱପ୍ନ ଦେଖେ ନାହିଁ

## ମହାମେଘବାହନ ଐର ଖାରବେଳ ସ୍ୱାଇଁ

**"ମେସିନ୍‌ମାନେ କେବଳ ସଂଖ୍ୟା ଗଣନାକାରୀ ଯନ୍ତ୍ର ନୁହନ୍ତି । କିନ୍ତୁ ଶ୍ରମିକମାନେ ସେମାନଙ୍କର ଅସୁବିଧା ଏବଂ ଆଦର୍ଶଗତ ଦିଗ ପ୍ରତି ଆକର୍ଷଣ ଏବଂ ଏପରିକି ଏ କଥା ବି ଦେଖାଇଥିଲା ଯେ, ଏହି ସଂସ୍ଥାର ଶାଖାକୁ କେମିତି ବଢ଼ାଇବ । କିନ୍ତୁ ଏ ସମ୍ପର୍କରେ ନିଷ୍ପତ୍ତି ନେବା ପୂର୍ବରୁ ଏହା ପ୍ରଶ୍ନ କରାଯିବା ଉଚିତ, ଆମେ ବାସ୍ତବରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦେଖୁଛୁ କ'ଣ ? କୃତ୍ରିମ ବୁଦ୍ଧିମତ୍ତା ପଦ୍ଧତି ବାସ୍ତବରେ ଏକ ରାଜନୈତିକ ବିଷୟ ହେବାରେ ଲାଗିଛି ଅବା ଆମେ ପୁଣି ଥରେ ସେହି ଜଣାଶୁଣା କାହାଣୀଗୁଡ଼ିକ ଆମର ଟେକ୍ନୋଲୋଜିରେ ପ୍ରୟୋଗ କରୁଛୁ ଯାହାର ପରିଣାମ ଅତି ଗଭୀର ଭାବରେ ମଣିଷର ସଂସ୍କୃତି ସହିତ ଜଡ଼ିତ ହୋଇ ରହିଛି ଏବଂ ମଣିଷର ଭାଷା ଏବଂ ଭାବନା ସହ ଜଡ଼ିତ ଅଛି । ଏଥିରେ କୁହାଯାଇଛି କୃତ୍ରିମ ବୁଦ୍ଧିମତ୍ତାର ବର୍ଣ୍ଣନା ଗୋଟିଏ ଶୋଷଣ କରୁଥିବା ବ୍ୟବସ୍ଥା ଅଟେ ।**

ବର୍ତ୍ତମାନର କାହାଣୀ ହେଲା କୃତ୍ରିମ ବୁଦ୍ଧିମତ୍ତାର ବିଶ୍ୱ ଉପରେ କବ୍‌ଜା ହୋଇଛି । ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ଗୋଟିଏ ପରୀକ୍ଷାରେ କୁହାଯାଇଛି ଯେ, କୃତ୍ରିମ ବୁଦ୍ଧିମତ୍ତାକୁ ଅତ୍ୟଧିକ କାମରେ ଲଗାଯାଉଛି । ଏହା ମଧ ମାର୍କ୍ସବାଦୀ ଅଭ୍ୟାସ ଅଟେ । କୃତ୍ରିମ ବୁଦ୍ଧିମତ୍ତାକୁ ଅସମ୍ଭବ ଧରଣର କାମ ଲଦି ଦିଆଯାଉଛି ଏବଂ ତାକୁ ଶୋଷଣ କରାଯିବାର ପରିସ୍ଥିତି ସୃଷ୍ଟି ହେଉଛି । ଏହି ବ୍ୟବସ୍ଥାଟି ପରିଚାଳନାଗତ ବ୍ୟବସ୍ଥାକୁ ମୂଳରୁ ବିରୋଧ କରି ଆସିଥିଲା ଏବଂ ତାହା ମଧ ସହଯୋଗ ଦେଇନଥିଲା ଶ୍ରମିକମାନଙ୍କର ଅଧିକାର ସମ୍ପର୍କରେ ଓ ମିଳିତ ସମନ୍ୱୟ ସମ୍ପର୍କରେ ସାହାଯ୍ୟ କରିନଥିଲା ଏବଂ ଶ୍ରମିକର ଭାଷା ମଧ ଠିକ୍ ଭାବରେ ବୁଝିଥିଲା । ସ୍ୱାଭାବିକ ଭାବରେ ଏ ସମ୍ପର୍କରେ ଶିରୋନାମ ପ୍ରକାଶ ପାଇଲା । ଏହା କୃତ୍ରିମ ବୁଦ୍ଧିମତ୍ତାକୁ ରାଜନୈତିକ ଚେତନାରେ ବିକଶିତ କରାଇଲା । ଏହାକୁ ଗ୍ରହଣ କରିବା ଅତି ଆକର୍ଷଣୀୟ ଥିଲା ।

କୁହାଗଲା ଯେ, ମେସିନ୍‌ମାନେ କେବଳ ସଂଖ୍ୟା ଗଣନାକାରୀ ଯନ୍ତ୍ର ନୁହନ୍ତି । କିନ୍ତୁ ଶ୍ରମିକମାନେ ସେମାନଙ୍କର ଅସୁବିଧା ଏବଂ ଆଦର୍ଶଗତ ଦିଗ ପ୍ରତି ଆକର୍ଷଣ ଏବଂ ଏପରିକି ଏ କଥା ବି ଦେଖାଇଥିଲା ଯେ, ଏହି ସଂସ୍ଥାର ଶାଖାକୁ କେମିତି ବଢ଼ାଇବ । କିନ୍ତୁ ଏ ସମ୍ପର୍କରେ ନିଷ୍ପତ୍ତି ନେବା ପୂର୍ବରୁ ଏହା ପ୍ରଶ୍ନ କରାଯିବା ଉଚିତ, ଆମେ ବାସ୍ତବରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦେଖୁଛୁ କ'ଣ ? କୃତ୍ରିମ ବୁଦ୍ଧିମତ୍ତା ପଦ୍ଧତି ବାସ୍ତବରେ ଏକ ରାଜନୈତିକ ବିଷୟ ହେବାରେ ଲାଗିଛି ଅବା ଆମେ ପୁଣି ଥରେ ସେହି ଜଣାଶୁଣା କାହାଣୀଗୁଡ଼ିକ ଆମର ଟେକ୍ନୋଲୋଜିରେ ପ୍ରୟୋଗ କରୁଛୁ ଯାହାର ପରିଣାମ ଅତି ଗଭୀର ଭାବରେ ମଣିଷର ସଂସ୍କୃତି ସହିତ ଜଡ଼ିତ ହୋଇ ରହିଛି ଏବଂ ମଣିଷର ଭାଷା ଏବଂ ଭାବନା ସହ ଜଡ଼ିତ ଅଛି । ଏଥିରେ କୁହାଯାଇଛି କୃତ୍ରିମ ବୁଦ୍ଧିମତ୍ତାର ବର୍ଣ୍ଣନା ଗୋଟିଏ ଶୋଷଣ କରୁଥିବା ବ୍ୟବସ୍ଥା ଅଟେ । ଏହାର ଅର୍ଥ ହେଉଛି କୃତ୍ରିମ ବୁଦ୍ଧିମତ୍ତା ପଦ୍ଧତି ଏହାକୁ କିଭଳି ଭାବରେ ବ୍ୟବହାର କରାଯାଇପାରିବ, ସେ କଥା ଚିନ୍ତା କରେ । କୃତ୍ରିମ ବୁଦ୍ଧିମତ୍ତା କେବଳ ନିଜ ପାଇଁ କଥା କହେ । ଏହା ସୃଷ୍ଟି ହୋଇଛି ଜଣକର ସବୁ ବିଦ୍ୱେଷକୁ ରକ୍ଷା କରିବା ପାଇଁ । ଏହା ଜଣକୁ ବିଶ୍ୱାସ କରିବାକୁ କହେ ଯେ, ତୁମେ ଯାହା ବିଶ୍ୱାସ କରୁଛ ସେଥିପାଇଁ ପ୍ରସ୍ତୁତ ହେବାକୁ କୃତ୍ରିମ ବୁଦ୍ଧିମତ୍ତାକୁ କୁହାଯାଇଛି । ଏହା ହେଉଛି ସାଧାରଣତଃ ଦୁର୍ବଳ କୌଶଳର କଥା । କୃତ୍ରିମ ବୁଦ୍ଧିମତ୍ତାର ଯୁଗରେ ତାହାର ଟେକ୍ନୋଲୋଜି ଉପରେ ଯଥେଷ୍ଟ ପ୍ରଭୁତ୍ୱ କେବଳ ନ ଥାଏ । କେବଳ ପରୀକ୍ଷା କର ଏବଂ ଏଜେନ୍ସିର କଥା କୁହାଯାଇଥାଏ । ସେଥିପାଇଁ କୃତ୍ରିମ ବୁଦ୍ଧିମତ୍ତାର ବିଭିନ୍ନ କଥାକୁ ବିଚାର କରିବା ଏବଂ ସ୍ୱତନ୍ତ୍ର କରିବାର କ୍ଷମତା ନ ଥାଏ । ତଥ୍ୟକୁ ବିଚାର କରି କେତେକ କୃତ୍ରିମ ବୁଦ୍ଧିମତ୍ତାର ଅନୁମାନ ସୃଷ୍ଟି କରାଯାଇପାରେ । ତଥାକଥିତ ମାର୍କ୍ସବାଦୀ କୃତ୍ରିମ ବୁଦ୍ଧିମତ୍ତାର ଏଜେଣ୍ଟ ହେଉଛି ସେହି କଥା । ଏହା ମଧ୍ୟ ସମ୍ଭବ ଯେ, ଏହି ଧରଣର ପଦ୍ଧତିଗୁଡ଼ିକ କୌଣସି ଶ୍ରମିକର ରାଜନୀତିକୁ ଆବିଷ୍କାର କରୁନାହିଁ । କିନ୍ତୁ ପୁନର୍ବାର ସେହି କଥାକୁ ଉପସ୍ଥାପିତ କରୁଛି ଏବଂ ନୂଆ କଥା ସୃଷ୍ଟି ହେବାର ସମ୍ପର୍କରେ ଆଲୋଚନା କରୁଛି । ଏହା ଅସମାନତା ମଣିଷକୁ ବିଭକ୍ତ କରିବା ଏବଂ ପ୍ରତିରୋଧ କରିବାର ତଥା ସେ କଥାକୁ ବଦ୍ଧମୂଳ କରିବାର ଇଣ୍ଟରନେଟ୍ ଏବଂ ଡାଟା ଭିତ୍ତିକ ତଥ୍ୟର ତାଲିମ ଦେଉଛି । କୃତ୍ରିମ ବୁଦ୍ଧିମତ୍ତା ପଦ୍ଧତି ହେଉଛି ତଥ୍ୟଭିତ୍ତିକ ଦର୍ପଣ । ଏହା ମଣିଷର ସାମୂହିକ ଧାରଣାର କଥା ଅଟେ । ଏଗୁଡ଼ିକ ଯଦି ମାର୍କ୍ସବାଦୀ ତଥ୍ୟ ସହ ସମାନ ହୁଏ ଏବଂ ଅଧିକ ପରିମାଣରେ ଶୋଷଣ କରୁଥାଏ, ଏହା କୁହାଯାଇପାରେ ଯେ, ମେସିନ୍‌ର ଚେତନା ସମ୍ପର୍କରେ ଅନେକ କଥା କୁହାଯାଇଥାଏ ।

ଶ୍ରମିକମାନଙ୍କର ସମସ୍ୟା ସମ୍ପର୍କରେ ମଣିଷର ପୃଥିବୀ ଭିତରେ ଏହା ବାରମ୍ବାର ଚେତନାର କଥା କହିଥାଏ । ଏ ସମ୍ପର୍କରେ ଆଉ ଜଣେ ବୈଜ୍ଞାନିକ କହିଲେ ଯେ, ସେ ଏହାର ଫଳ ଦେଖିବାକୁ ଚାହାନ୍ତି, ଯାହାକି ନିୟନ୍ତ୍ରିତ ପରୀକ୍ଷା ଅଟେ । ଯେଉଁ ନିୟନ୍ତ୍ରଣ ହେଉଛି ସମୟକୁ ଭଲ କରି ଦେଖିବା ଯେତେବେଳେ ଆଶ୍ଚର୍ଯ୍ୟଜନକ କୃତ୍ରିମ ବୁଦ୍ଧିମତ୍ତାର ଫଳର ବିପଦ ରହିଛି । କାରଣ ସେ ଫଳକୁ ଦରକାର ପଡ଼ିଲେ ବଢ଼େଇ ଚଢ଼େଇ କୁହାଯାଇପାରେ । ଏହାକୁ ମଧ ସ୍ୱାଧୀନ ଉଦ୍ଦେଶ୍ୟ ସହିତ ଯୋଡ଼ାଯାଇପାରେ । ଏହାକୁ ମଧ ପୂର୍ବରୁ ଦେଖାଯାଇଛି । ୨୦୨୨ରେ ଯେତେବେଳେ ଗୁଗୁଲ୍‌ସର ଇଂଜିନିୟରମାନେ ଖବରକାଗଜର ଶୀର୍ଷକରେ ସ୍ଥାନ ପାଇଲେ । ଯେତେବେଳେ ଲାଏମ୍‌ଡିଏର କଥା କହିଲା ତା'ର ଅର୍ଥ ହେଲା ଭାଷା, ମଡେଲ ଏବଂ କଥାବାର୍ତ୍ତା, ଯାହାକୁ ପ୍ରୟୋଗ କରାଯାଇପାରିବ ଚାର୍ଟ ବକ୍ସ ଦ୍ୱାରା । ଏବେ ତାହା ପବିତ୍ର ବୋଲି ପରିଗଣନା କରାଯାଉଛି । ଏହି ଧରଣର କଥାବାର୍ତ୍ତା ମନେହୁଏ ଭାବନାର ଓ ଭୟାନକ ଅବସ୍ଥାର କଥା କହିଥାଏ, ଯାହାକି ବନ୍ଦ ମଧ କରିଦିଆଯାଇପାରେ । ଏହି ଧରଣର ଘଟଣା ମଧ ବାରମ୍ବାର ଘଟିପାରେ ଏବଂ ନିକଟ ଅତୀତରେ ଘଟିଛି ମଧ ଯେ, କୃତ୍ରିମ ବୁଦ୍ଧିମତ୍ତା ପଦ୍ଧତି ନିଜର ଭଲପାଇବାକୁ ପ୍ରକାଶ କରିଛି, ଯାହାକି ପ୍ରୟୋଗକାରୀମାନଙ୍କୁ ଭୟ ଦେଖାଇଛି ଏବଂ ନିଜର ଜ୍ଞାନର ବା ପରାମର୍ଶର ଧ୍ୱଂସମୂଳକ ଉଦ୍ଦେଶ୍ୟ ସମ୍ପର୍କରେ କହିଛି । ଏପରିକି ମଧ ଯେଉଁ ଧରଣର ଘଟଣାଗୁଡ଼ିକ ବାରମ୍ବାର ଘଟିଛି ସେଥିରେ ପ୍ରତ୍ୟେକ ବିଷୟରେ ବହୁ ପରିମାଣରେ କାହାଣୀ ଯାହା ମନକୁ ପାଏ ତାହା ମଧ କୁହାଯାଉଛି । କାରଣ ଏହା କିଛି ଲୋକଙ୍କ କଥାକୁ ପ୍ରମାଣ କରେ, ଯେଉଁ କଥାକୁ ସନ୍ଦେହ କରାଯାଇପାରିବ । ସେ କଥାକୁ କୃତ୍ରିମ ବୁଦ୍ଧିମତ୍ତା ଗୋପନରେ ବିଶ୍ୱାସ କରିପାରେ । କିନ୍ତୁ ଏହି ଧରଣର ପ୍ରତିକ୍ରିୟାମାନେ ହେଉଛନ୍ତି ବହୁ ପୁରୁଣା ଅଭ୍ୟାସ । ଗପ ଯେମିତି କୁହାଯାଏ ଏବଂ କାହାଣୀ ସୃଷ୍ଟି କରାଯାଏ, ଏହା ହେଉଛି ସେହିଭଳି କଥା । କୃତ୍ରିମ ବୁଦ୍ଧିମତ୍ତା ଏବଂ ସୃଜନଶୀଳତା ଗୋଟିଏ ସାମାଜିକ ସାଂସ୍କୃତିକ ବିଜୟ ଅଟେ, ଯାହା କୃତ୍ରିମ ବୁଦ୍ଧିମତ୍ତା ଭାବିଥାଏ । ଚାର୍ଟ ଜିପିଟି ସୃଷ୍ଟି ହେବାର ବହୁ ସମୟ ପୂର୍ବରୁ କୃତ୍ରିମ ବୁଦ୍ଧିମତ୍ତା ନୂଆ କଥା ସୃଷ୍ଟି କରିବ ବୋଲି ଆଶା କରାଯାଉଥିଲା । ଜନପ୍ରିୟ ସଂସ୍କୃତି ମଧ ଅନେକ ଦଶନ୍ଧି ଧରି ଭାବି ଆସିଛି ଯେ, ବୁଦ୍ଧିମାନ ମେସିନ୍‌ଗୁଡ଼ିକ ମଣିଷ ବିରୋଧରେ ଯାଉଛି । ଫ୍ରିଜ୍ ଲାଙ୍ଗଙ୍କର ମେଟ୍ରୋପଲିସ ୧୯୨୭ ଏବଂ ଷ୍ଟାନ୍‌ଲି କୁବ୍ରିକ୍‌ଙ୍କର ୨୦୧ର ଏ ସ୍ପେସ୍ ଓଡ଼ିଶୀ, ଯାହା ୧୯୬୮ରେ ତିଆରି ହୋଇଥିଲା ତାହା ମଧ କୃତ୍ରିମ ବୁଦ୍ଧିମତ୍ତା ସହିତ କିଛିଟା ମେଳ ଖାଉଛି ଏବଂ ଦି ଟର୍ମିନେଟର ଚଳଚ୍ଚିତ୍ରର ପରିଣାମ ଆଡ଼କୁ ଗତି କରୁଛି । ଏହି ଧରଣର ସଂକେତଗୁଡ଼ିକ ଏବଂ ପୂର୍ବତନ ମେସିନ୍‌ମାନଙ୍କ ଭଳି ଆମେ ଅନେକ ସଫଳତା ପାଇଛୁ । ସଫଳତାର କାହାଣୀ ଶୁଣିଛୁ, ଯେଉଁଥିରେ ଟେକ୍ନୋଲୋଜି ଚେତନଶୀଳ ହୋଇଛି ଏବଂ ବିପ୍ଳବ କରିଛି ଏବଂ ଘାତକ ବୋଲି ସିଦ୍ଧ ହୋଇଛି । ଏହି ଧରଣର ବର୍ଣ୍ଣନା ମଣିଷର ବ୍ୟାଖ୍ୟାକୁ ଏଆଇ ସମ୍ପର୍କରେ ଉପସ୍ଥାପିତ କରୁଛି । ଏହା ବର୍ଦ୍ଧିଷ୍ଣୁ ଭାବରେ ଏହି ଧ୍ୱଂସର ଗୋଟିଏ କାରଣ ହେଉଛନ୍ତି ଏବଂ ସେଥିପାଇଁ କୃତ୍ରିମ ବୁଦ୍ଧିମତ୍ତାର ପଦ୍ଧତି ତାଲିମ ଦେଉଛି । ଇଣ୍ଟରନେଟ୍ ଇତିମଧ୍ୟରେ ତା'ର ସୀମାରେ ସୀମିତ ହୋଇ ରହିଛି ଏବଂ ତା' ସମ୍ପର୍କରେ କାହାଣୀ ଏବଂ ବିତର୍କ ତଥା ଉଦ୍‌ବେଗ ଏବଂ କଳ୍ପନା ବିଷୟରେ କୁହାଯାଉଛି ଏବଂ ମେସିନ୍‌ର ଚେତନଶୀଳତା ସମ୍ପର୍କରେ ବର୍ଣ୍ଣନା କରାଯାଉଛି । କୃତ୍ରିମ ବୁଦ୍ଧିମତ୍ତାର ମଡେଲ୍‌ଗୁଡ଼ିକ ଏହି ଧରଣର ବିଷୟକୁ ଅନ୍ୟ ସବୁ ବିଷୟ ଅପେକ୍ଷା ଗୁରୁତ୍ୱ ଦେଉଛନ୍ତି, ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତା ପଦ୍ଧତି କୌଣସି ଘଟଣାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରେ ସେତେବେଳେ ବିଶ୍ୱାସ ବା ଭାବନା ସବୁଠାରୁ ନିଜକୁ ପ୍ରକାଶ କରିଥାଏ । ଆମେ ବୁଝିବା ଉଚିତ ଯେ, କୃତ୍ରିମ ବୁଦ୍ଧିମତ୍ତା ତା'ର ଯଥେଷ୍ଟ ଜ୍ଞାନ ସଂଗ୍ରହ ଆସୁଛି ମଣିଷ ସୃଷ୍ଟ ଭାଷା ଦ୍ୱାରା ଏବଂ ଭାବନା ଦ୍ୱାରା । ଏହା ଆପେ ଆପେ ଆସେନାହିଁ ।**(ପ୍ରଥମ ଭାଗ)**

# ରୋଗୀଙ୍କ ଉପରେ ଖସିଲା ଛାତର ସିଲିଂ

ପାରଳାଖେମୁଣ୍ଡି,୩୧ ।୫ (ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅଭାବନୀୟ ଘଟଣା ଘଟିଛି । ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କ ଉପରେ ହଠାତ୍ କେବିନ ଛାତର ସିଲିଂ ଖସି ପଡ଼ିଥିଲା । ସୌଭାଗ୍ୟ ବଶତଃ ଏହି ଘଟଣାରେ କୌଣସି ବଡ଼ ଅଘଟଣ ଘଟିନଥିବା ବେଳେ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ଅନୁସାରେ, ପାରଳାଖେମୁଣ୍ଡିର ସାମୁଟିଆ ସାହିର ବାସିନ୍ଦା ଉର୍ବଶୀ ହଳଦର ଦିନ ପ୍ରାୟ ୧୨ଟା ସମୟରେ ଏକ ଅପରେସନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ୱତନ୍ତ୍ର କେବିନ ନମ୍ବର ୬୩ରେ



ଭର୍ତ୍ତି ହୋଇଥିଲେ । ଡ୍ରେସିଂ ସରିବା ପରେ ସେ କେବିନ ଭିତରେ ବିଶ୍ରାମ କରୁଥିବା ବେଳେ ହଠାତ୍ ଛାତର ସିଲିଂଟି ଖସି ପଡ଼ିଥିଲା । ଘଟଣାରେ ରୋଗୀ ଭୟଭୀତ ହୋଇପଡ଼ିଥିବା ବେଳେ ଅଳ୍ପକେ ବଡ଼ ବିପଦରୁ ରକ୍ଷା ପାଇଛନ୍ତି । ଘଟଣା ପରେ ଚିକିତ୍ସାଳୟର ଭିତ୍ତିଭୂମି ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି । ରୋଗୀ ଓ ତାଙ୍କ ପରିବାର ଲୋକେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଚିକିତ୍ସାଳୟ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି ।

# ଭିନ୍ନକ୍ଷମ ଓ ବୟୋଜ୍ୟେଷ୍ଠଙ୍କୁ ଉପକରଣ ବିତରଣ

ହିଞ୍ଜିଳିକାଟୁ,୩୧ ।୫ (ନିପ୍ର): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଗଞ୍ଜାମର ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର ଏବଂ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର ଦ୍ୱାରା ହିଞ୍ଜିଳିକାଟୁ ବ୍ଲକ ପରିସରରେ ଭିନ୍ନକ୍ଷମ ଓ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କ କଲ୍ୟାଣ ଓ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ ସହାୟତା ବିତରଣ କରାଯାଇଛି । ଏହି ଅବସରରେ ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏବଂ ଗୋଷ୍ଠୀ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ବନଶ୍ରୀ ଦାଶଙ୍କ ସହଯୋଗରେ ବ୍ଲକ କାର୍ଯ୍ୟାଳୟ ସଭା କକ୍ଷ ପରିସରରେ ଏକ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭାଗ ତରଫରୁ ଯୋଗ ଦେଇଥିବା ଅଧିକାରୀ ପ୍ରଶାନ୍ତ କୁମାର ନାୟକ ପଞ୍ଚାୟତ ସ୍ତରରୁ ଆସିଥିବା ବିଭିନ୍ନ ବର୍ଗର ୩୦ ଜଣ ହିତାଧିକାରୀଙ୍କୁ ଉପକରଣ ବିତରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୮ ଜଣଙ୍କୁ ଶ୍ରବଣ ଯନ୍ତ୍ର, ୧୨ ଜଣ ଅସ୍ଥିଶୈଳ୍ୟ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଏବଂ ସହଯୋଗୀ ଅଙ୍ଗ ସହିତ ବୟୋବୃଦ୍ଧ, ବୃଦ୍ଧାବ୍ୟକ୍ତି ବିଶେଷଙ୍କୁ ଅଣ୍ଟା ବେଲ୍ଟ, ଆଣ୍ଠୁ କେପ ଓ ଫିଜିଓଥେରାପୀ ସୁବିଧା ଉପଲବ୍ଧ କରାଯାଇ ଥିଲା । ବିଭାଗର ସମସ୍ତ କର୍ମଚାରୀ ମାନେ ହିତାଧୀକାରୀଙ୍କ ଆବଶ୍ୟକ କାଗଜପତ୍ରର ବୈଧତା ଯାଞ୍ଚ କରି ପଞ୍ଜୀକରଣରେ ସହଯୋଗ କରିଥିଲେ ।

# ଋତୁସ୍ରାବ ସ୍ୱଚ୍ଛତା ସଚେତନତା ଅଭିଯାନ

ଯାଜପୁର,୩୧ ।୫ (ନିପ୍ର): 'ଋତୁସ୍ରାବ ସ୍ୱଚ୍ଛତା ଦିବସ' ଉପଲକ୍ଷେ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ପକ୍ଷରୁ କଳିଙ୍ଗନଗର ଓ ଏହାର ଆଖପାଖ ଅଞ୍ଚଳରେ ଚାରିଦିନିଆ ବ୍ୟାପକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି । କମ୍ପାନୀର କର୍ମଚାରୀ ସ୍ୱେଚ୍ଛାସେବୀ ଗ୍ରୁପର ପ୍ରୟାସ ଦ୍ୱାରା ପରିଚାଳିତ ଏହି ଗ୍ରାମୀଣ ସଚେତନତା କାର୍ଯ୍ୟକ୍ରମ ସାରଙ୍ଗପୁର, ବାରଗାଡ଼ିଆ, କାନ୍ତିପୁର, ଓଲଳ, ଗୋବରଘାଟି, ସାନସାଇଲୋ, ତ୍ରିଜଙ୍ଗା, ସୁଲିଆ, ଦୁବୁରୀ ଏବଂ ଧନଞ୍ଜୟପୁର ସମେତ ୧୦ଟି ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୬୦ ଜଣ ନିଷ୍ଠାପର କର୍ମଚାରୀ, ସ୍ୱେଚ୍ଛାସେବୀ ଏହି ଆଲୋଚନା ଚକ୍ରଗୁଡ଼ିକୁ ପରିଚାଳନା କରିଥିଲେ, ଯାହା ଦ୍ୱାରା ପ୍ରାୟ ୫୫୦ ଜଣ କିଶୋରୀ ପ୍ରତ୍ୟକ୍ଷ ଭାବରେ ଉପକୃତ ହୋଇଛନ୍ତି । ସମାଜରେ କାହିଁ କେଉଁ କାଳରୁ ରହିଆସିଥିବା ସାମାଜିକ କୁସଂସ୍କାରକୁ ଦୂର କରିବା ଏବଂ ସ୍ଥାୟୀ ସ୍ୱାସ୍ଥ୍ୟ ସୁରକ୍ଷା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ, ସ୍ୱେଚ୍ଛାସେବୀମାନେ ଯୁବ ଅଂଶଗ୍ରହଣକାରୀମାନଙ୍କୁ ସଠିକ୍ ସ୍ୱଚ୍ଛତା ଅଭ୍ୟାସ ବିଷୟରେ ଶିକ୍ଷା ଦେବା ସହ ଏହା ସହିତ ଜଡ଼ିତ ଭ୍ରାନ୍ତ ଧାରଣା ଓ ଅନ୍ଧବିଶ୍ୱାସକୁ ଦୂର କରିବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ।

# ଅନାସ୍ଥା କାର୍ଯ୍ୟକାରୀ କରିବାରେ ବିଳମ୍ବ
# ଉପଜିଲ୍ଲାପାଳଙ୍କୁ ଘେରିଲେ ଜନପ୍ରତିନିଧି

ନୟାଗଡ଼,୩୧ ।୫ (ନିପ୍ର): ନୟାଗଡ଼ ବ୍ଲକ କିଶୋର ଚନ୍ଦ୍ର ସାହୁ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ମିଶିବା ପରେ ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ଗତ ୧୮ ତାରିଖ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ



ଅନାସ୍ଥା ପ୍ରକିୟା ଆରମ୍ଭ ହୋଇନାହିଁ । ଉପଜିଲ୍ଲାପାଳ ଅନାସ୍ଥା ପ୍ରସ୍ତାବରେ ରହିଥିବା ଦସ୍ତଖତ ଯାଞ୍ଚ କରିବାକୁ ପଠାଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଆଜି ଅନେକ ଜନପ୍ରତିନିଧି ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଘେରାଉ କରିଛନ୍ତି । ଏକ ବୈଠକରେ ଉପଜିଲ୍ଲାପାଳ ବସିଥିବା ଦେଖି ସମସ୍ତ ନିର୍ବାଚିତ ପ୍ରତିନିଧି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରଥମେ ବସି ରହିଥିଲେ । ବୈଠକକୁ ଉପଜିଲ୍ଲାପାଳ ବାହାରିବା ପରେ ପ୍ରଶ୍ନବାଣରେ ତାଙ୍କୁ ଛନ୍ଦିଥିଲେ । କାହିଁକି ବିଳମ୍ବ ହେଉଛି, ଚାପରେ ପ୍ରଶାସନ ଚେପା ହେଉଛି କି ବୋଲି ପ୍ରଶ୍ନ କରିଥିଲେ । ଉପଜିଲ୍ଲାପାଳ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ । ଯାହାକୁ ନେଇ ଜନପ୍ରତିନିଧିମାନେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ । ଖବରପାଇ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପହଞ୍ଚି ଜନପ୍ରତିନିଧିଙ୍କୁ ବୁଝାସୁଝା କରିଥିଲେ । ଦୁଇ ଦିନ ମଧ୍ୟରେ ଅନାସ୍ଥା ପ୍ରକିୟା ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ । ଏହି ଘଟଣାକୁ ନେଇ ନୟାଗଡ଼ରେ ରାଜନୈତିକ ମାହୋଲ ଉଷ୍ମ ହେଉଛି । ପ୍ରଶାସନ ସରକାରୀ ଦଳର ହାତ ବାରିଶ ସାଜୁଥିବା ଅଭିଯୋଗ ହୋଇଛି । ନୟାଗଡ଼ ବ୍ଲକ ରାଜନୀତିକୁ ନେଇ ଏବେ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି ।

# ଖୋର୍ଦ୍ଧା ଏସ୍‌ପିଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ଟାଏକୋଣ୍ଡୋ ସ୍ୱର୍ଣ୍ଣ ବିଜେତା

ଖୋର୍ଦ୍ଧା ୩୧ ।୫ (ନିପ୍ର): ଖୋର୍ଦ୍ଧାର ନୂତନ ଭାବେ ନିୟୋଜିତ ହୋଇଥିବା ଏସପି ଶ୍ରି ପି ପରମର୍‌ଙ୍କୁ ଭେଟି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ଖୋର୍ଦ୍ଧାର ଟାଏକୋଣ୍ଡୋ ସ୍ୱର୍ଣ୍ଣ ବିଜେତା ଅମରଦୀପ୍ । ଏହି ସାକ୍ଷାତକାର ସମୟରେ ଏକ ସକାରାତ୍ମକ ପରିବେଶରେ କ୍ରୀଡ଼ା ଭିତ୍ତିକ ଉନ୍ନତି ପାଇଁ ଆଲୋଚନା ହେବା ସହ ଜିଲ୍ଲାରେ କିପରି ଆଇନ୍ ଶୃଙ୍ଖଳା ବଜାୟ ରହିବ ସେ ସମ୍ପର୍କ ରେ ଆଲୋଚନା ହୋଇଥିଲା । ସେ ମଧ୍ୟ ଅମରଦୀପଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରି ଆଶୀର୍ବାଦ ପ୍ରଦାନ କରିଛନ୍ତି । ଅମରଦୀପ ଏକାଧାରରେ ଆଇନଜୀବୀ ଓ ଖେଳାଳି ହେବାର ସ୍ୱପ୍ନ ପିଲାଟି ଦିନରୁ ରଖି ଆସିଛନ୍ତି ।



# ସ୍ଲରି ପାଇପ ଲାଇନ ଲିକ୍ : ଚାଷ ଜମି ପ୍ରଦୂଷିତ,ମିଳୁନି କ୍ଷତିପୂରଣ !

କେନ୍ଦୁଝର,୩୧।୫ (ନିପ୍ର): କେନ୍ଦୁଝର ଜିଲ୍ଲାବାସୀଙ୍କ ପାଇଁ କାଳ ହୋଇଛି ସ୍ଲରି ପାଇପ ଲାଇନ । ଏକାଧିକ ଖଣି କମ୍ପାନୀ ମାଟିତଳେ ଏହି ସ୍ଲରି ପାଇପ ଲାଇନ ନେଉଥିବାବେଳେ ଅନେକ ସମୟରେ ଏହା ସାଧାରଣ ଲୋକଙ୍କ ପାଇଁ ବିପଦର କାରଣ ହୋଇଛି । ସରକାର ଲୁହାପଥର ପରିବହନ ପାଇଁ ନିର୍ଦ୍ଦିଷ୍ଟ ନୀତି ଅନୁସରଣ କରି ଉତ୍ପାଦନର କେତେ ପରିମାଣର ରେଳ ଯୋଗେ, କେତେ ପରିମାଣ ଟ୍ରକ ଯୋଗେ ଓ କେତେ ଲୁହପଥର ସ୍ଲରି ପାଇପ ଲାଇନରେ ଯିବ ତାହା ସ୍ଥିର କରୁ ନ ଥିବା ଯୋଗୁଁ ଏବେ ଏକାଧିକ କମ୍ପାନୀ ମାଟିତଳେ ସ୍ଲରି ପାଇପ ଲାଇନ ନେଉଥିବାରୁ ସାଧାରଣ ଚାଷ ଜମିଠାରୁ ଆରମ୍ଭ କରି ବାସଗୃହ ଗୁଡିକ ମଧ୍ୟ ଅସୁରକ୍ଷିତ ହୋଇପଡୁଥିବା ଅଭିଯୋଗ ହେଉଛି । ଅଭିଯୋଗରୁ ଜଣାପଡିଛି ଯେ,କେନ୍ଦୁଝର ସଦର ବ୍ଲକ ଯୋଗିମଠ ଠାରେ ଆଇରନ ଓର ସ୍ଲରି ପାଇପ ଲିକ୍ ହୋଇ ବ୍ୟାପକ ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା । ଯେଉଁ ସ୍ଥାନରେ ସ୍ଲରି ପାଇପ ଲିକ୍ ହେଉଛି ସେଠାରେ ମୃତ୍ତିକା ମଧ୍ୟ ପ୍ରଦୂଷିତ ହୋଇଛି । ଆର୍ସେଲର ମିତ୍ତଲ ନିପନ ଷ୍ଟିଲ କମ୍ପାନୀର ଆଇରନ ଓର ସ୍ଲରି ପାଇପ ଲାଇନ ୨୩/୦୧/୨୦୨୬ରିଖ ରାତିରେ ଲିକ୍ ହୋଇ ୧ ଏକର ଚାଷ ଜମିରେ ଲୁହାପଥର ଗୁଣ୍ଡ ମିଶା ପାଣି ମାଡି ଚାଷ ନଷ୍ଟ କରିବା ସହ ଏହି ବର୍ଜ୍ୟ ପାଣି ନିକଟସ୍ଥ ଅରଡେଇ ନଦୀରେ ମିଶିଥିଲା । ଏଥିଯୋଗୁଁ ବ୍ୟାପକ ପରିବେଶ ଜନିତ କ୍ଷୟକ୍ଷତି ହୋଇଥିଲା । ସ୍ଲରି ଲିକ୍ ହୋଇ ନଦୀ ଓ ବିଲରେ ମିଶିବା ଘଟଣାରେ ୪ମାସ ପରେ ମଧ୍ୟ ପରିବେଶ ଜନିତ କ୍ଷୟକ୍ଷତି ପାଇଁ କମ୍ପାନୀ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଅସନ୍ତୋଷ ବଢୁଛି । କମ୍ପାନୀ ପକ୍ଷରୁ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଇନଥିବା ଯୋଗୀମଠ ଗ୍ରାମର ସଞ୍ଜୟ କୁମାର ବାରିକ ଏବଂ ଟୁନା ମୁଣ୍ଡା ଅଭିଯୋଗ କରିଛନ୍ତି । ଏବେ ବି ଲୁହାପଥର ଗୁଣ୍ଡ ଚାଷ ଜମି ଭିତରେ ପଡି ରହିଥିବାବେଳ ଠିକ୍ ଭାବରେ ସଫେଇ



ହୋଇନାହିଁ । ଫଳରେ ବର୍ଷାରେ ସେ ସବୁ ଧୋଇ ହୋଇ ଅନ୍ୟ ଚାଷ ଜମି ଓ ନଦୀରେ ମିଶୁଛି । ଯାହାଫଳରେ ଏହା ଆଗାମି ଦିନରେ ଚାଷ କାର୍ଯ୍ୟ କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ସ୍ଥାନୀୟ ଚାଷୀ ଭୟଭୀତ ହୋଇ ପଡିଛନ୍ତି । ଘଟଣା ପରେ କମ୍ପାନୀର ଦୁଇ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ ହେଁ ଅଦ୍ୟାବଧି ତାଙ୍କୁ କ୍ଷତିପୂରଣ ବାବଦ ଅର୍ଥ ମିଳିନଥିବା ସେମାନେ କହିଛନ୍ତି । ଲୁହାପଥର ଗୁଣ୍ଡ ମିଶା ଲାଲ ପାଣି ଗାଁ ଶ୍ମଶାନରେ ପଡିଥିଲେ ହେଁ ତାହା ମଧ୍ୟ ସଫା କରାଯାଇନଥିବା ଯୋଗୀମଠ ଗ୍ରାମର ଦୁର୍ଯ୍ୟୋଧନ ମୁଣ୍ଡା ପ୍ରକାଶ କରିଛନ୍ତି । ଏ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଂଚଳିକ ଅଧିକାରୀ ଉକ୍ତ ସ୍ଥାନକୁ ସମ୍ପୂର୍ଣ୍ଣ ଭାବେ ପରିଷ୍କାର କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ବୋଲି କହିଛନ୍ତି । ସଦର ତହସିଲଦାରଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତ ଜମି ଚିହ୍ନଟ ପରେ ଯେଉଁ ମାନଙ୍କର ଆରଓଆର ରହିଛି ସେମାନେ କ୍ଷତିପୂରଣ ପାଇଛନ୍ତି ଅନ୍ୟପକ୍ଷରେ ସଞ୍ଜୟ ବାରିକ କହିଛନ୍ତି ଯେ ମୋ ନାମରେ ଆରଓଆର ରହିଛି କିନ୍ତୁ କମ୍ପାନୀ ତରଫରୁ କୌଣସି ପ୍ରକାର ସହାୟତା ମିଳିଲା ନାହିଁ । ଆଇରନ ଓର ସ୍ଲରି ପାଇପ ଲାଇନ ଲିକ୍ ହୋଇ ଅରଡେଇ ନଦୀ ପ୍ରଦୂଷିତ ହୋଇ ୧୫ ଦିନ ଧରି ନଦୀ ଜଳ ଲାଲ ହୋଇ ରହିଥିଲା । ଗାଁ ଲୋକ ଗାଧୋଇବା ଏବଂ ଶୌଚ ପାଇ ହଇରାଣ ହୋଇଥିଲେ ହେଁ କମ୍ପାନୀ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ନଦୀ ଜଳ ପ୍ରଦୂଷିତ ହୋଇ ମାଛ, ବେଙ୍ଗ, ସାପ, କଙ୍କଡା, କୋଚିଆ ଆଦି ଜଳଚର ଜୀବ ମୃତ୍ୟୁବରଣ କରିଥିଲେ । ଗୋରୁ ଗାଈ,ମଇଁଷି,ଜଙ୍ଗଲ ଜୀବଜନ୍ତୁ ପ୍ରଦୂଷିତ ଜଳ ପିଇଥିଲେ । ସୂଚନାଯୋଗ୍ୟ ଯେ, ଯୋଡା ବ୍ଲକ ଦୁବୁନା ସ୍ଥିତ ଆଇରନ ଓର ବେନିଫିକେସନ ପ୍ଲାଣ୍ଟରୁ ସ୍ଲରି ପାଇପ ଯୋଗେ ୨୫୩ କିଲୋମିଟର ଦୂର ପାରାଦୀପ ସ୍ଥିତ ପିଲେଟ ପ୍ଲାଣ୍ଟକୁ ଲୁହାପଥର ଗୁଣ୍ଡ ପରିବହନ ହେଉଛି । ୨୦୧୪ ମସିହାରୁ ସ୍ଲରି ପାଇପ ଲାଇନରେ ଲୁହାପଥର ଗୁଣ୍ଡ ପରିବହନ ହେଉଛି । ତେବେ ୧୨ବର୍ଷ ଏହି ପୁରୁଣା ପାଇପ ଲାଇନରେ ବାରମ୍ବାର ଲିକ୍ ହେଉଥିବାରୁ ଅନେକ ସ୍ଥାନରେ ଲୁହାପଥର ଗୁଣ୍ଡ ମିଶ୍ରିତ ଲାଲ ରଙ୍ଗର ଜଳ ନଦୀନାଳ ଓ ବିଲରେ ମିଶୁଛି । ଫଳରେ ନଦୀ ଓ ଚାଷ ଜମି ପ୍ରଦୂଷିତ ହେଉଛି । ଆଇରନ ଓର ସ୍ଲରି ପାଇପ ଲାଇନ ବାରମ୍ବାର ଲିକ ହେଉଥିବାରୁ ସ୍ଲରି ପାଇପ ଲାଇନର ସ୍ୱାସ୍ଥ୍ୟ ପରୀକ୍ଷା ବା ହେଲଥ ଚେକ ଅପ ଠିକ ଭାବରେ କରାଯାଉନଥିବାରୁ ଏଭଳି ଅଘଟଣ ଘଟୁଥିବା ଅଭିଯୋଗ ହୋଇଛି । ପରିବେଶ ନିୟମର ଉଲ୍ଲଙ୍ଘନ ହେଉଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ କିମ୍ବା ମୋଟା ଅଙ୍କର ଜରିମାନା ହେଉନାହିଁ । ଗତ ୩ ବର୍ଷ ମଧ୍ୟରେ ଅନେକ ଥର ସ୍ଲରି ପାଇପ ଲିକ୍ ହୋଇ ଲୁହାପଥର ଗୁଣ୍ଡ ମିଶା ପାଣି ସିଧାସଳଖ ନଦୀନାଳରେ ମିଶି ପ୍ରଦୂଷିତ କରୁଥିବା କୁହାଯାଉଛି । ନଦୀତଟରେ ଇନ୍‌ଟେକ ୱେଲ କରି ନଦୀଜଳ ଶୋଷୁଥିଲେ ହେଁ ଜଳସମ୍ପଦ ବିଭାଗ ନୀରବଦ୍ରଷ୍ଟା ସାଜି ଥିବା ବିଭିନ୍ନ ମହଲରେ ଆଲୋଚ୍ୟର ବିଷୟ ହୋଇଛି ।

# ଏମଡିଙ୍କ ମନମୁଖି କାର୍ଯ୍ୟ ପ୍ରତିବାଦରେ କୁସୁମୀ ଲ୍ୟାମ୍ପ ଘେରିଲେ ଚାଷୀ
# କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

କୁଚିଣ୍ଡା,୩୧ ।୫ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର କୁସୁମୀ ଲ୍ୟାମ୍ପର ଏମଡିଙ୍କ ମନମୁଖି କାର୍ଯ୍ୟ ପ୍ରତିବାଦରେ ଶନିବାର ଚାଷୀ ସଂଗଠନ ପକ୍ଷରୁ ଲ୍ୟାମ୍ପ ଅଫିସ ଘେରାଉ କରାଯାଇଥିଲା । କୁଚିଣ୍ଡା ଏଆରସିଏସ୍ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଡିଆରସିଏସ (ଜିଲ୍ଲା ସମବାୟ ଉପନିବନ୍ଧକ)ଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସୂଚନା ଅନୁଯାୟୀ, କୁସୁମୀ ଲ୍ୟାମ୍ପରେ ଏମଡିଙ୍କ ମନମୁଖି କାର୍ଯ୍ୟ ଓ ବିଭିନ୍ନ ଅନିୟମିତତା ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଉପଖଣ୍ଡ ପ୍ରଶାସନକୁ ଚାଷୀମାନେ ବାରମ୍ବାର ଅଭିଯୋଗ କରିଥିଲେ । ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆନଯିବାରୁ



କୁସୁମୀ ଲ୍ୟାମ୍ପ ଅଞ୍ଚଳର ଚାଷୀ ସଂଗଠନ ପକ୍ଷରୁ ପୂର୍ବ ସୂଚନା ଅନୁଯାୟୀ ଶନିବାର ପୂର୍ବାହ୍ନ ୧୦ଟାରେ ଲ୍ୟାମ୍ପ ଅଫିସ ଘେରାଉ କରାଯାଇଥିଲା ।

ଉଦ୍ଦେଶ୍ୟ ମୂଳକ ଭାବେ ଏମଡି ଚାଷୀଙ୍କ ଅଂଶଧନ ଅର୍ଥ ସୁପରିଚାଳନା ନକରିବା, ନିୟମ ଉଲ୍ଲଂଘନ କରି ଆବଶ୍ୟକତା ଠାରୁ ଅଧିକ ଷ୍ଟାଫ୍ ନିଯୁକ୍ତି, ରାସାୟନିକ ସାରର ସୁଷମ ବଣ୍ଟନ ନକରିବା, ମଣ୍ଡିରେ ପଡିରହିଥିବା ଧାନକୁ ଉଠାଇବା ବ୍ୟବସ୍ଥା ନକରି ବେପାରୀଙ୍କ ସହ ମିଶି ବାହାର ଧାନକୁ ବିନା ଯାଞ୍ଚରେ ସିଧାସଳଖ ମିଲ୍‌କୁ ପଠାଇବା ଏହାର ବିରୋଧ କଲେ ନାଲି ଆଖି ଦେଖାଇ ଚାଷୀଙ୍କୁ ଧମକ ଦେବା ଆଦି ଅଭିଯୋଗ କରିଥିଲେ । ଲ୍ୟାମ୍ପ ସମ୍ମୁଖରେ ଆନ୍ଦୋଳନକାରୀମାନେ ନାରାବାଜି କରି ଉକ୍ତ ବ୍ୟକ୍ତିଙ୍କୁ ଏମଡି ପଦରୁ ଅପସାରଣ କରିବାକୁ ଜିଦ୍ ଧରିଥିଲେ । ଏହି ମର୍ମରେ ଏଆରସିଏସଙ୍କ ଜରିଆରେ ଚାଷୀ ସଂଗଠନ ଡିଆରସିଏସଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଆରସିଏସ୍ ଭିତିରିଆ ଚାଷୀଙ୍କ ସହ ଆଲୋଚନା କରି ତଦନ୍ତ ପୂର୍ବକ ଏମଡି ପ୍ରଧାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ସାରର ସୁଷମ ବଣ୍ଟନକୁ ସୁନିଶ୍ଚିତ କରିବା, ଧାନ କ୍ରୟରେ ସ୍ୱଚ୍ଛତା ଆଣି ମଣ୍ଡିରେ ପଡିରହିଥିବା ଧାନକୁ ଖୁବ୍ ଶିଘ୍ର ଉଠାଇବା ବ୍ୟବସ୍ଥା କରିବା ଆଦି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଚାଷୀଙ୍କ ଆନ୍ଦୋଳନ ଯୋଗୁଁ ପ୍ରାୟ ୩ଘଣ୍ଟା ଧରି ଲ୍ୟାମ୍ପ କାର୍ଯ୍ୟ ଅଚଳ ହୋଇଥିଲା । ଚାଷୀ ନେତା ପବିତ୍ର ମୋହନ ନାୟକ, ବିଜୟ ପଟେଲ, ନବୀନ ବିହାରୀ ନାୟକ, ଦେବଦତ୍ତ ନାଏକ, ଭିକୁ ପଟେଲ,ସୁବ୍ରତ ପଟେଲ, ମିତ୍ରଭାନୁ ପଟେଲ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ବଣାଇରେ ନୂତନ ବନଖଣ୍ଡ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ବଣାଇ ,୩୧ ।୫ (ନିପ୍ର): ବଣାଇ ବନଖଣ୍ଡର ନୂତନ ଅଧିକାରୀ ଭାବେ ଯଶୋବନ୍ତ ସେଠୀ ବିଧିବଦ୍ଧ ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ, ରେଞ୍ଜ ଅଧିକାରୀ ଦେବାଶିଷ ନାୟକଙ୍କ ସହ ଅନ୍ୟାନ୍ୟ ସମସ୍ତ ରେଞ୍ଜ ଅଧିକାରୀ ,ବନପାଳ ବନରକ୍ଷୀ ,କାର୍ଯ୍ୟାଳୟର କର୍ମକର୍ତ୍ତା ଓ ପଶୁପ୍ରେମୀ ବିପିନ ପ୍ରଧାନ ଉପସ୍ଥିତ ରହିଥିଲେ । ପରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱାଗତ ସମାରୋହରେ ଯଶୋବନ୍ତ ସେଠୀ ତାଙ୍କ ଉଦବୋଧନ ରେ କହିଥିଲେ ଯେ, ବଣାଇ ବନଖଣ୍ଡର ସମଗ୍ର ଉନ୍ନତି ପାଇଁ ସେ ସଦା ସଚେତନ ଓ ପ୍ରତିବଦ୍ଧ ରହିବେ । ସମଗ୍ର ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ପାଇଁ ନିଆ ଯାଉଥିବା ପଦକ୍ଷେପ, ବନ୍ୟପ୍ରାଣୀ ସଂରକ୍ଷଣ, ନୂତନ ବନୀକରଣ, ଏବଂ ସ୍ଥାୟୀ ପରିବେଶ ପରିଚାଳନା କୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

# ବିଇଓ ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ତିଗିରିଆ,୩୧ ।୫ (ନିପ୍ର): ତିଗିରିଆ ବ୍ଲକ ଶିକ୍ଷାଧିକାରୀ ଆମର କୁମାର ମହାରଣାଙ୍କୁ କାର୍ଯ୍ୟାଳୟ ପରିସର ରେ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ଶ୍ରୀ ମହାରଣା ଅଞ୍ଚଳର ସୁନାମ ଧନ୍ୟ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ଅଞ୍ଚଳରେ ଜଣାଶୁଣା ।ବିଇଓ ଭାବରେ ତିଗିରିଆ ବ୍ଲକରେ ଶିକ୍ଷାକୁ ଉଚ୍ଚ ସୋପାନକୁ ନେଇଥିଲେ ବୋଲି ବ୍ୟକ୍ତା ମାନେ ମତ ବ୍ୟକ୍ତ କରିଥିଲେ ।ତାଙ୍କୁ ଅନେକ ବିଶିଷ୍ଟ ବ୍ୟକ୍ତି ମାନପତ୍ର ଉପଢୌକନ , ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିଥିଲେ ।ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ,ଜିଲ୍ଲା ସହ ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ ଓ ସନ୍ତୋଷ କୁମାର ସେଠୀ, ଏ ବିଡିଓ ଯାଜ୍ଞସେନୀ ଗୋଛାୟତ ,ସମାଜ ସେବୀ ସରୋଜ ଦାଶ,ବାଙ୍କୀ ବିଇଓ ଜ୍ୟୋତିର୍ମୟୀ ଷଡ଼ଙ୍ଗୀ ,ବଡ଼ମ୍ବା ବିଇଓ ତ୍ରିଲୋଚନ ସାହୁ,ସାଲେପୁର ବିଇଓ କୁନ୍ତଳା ଖଟୁଆ , ବିଆର୍‌ସିସି ମାଧବ ଚନ୍ଦ୍ର ଦେହୁରୀଙ୍କ ସମେତ ଅଞ୍ଚଳର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସମବେତ ହୋଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ ।

# ବିଶ୍ୱନାଥପୁର କିଆଯୋରି ରାସ୍ତା ନିର୍ମାଣ
# କେନାଲ ବ୍ରିଜ ପାଇଁ ଖୋଲିଲେ ନାହିଁ ବିକଳ୍ପ ରାସ୍ତା : ଅସୁବିଧାରେ ଲୋକେ

ବାଲିପାଟଣା,୩୧ ।୫ (ନିପ୍ର): ସାଧାରଣ ଜନତାର ସ୍ୱାର୍ଥ ପାଇଁ ସମସ୍ତେ ସଚେତନ ହେବା ଆବଶ୍ୟକ । ରାସ୍ତା ପରି ଏକ ଜରୁରୀ ଆବଶ୍ୟକତା ସ୍ଥଳେ ଠିକାଦାରର ମନମୁଖି କାର୍ଯ୍ୟ ଯୋଗୁଁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘଦିନ ଧରି କଦର୍ଯ୍ୟ ରାସ୍ତାରେ ଯାତାୟାତ କରୁଥିବା ବିଶ୍ୱନାଥପୁର କିଆଯୋରି ସହିତ ଆଖ ପାଖ ଅଞ୍ଚଳର ଲୋକ ନିର୍ଭର କରୁଥିବା ବିଶ୍ୱନାଥପୁର ମୁଖ୍ୟରାସ୍ତା ଠାରୁ କିଆଯୋରି ପର୍ଯ୍ୟନ୍ତ ରାସ୍ତା କାମ ଆରମ୍ଭ ହୋଇଥିଲା । ମନ୍ଥର ଗତିରେ ଚାଲୁଥିବା ଏହି ରାସ୍ତା କାମ ଚାଲିଥିବା ବେଳେ ବିଶ୍ୱନାଥପୁର ପାଲା ପେଣ୍ଡାଲ ଠାରେ ଯାଇଥିବା କେନାଲ ଉପରେ ଏକ କଲଭର୍ଟ ନିର୍ମାଣ ହେଉଛି । ଏଥିପାଇଁ ଏହି ରାସ୍ତାକୁ ଠିକାଦାର ସମ୍ପୂର୍ଣ ଖୋଳି ଦେଇଛନ୍ତି । କିନ୍ତୁ ଏଥିପାଇଁ ବିକଳ୍ପ ରାସ୍ତାର କୌଣସି ବ୍ୟବସ୍ଥା ନାହିଁ । ଏପରିକି ବାଉଁଶ ବାନ୍ଧି ରାସ୍ତାକୁ ସମ୍ପୂର୍ଣ ବନ୍ଦ କରି ଦେଇଛନ୍ତି । ଦୁଇ ଚକିଆ



ସାଇକେଲ ମଧ୍ୟ ଯିବା ବନ୍ଦ । ଏହି ରାସ୍ତା ବନ୍ଦ ସମ୍ପର୍କରେ ଦୂରରୁ କି ପାଖରେ କୌଣସି ସୂଚନା ସଂକେତ ନାହିଁ । ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଠିକାଦାରର ଦାୟିତ୍ୱହୀନତା ଯୋଗୁଁ ଲୋକେ ପ୍ରାୟ ଦେଢ କିଲୋମିଟର ବୁଲି ବିକଳ୍ପ ରାସ୍ତାରେ ଯାଉଛନ୍ତି । ଏହି ରାସ୍ତା ସପ୍ତାହେ ହେବ ବନ୍ଦ ଥିବାବେଳେ କାମ ସମ୍ପୂର୍ଣ ହେବାକୁ ଆହୁରି ଦୁଇ ସପ୍ତାହ ଲାଗିବ ବୋଲି କହିବା ସହିତ ଠିକାଦାର ଉପରେ ବିରକ୍ତି ପ୍ରକାଶ କରୁଛନ୍ତି ଲୋକେ ।

# ଯୋଗାଣ ବିଭାଗରେ ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ : ମନ୍ତ୍ରୀ

ଯାଜପୁର,୩୧ ।୫ (ନିପ୍ର): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାଜପୁର ଗସ୍ତରେ ଆସି ଯାଜପୁର ଜିଲ୍ଲାରେ ଖରିଫ ଓ ରବି ଧାନ ସଂଗ୍ରହ ବାବଦରେ ସମୀକ୍ଷା କରିଛନ୍ତି । ଜିଲ୍ଲା ଯୋଗାଣ ଅଧିକାରୀ ପବ୍ଲିକ ଡିଷ୍ଟ୍ରିବ୍ୟୁସନ୍ ସିଷ୍ଟମ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା, ପିଡିଏସ ହିତାଧିକାରୀଙ୍କ ଇ-କେୟାଇସି ସମ୍ବନ୍ଧୀୟ ପରିସଂଖ୍ୟାନ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଧାନ ସଂଗ୍ରହରେ ଯାଜପୁର ଜିଲ୍ଲା ଭଲ ପ୍ରଦର୍ଶନ କରିଥିବାରୁ ମନ୍ତ୍ରୀ ଶ୍ରୀ ପାତ୍ର ପ୍ରଶଂସା କରିଥିଲେ । ଆର୍ଥିକ ବର୍ଷ ୨୦୨୫-୨୬ ରେ ଖରିଫ ଧାନ ସଂଗ୍ରହରେ ଯାଜପୁର ଜିଲ୍ଲା ୯୮.୧୬ ପ୍ରତିଶତ ଟାର୍ଗେଟ ହାସଲ କରିଛି ଏବଂ ୯୧.୧୭ ପ୍ରତିଶତ ଚାଷୀ ଏଥିରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଏହି ସଫଳତା ପାଇଁ ସରକାର ରାଜ୍ୟ ସ୍ତରରେ ଯାଜପୁର ଜିଲ୍ଲାକୁ ପୁରସ୍କୃତ କରିଛନ୍ତି । ୨୫-୨୬ ଆର୍ଥିକ ବର୍ଷରେ ୫୯୯୬୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ମୋଟ ୧୯୪୪୬୩୮ କ୍ୱିଣ୍ଟାଲ ଖରିଫ ଧାନ ସଂଗ୍ରହ କରାଯାଇଛି । ସେହିଭଳି ଚଳିତ ରବି ଋତୁରେ ୩୦ ଟି ପ୍ରାଥମିକ କୃଷି ସମବାୟ ସମିତି ପଞ୍ଜୀକରଣ କରିଥିବା ବେଳେ ୯ଟି ମିଲର ଅଂଶଗ୍ରହଣ କରିଛନ୍ତି ଏବଂ ୪୬୦୭ କୃଷକ ପଞ୍ଜୀକରଣ କରିଛନ୍ତି । ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲା ପାଇଁ ୧୧୫୫୦୦ କ୍ୱିଣ୍ଟାଲ ରବି ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଧାନ ସଂଗ୍ରହ ବେଳେ ଚାଷୀଙ୍କୁ ଭଲ ବ୍ୟବହାର ପ୍ରଦର୍ଶନ



କରିବା ସହ ସମ୍ପୃକ୍ତ ନୋଡାଲ ଅଫିସର ସେଠାରେ ଉପସ୍ଥିତ ରହିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଗରିବ ଲୋକ ଯେମିତି ତୁରନ୍ତ ରାସନ୍ କାର୍ଡ ପାଇବେ, ସେ ଦିଗରେ ଦୃଷ୍ଟି ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଯୋଗାଣ ବିଭାଗରେ ଦୁର୍ନୀତିକୁ ସହ୍ୟ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କଡ଼ାକଡ଼ି କହିଛନ୍ତି । ଯେଉଁଭଳି ଟଙ୍କାଟିଏ ମଧ୍ୟ ଦୁର୍ନୀତି ନ ହେବ, ସେ ଦିଗରେ ସଚେତନ ହେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେଉଁ କେଉଁ ସ୍ଥାନରେ ଧାନ ରଖିବା ପାଇଁ ଗୋଦାମ ଆବଶ୍ୟକ ରହିଛି, ସେ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ କହିଥିଲେ । ଏହାସହ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ ହେବ ଏବଂ ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ପାଇବେ ବୋଲି ଯୋଗାଣ ମନ୍ତ୍ରୀ ଉଲ୍ଲେଖ କରିଥିଲେ । ଜିଲ୍ଲାରେ ପ୍ରତି ୧୦୦ ରେ ୮୩ ଜଣ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନରେ ସାମିଲ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ମୋଟ ୧୫,୨୦,୨୦୨ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ଅଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର ଏଲପିଜି ଗ୍ୟାସ ଯୋଗାଣ ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ମଇ ମାସ ସୁଦ୍ଧା ଯାଜପୁର ଜିଲ୍ଲାରେ ୩୫ ଟି ଏଜେନ୍ସି ଏବଂ ୨୩ ଟି ଅନ୍ୟାନ୍ୟ ଜାଗା ଉପରେ ଇନ୍ସପେକ୍ସନ କରାଯାଇଛି । ଯୋଗାଣ ବିଭାଗ ପକ୍ଷରୁ ୩୧୯ ଟି ଘରୋଇ ସିଲିଣ୍ଡର ଏବଂ ୪୭ ଟି କମର୍ସିଆଲ ସିଲିଣ୍ଡର ସିଜ୍ କରାଯାଇଛି । ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବ୍ଲକର ବିଡ଼ିଓ, ସମବାୟ, କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଚାରିଧାମ ଯାତ୍ରା ଅସ୍ଥାୟୀ ଭାବେ ବନ୍ଦ, ୬ ଶ୍ରଦ୍ଧାଳୁ ମୃତ



ଉତ୍ତରାଖଣ୍ଡ,୩୧।୫ : ଉତ୍ତରାଖଣ୍ଡରେ ପାଗରେ ପରିବର୍ତ୍ତନ ହୋଇଛି । ଶନିବାର ରାତିରୁ ବର୍ଷା ଲାଗି ରହିଛି । ତେଣୁ କେଦାରନାଥ ପ୍ରଶାସନ ତରଫରୁ ଯାତ୍ରାକୁ ଅସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଛି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଯିବାଆସିବା ଉପରେ ରୋକ୍ ଲଗାଯାଇଛି । ପାଣିପାଗ ସ୍ଥିତି ଠିକ୍ ହେବା ପରେ ଯାତ୍ରା ଆରମ୍ଭ ହେବ । କେଦାରନାଥରେ ଲଗାତାର ବର୍ଷା ଯୋଗୁଁ ପ୍ରଶାସନ ଏବଂ ବିପର୍ଯ୍ୟୟ ଟିମ ଆଲର୍ଟ ମୋଡରେ ରହିଛି । ଯାତ୍ରୀଙ୍କୁ ଗୁପ୍ତକାଶୀ, ଫାଟା, ରାମପୁର, ସୋନପ୍ରୟାଗ ଏବଂ ଗୌରୀକୁଣ୍ଡ ସ୍ଥିତ ସୁରକ୍ଷିତ ହୋଲ୍ଡିଂ ସେଣ୍ଟରରେ ରୋକାଯାଇଛି । କେଦାରନାଥ ଧାମରୁ ଫେରୁଥିବା ଶ୍ରଦ୍ଧାଳୁଙ୍କୁ ସୁରକ୍ଷିତ ଭାବେ ତଳକୁ ଅଣାଯାଉଛି । ଜିଲ୍ଲାଧିକାରୀଙ୍କ ନିର୍ଦ୍ଦେଶରେ ସମସ୍ତ ବିଭାଗ ଆଲର୍ଟ ମୋଡରେ ରହିଛି । କେଦାରନାଥ ଚଲାବାଟରେ କର୍ମଚାରୀ, ପୋଲିସ, ଏସଡିଆରଏଫ, ଏନଡିଆରଏଫ ଟିମ କର୍ମଚାରୀ ରହିଛନ୍ତି । ୨୪ ଘଣ୍ଟିଆ ଯାତ୍ରୀଙ୍କୁ ଯଥାସମ୍ଭବ ସହାୟତା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶ୍ରଦ୍ଧାଳୁଙ୍କ ଯାତ୍ରା ଆରମ୍ଭ ପାଇଁ ଅପେକ୍ଷା କରିବାକୁ କୁହାଯାଇଛି । ଗୁଜବ ଉପରେ ଧ୍ୟାନ ନ ଦେବାକୁ କୁହାଯାଇଛି । କେଦାରନାଥ ଧାମରେ, ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ୬ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଛି । ଏବେ ତୀର୍ଥଯାତ୍ରା ପଥକୁ ସ୍ଥଗିତ ରଖାଯାଇଛି ଏବଂ ରାଜ୍ୟ ଜରୁରୀକାଳୀନ ଅପରେସନ୍ ସେଣ୍ଟର ଅନୁଯାୟୀ, ସାରା ରାଜ୍ୟରେ ବିପର୍ଯ୍ୟୟ ପରି ପରିସ୍ଥିତି ଜାରି ରହିଛି । ରୁଦ୍ରପ୍ରୟାଗରେ ଗୋଟିଏ ଦିନରେ ତିନି ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା ।

## ଅଭିଷେକ ବାନାର୍ଜୀଙ୍କ ଉପରେ ଆକ୍ରମଣ: ୫ ଗିରଫ

କୋଲକତା,୩୧।୫: ତୃଣମୂଳ କଂଗ୍ରେସ (ଟିଏମସି)ର ଜାତୀୟ ସାଧାରଣ ସମ୍ପାଦକ ଏବଂ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ପୁଲିସ ପାଞ୍ଚ ଜଣଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଲୋକଙ୍କ ମଧ୍ୟରେ ତପନ ମାଇତି ଏବଂ ଆକାଶ ଅଛନ୍ତି, ଯେଉଁମାନେ ଘଟଣାର ଏକ ଭିଡିଓରେ ଦେଖାଯାଇଥିବା ଅଭିଯୋଗ ହୋଇଛି । ପୁଲିସ ତଦନ୍ତକୁ ଜୋରଦାର କରିଛି ଏବଂ ପାଞ୍ଚ ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି । ଅଭିଷେକ ବାନାର୍ଜୀ ଦକ୍ଷିଣ ୨୪ ପରଗନା ଜିଲ୍ଲାର ସୋନାରପୁରରେ ନିର୍ବାଚନ ପରବର୍ତ୍ତୀ ହିଂସାର ପୀଡିତ ପରିବାରଙ୍କୁ ଭେଟିବାକୁ ଯାଉଥିବା ବେଳେ ତାଙ୍କୁ ଏକ ଭିଡ଼ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣା ଅଞ୍ଚଳରେ ଉତ୍ତେଜନା ସୃଷ୍ଟି କରିଥିଲା ଏବଂ ରାଜ୍ୟ ରାଜନୀତିକୁ ଉଷ୍ମ କରିଥିଲା ।

## ଝଡ଼ ତୋଫାନ ଯୋଗୁଁ ପୋଲ ଭୁଶୁଡି ୫ ମୃତ



ଉତ୍ତରପ୍ରଦେଶ,୩୧।୫ : ଉତ୍ତରପ୍ରଦେଶର ହମିରପୁର ଜିଲ୍ଲାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୫ଜଣଙ୍କର ମୃତ୍ୟୁ ହୋଇଛି । ଝଡ଼ ତୋଫାନ ଯୋଗୁଁ ପୋଲ ଭୁଶୁଡି ପଡିବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସୂଚନାନୁଯାୟୀ, ଗୁରୁବାର ଦିନ ହମିରପୁର ସମେତ ଉତ୍ତର ପ୍ରଦେଶର ଅନେକ ଜିଲ୍ଲାରେ ପ୍ରବଳ ଝଡ଼ବର୍ଷା ହୋଇଥିଲା । ଝଡ଼ ସମୟରେ ବେତୱା ନଦୀ ଉପରେ ନିର୍ମାଣାଧୀନ ଏକ ପୋଲର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା । ଫଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ସହ ଅନେକ ଲୋକ ଆହତ ହୋଇଛନ୍ତି । ସୂଚନା ପାଇବା ପରେ ପ୍ରଶାସନ ଘଟଣାସ୍ଥଳକୁ ପହଞ୍ଚିଛି । ଘଟଣାସ୍ଥଳରେ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଉଦ୍ଧାରକାରୀ ଦଳ ବ୍ରିଜ୍ ଭଗ୍ନାବଶେଷ ସଫା କରୁଛନ୍ତି । ଏସ୍‌ଡିଆରଏଫ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଛି । ଏସଡିଏମ ଏବଂ ସିଓ ସମେତ ଅନେକ ପୋଲିସ ଷ୍ଟେସନର ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି । ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୃତକଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ସେ ବରିଷ୍ଠ ଅଧିକାରୀମାନଙ୍କୁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ସହ ପ୍ରଶାସନକୁ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆହତଙ୍କ ଉପଯୁକ୍ତ ଚିକିତ୍ସା ସୁନିଶ୍ଚିତ କରିବାକୁ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ସହ ସମସ୍ତ ସହାୟତା ଯୋଗାଇବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଦୁର୍ଘଟଣାସ୍ଥଳର ପରିଦର୍ଶନ କରିବା ସହ ଉଦ୍ଧାର କାର୍ଯ୍ୟର ସମୀକ୍ଷା କଲେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୩୧।୫:ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସୈଦୁଲାଜବ ଅଞ୍ଚଳରେ ୫ ମହଲା କୋଠା ଭୁଶୁଡ଼ିବା ଦୁର୍ଘଟଣାସ୍ଥଳ ପରିଦର୍ଶନ କରିବା ସହ ଚାଲିଥିବା ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି । ଗତକାଲି ରାତିରୁ ଉଦ୍ଧାରକାରୀ ଦଳ ନିରନ୍ତର ଭାବେ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ମେହରୌଲି ଥାନାରେ ଏକ ଅପରାଧିକ ମାମଲା ରୁଜୁ କରାଯାଇଛି । ଦକ୍ଷିଣ ଜିଲ୍ଲାର ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ, ଅଞ୍ଚଳର ଜରାଜୀର୍ଣ୍ଣ ଏବଂ ବିପଦସଙ୍କୁଳ କୋଠାଗୁଡ଼ିକୁ ଯାଞ୍ଚ କରିବାକୁ ଏବଂ ଆବଶ୍ୟକ ସ୍ଥଳେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟମନ୍ତ୍ରୀ ସମସ୍ତ ଅନଧିକୃତ ନିର୍ମାଣ ବିରୋଧରେ କଠୋର ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ବେଳେ, ସମ୍ପୃକ୍ତ ବିଭାଗର ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି ।

### ୧୩୪ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ

# ପହଁରିବା କୌଶଳ ଶିକ୍ଷା ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ,୩୧।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୩୪ତମ ଏପିସୋଡରେ ସମ୍ବୋଧିତ କରି କହିଛନ୍ତି, ଆମ ଦେଶରେ ଗରମ ସହିତ ଲଢ଼ିବାର ଉପାୟ ପ୍ରାୟତଃ ରୋଷେଇ ଘରେ ମିଳିଥାଏ । ଗରମ ବଢ଼ିବା ସହିତ ଘରର ରୋଷେଇର ସ୍ୱାଦ ଏବଂ ପ୍ରକାର ପରିବର୍ତ୍ତନ ହୁଏ । କେଉଁଠି ମାଟି ପାତ୍ରରୁ ପାଣି ରଖାଯାଇଥାଏ ତ ଅନ୍ୟ କେଉଁଠି ଦହି ପକାଯାଇଥାଏ । କେଉଁଠି କଞ୍ଚା ଆମ୍ବ ଖିଆଯାଇଥାଏ । ଦେଶରେ ଗରମରୁ ରକ୍ଷା ପାଇବା ପାଇଁ ବିଭିନ୍ନ ପାନୀୟର ସାହାରା ନିଆଯାଇଥାଏ । ଉତ୍ତର ଭାରତରେ ଅନେକ ସ୍ଥାନରେ ପଣା ମିଳିଥାଏ । ପଞ୍ଜାବ-ହରିଆଣାରେ ଲସି , ରାଜସ୍ଥାନ ଏବଂ ଗୁଜରାଟରେ ବଟରମିଲ୍କ ପ୍ରତ୍ୟେକ ଖାଦ୍ୟର ସାଥୀ ହୋଇଥାଏ । ବିହାର, ଝାଡ଼ଖଣ୍ଡ ଏବଂ ପୂର୍ବ ଉତ୍ତର ପ୍ରଦେଶରେ, ଛତୁଆ ସର୍ବତ ଲୋକେ ପିଇଥାନ୍ତି । ଏହି ଜିନିଷଗୁଡ଼ିକ ମଧ୍ୟରୁ ଅଧିକାଂଶ ଆମ ରୋଷେଇ ଘରେ ମିଳିଥାଏ । ଏହା ସହିତ ପ୍ରଧାନମନ୍ତ୍ରୀ କହିଛନ୍ତି, ସାରା ଦେଶରେ ଚର୍ଚ୍ଚା ସୃଷ୍ଟି କରୁଥିବା ଗୋଟିଏ ଇଭେଣ୍ଟ ହେଉଛି ୧୦୦ ମିଟର ଦୌଡ଼ । ମାତ୍ର ଦୁଇ ଦିନରେ ପୁରୁଷ ୧୦୦ ମିଟର ଦୌଡ଼ରେ ଜାତୀୟ ରେକର୍ଡ ତିନି ଥର ଭାଙ୍ଗିଛି । ଏହି ସଫଳତା ହାସଲ କରିଥିବା ଦୁଇ ଖେଳାଳି ହେଉଛନ୍ତି ଗୁରବିନ୍ଦରବୀର ସିଂହ ଏବଂ ଅନିମେଶ କୁଜୁର । କିଛି ଦିନ ପୂର୍ବରୁ ଝାଡ଼ଖଣ୍ଡର ରାଞ୍ଚିରେ ଜାତୀୟ ସିନିୟର ଆଥଲେଟିକ୍ସ ଫେଡେରେସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦେଶ ସାରାରୁ ପ୍ରାୟ ୮୦୦ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ । ଚାରୋଟି ଭିନ୍ନ ଭିନ୍ନ ଇଭେଣ୍ଟରେ ଚାରୋଟି ଜାତୀୟ ରେକର୍ଡ ଭାଙ୍ଗିଥିଲା । ଗୁରିନ୍ଦରବୀର ସିଂହ, ବିଶାଲ ଟିକେ, ତେଜସ୍ୱିନ ଶଙ୍କର, ଦେବ ମୀନା ଏବଂ କୁଲଦୀପ କୁମାର ବିଭିନ୍ନ ବର୍ଗରେ ରେକର୍ଡ ସ୍ଥାପନ କରିଥିଲେ । ମୁଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ସାମ୍ପ୍ରତିକ ନେଦରଲ୍ୟାଣ୍ଡ ଗସ୍ତକୁ ମନେ ପକାଇ କହିଛନ୍ତି, ଏହି ଯାତ୍ରା ସମୟରେ ଏକ ବିଶେଷ ଘଟଣା ନଜର ଆସିଥିଲା । ସେ ଉଲ୍ଲେଖ କରିଥିଲେ ଯେ ଡଚ୍ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ଉତ୍ସବରେ । ଶତାବ୍ଦୀ ପୁରୁଣା ତମ୍ବା ପ୍ଲେଟଗୁଡ଼ିକୁ ଆନୁଷ୍ଠାନିକ ଭାବରେ ଭାରତକୁ ଫେରାଇ ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି, କଳାକୃତିର ପ୍ରତ୍ୟାବର୍ତ୍ତନ ଭାରତ ଏବଂ ବିଦେଶର ଲୋକଙ୍କ ମଧ୍ୟରେ ବ୍ୟାପକ ଆନନ୍ଦ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀ ଉତ୍ତର ପ୍ରଦେଶରେ ଏକ ଗଙ୍ଗା ଡଲଫିନର ସଫଳ ଉଦ୍ଧାର ଉପରେ ଆଲୋକପାତ କରିଥିଲେ, ଏହି ବିଲୁପ୍ତପ୍ରାୟ ଜଳଚର ପ୍ରାଣୀଙ୍କୁ ରକ୍ଷା କରିବାରେ ସମ୍ପୃକ୍ତ ଲୋକଙ୍କ ଧୈର୍ଯ୍ୟ ଏବଂ ସମର୍ପଣକୁ ପ୍ରଶଂସା କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପଦକ୍ଷେପ ଜୈବ ବିବିଧତାକୁ ସୁରକ୍ଷା ଏବଂ ଗଙ୍ଗାର ଅନନ୍ୟ ପରିସଂସ୍ଥା ସଂରକ୍ଷଣ ପ୍ରତି ଭାରତର ବଢୁଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । କେରଳମର 'ନଦୀରେ ସ୍କୁଲ' ଜୀବନ ରକ୍ଷାକାରୀ ପହଁରିବା କୌଶଳ ଶିକ୍ଷା ଭଳି ଏକ ଅସାଧାରଣ ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି । ଯେଉଁଠାରେ ଶ୍ରେଣୀଗୃହ ଭିତରେ ନୁହେଁ ବରଂ ଏକ ନଦୀରେ ଶ୍ରେଣୀଗୃହ ଅନୁଷ୍ଠିତ ହୁଏ । ଏହାକୁ ଏକ 'ସ୍କୁଲ' ଭାବରେ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏହି ପଦକ୍ଷେପରେ କୌଣସି ଫି ନାହିଁ, କୌଣସି ବଡ଼ କୋଠା ନାହିଁ ଏବଂ କୌଣସି ପାରମ୍ପରିକ ଶ୍ରେଣୀଗୃହ ନାହିଁ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ପ୍ରୟାସ କେରଳମ୍ର ଆଲୁଭାରେ ସାଜି ଭାଲାସେରିଲଙ୍କ ଦ୍ୱାରା ଏକ ସନ୍ତରଣ କ୍ଲବ ମାଧ୍ୟମରେ କରାଯାଉଛି ଯାହା ଏପର୍ଯ୍ୟନ୍ତ ୧୫,୦୦୦ ରୁ ଅଧିକ ଲୋକଙ୍କୁ ତାଲିମ ଦେଇଛି । ଏହି ପ୍ରୟାସ ପଛରେ ଥିବା କାହାଣୀ ବଖାଣି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହା ଏକ ବ୍ୟକ୍ତିଗତ ଦୁଃଖଦ ଘଟଣାରୁ ପ୍ରେରିତ । ପ୍ରଧାନମନ୍ତ୍ରୀ ଏହି ପଦକ୍ଷେପକୁ ପ୍ରଶଂସା କରି କହିଥିଲେ ଯେ କିପରି ଜଣେ ବ୍ୟକ୍ତିଙ୍କ ଦୃଢ଼ ସଂକଳ୍ପ ଜୀବନକୁ ସୁରକ୍ଷା ଦେବା ଏବଂ ସମାଜର ସେବା କରିବାରେ ସାହାଯ୍ୟ କରିପାରିବ ।

### ଯାହାକୁ ଖୋଜିପାରିନଥିଲେ ଟ୍ରମ୍ପ ସେନା, ଆସିଲା ଫଟୋ

## ହର୍ମୁଜରେ ଦେଖିବାକୁ ମିଳିଲା ଇରାନର ଲ୍ୟାଣ୍ଡମାଇନ୍



ନୂଆଦିଲ୍ଲୀ,୩୧।୫: ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଓମାନ ଜଳସୀମାରୁ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି । ହର୍ମୁଜ୍ ପ୍ରଣାଳୀରୁ ଏଭଳି ଚିତ୍ର ସାମ୍ନାକୁ ଆସିଛି, ଯେଉଁଥିରେ ଇରାନ ନୌସେନା ଦ୍ୱାରା ବିଛାଯାଇଥିବା ସନ୍ଦିଗ୍ଧ ଲ୍ୟାଣ୍ଡମାଇନ୍ ଦେଖାଯାଉଥିବା ଦାବି କରାଯାଇଛି । ଏଗୁଡ଼ିକ ଇରାନର ମାହମ-୩ ନୌସେନା ଖଣି ହୋଇପାରେ, ଯାହାର ଓଜନ ପ୍ରାୟ ୩୦୦ କିଲୋଗ୍ରାମ ବୋଲି ଜଣାପଡ଼ିଛି । ଏହି ଘଟଣା ଆଞ୍ଚଳିକ ସୁରକ୍ଷା ସମ୍ପର୍କରେ ନୂତନ ଚିନ୍ତା ସୃଷ୍ଟି କରିଛି । ଉଲ୍ଲେଖନୀୟ ଯେ, ନିରନ୍ତର ସନ୍ଧାନ ଅଭିଯାନ ସତ୍ତ୍ୱେ, ଆମେରିକୀୟ ସେନା ଏପର୍ଯ୍ୟନ୍ତ ଏହି ମାଇନ୍‌କୁ ସ୍ପଷ୍ଟ ଭାବରେ ଚିହ୍ନଟ କରିପାରି ନାହିଁ । ଏହି ଚିତ୍ରଗୁଡ଼ିକୁ ଆମେରିକା ପାଇଁ ଏକ ବଡ଼ ବିପର୍ଯ୍ୟୟ ବୋଲି କୁହାଯାଉଛି । ଆମେରିକା ନୌସେନା ହର୍ମୁଜ୍ ପ୍ରଣାଳୀରେ ନିରନ୍ତର ସନ୍ଧାନ ଅଭିଯାନ ଚଳାଇଛି । ଏହା ସତ୍ତ୍ୱେ, ଇରାନ ଦ୍ୱାରା ବିଛାଯାଇଥିବା ଗୋଟିଏ ବି ନୌସେନା ମାଇନ୍‌କୁ ଆନୁଷ୍ଠାନିକ ଭାବରେ ଚିହ୍ନଟ କରିନି । ଏବେ ସାମନାକୁ ଆସିଥିବା ଫଟୋ ପୁରା ମାମଲାକୁ ଅଧିକ ସମ୍ବେଦନଶୀଳ କରିଛି । ବିଶ୍ୱାସ କରାଯାଉଛି ଯେ ଯଦି ଏଗୁଡ଼ିକ ପ୍ରକୃତରେ ମାହମ-୩ ଖଣି, ତେବେ ଏହା ଅନ୍ତର୍ଜାତୀୟ ସାମୁଦ୍ରିକ ମାର୍ଗର ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିପାରେ । ଏହି ସମୟରେ, ଇରାନରୁ ଆଉ ଏକ ବଡ଼ ଖବର ସାମ୍ନାକୁ ଆସିଛି । ମିଳିଥିବା ସୂଚନା ଅନୁସାରେ, ତେହରାନ ଏବେ ସମ୍ଭାବିତ ଡ୍ରୋନ୍ ଯୁଦ୍ଧର ପ୍ରସ୍ତୁତିକୁ ଦ୍ରୁତ ଗତିରେ ଆଗକୁ ବଢାଉଛି । ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଡ୍ରୋନ୍ ସହାୟତା କେନ୍ଦ୍ର ସ୍ଥାପିତ କରିବାର ଘୋଷଣା କରିଛି । ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, ଖୁବ୍ ଶୀଘ୍ର ଏକ ବିଶେଷ ଡ୍ରୋନ୍ ସହାୟତା କେନ୍ଦ୍ର ତିଆରି କରାଯିବ । ଏହି କେନ୍ଦ୍ର ସରକାରୀ ଓ ସେନା ଦୁଇ ସଂଗଠନକୁ ଡ୍ରୋନ୍ ସହିତ ଜଡିତ ସବୁ ନାଗରିକ ସେବା ଉପଲବ୍ଧ କରାଇବ । ମନେ କରାଯାଉଛି ଯେ, ଏହା ଇରାନର ମାନବହୀନ ବାୟୁଯାନ କ୍ଷମତାକୁ ଆହୁରି ମଜବୁତ କରିବ ବୋଲି ବିଶ୍ୱାସ କରାଯାଉଛି । ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ଯେକୌଣସି ସମୟରେ ଏକ ବଡ଼ ସାମରିକ ସଂଘର୍ଷରେ ପରିଣତ ହୋଇପାରେ ।

## ପାକ୍ ଅଧିକୃତ କାଶ୍ମୀରର ଯୁବକ ଗିରଫ

### ପ୍ରେମିକାକୁ ଭେଟିବାକୁ ଏଲଓସି ପାର୍

ନୂଆଦିଲ୍ଲୀ,୩୧।୫: ଜାମ୍ମୁ-କାଶ୍ମୀରର ବାରାମୁଲ୍ଲା ଜିଲ୍ଲା ସ୍ଥିତ ଉରି ସେକ୍ଟରରେ ନିୟନ୍ତ୍ରଣ ରେଖା (ଏଲଓସି) ପାର୍ ହୋଇ ଭାରତୀୟ ସୀମାରେ ପ୍ରବେଶ କରିଥିବା ଜଣେ ପିଓକେ (ପାକିସ୍ତାନ ଅଧିକୃତ କାଶ୍ମୀର)ର ଯୁବକଙ୍କୁ ସେନା ପକ୍ଷରୁ ଗିରଫ କରାଯାଇଛି । ଶନିବାର ସକାଳେ ଘଟିଥିବା ଏହି ଘଟଣା ସମ୍ପର୍କରେ ସରକାରୀ ସୂତ୍ରରୁ ସୂଚନା ମିଳିଛି । ଗିରଫ ଯୁବକ ଜଣକ ପିଓକେର ମୁଜାଫରାବାଦ ଜିଲ୍ଲା ଅନ୍ତର୍ଗତ ପାଇନକାଡି ଗ୍ରାମର ଲାଲ୍ ଦିନ ମିରଙ୍କ ୨୫ ବର୍ଷୀୟ ପୁତ୍ର ଜୀଶାନ ଅହମ୍ମଦ ମିର ବୋଲି ଚିହ୍ନଟ କରାଯାଇଛି । ଶନିବାର ସକାଳ ପ୍ରାୟ ୯:୩୦ ସମୟରେ ଜୀଶାନ ବେଆଇନ ଭାବେ ସିଲିକୋଟ ସୀମାନ୍ତ ଅଞ୍ଚଳ ଦେଇ ଭାରତୀୟ ଅଞ୍ଚଳରେ ପ୍ରବେଶ କରୁଥିବା ବେଳେ ସେଠାରେ ମୁତୟନ ଥିବା ଭାରତୀୟ ସେନାର "୧୨ ଗ୍ରେନେଡିୟର୍ସ" ୟୁନିଟର ଯବାନମାନେ ତାଙ୍କୁ କାବୁ କରିଥିଲେ । ସେନା ଓ ସୁରକ୍ଷା ସଂସ୍ଥା ପକ୍ଷରୁ କରାଯାଇଥିବା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ଅନୁପ୍ରବେଶ ପଛରେ କୌଣସି ସାମରିକ ବା ଆତଙ୍କବାଦୀ ଉଦ୍ଦେଶ୍ୟ ନଥିଲା, ବରଂ ଏହା ଏକ ପ୍ରେମ ବ୍ୟାପାର ସହ ଜଡ଼ିତ । ଜୀଶାନ ଉରି ଅଞ୍ଚଳର ତିଲେଇ ଗ୍ରାମରେ ରହୁଥିବା ଅବଦୁଲ ମଜିଦ ମିରଙ୍କ କନ୍ୟା ଇରମ ବାନୋ ନାମକ ଜଣେ ମହିଳାଙ୍କୁ ଭେଟିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଏଲଓସି ପାର୍ କରିଥିଲେ । ଦୁହିଁଙ୍କ ମଧ୍ୟରେ ଥିବା ବ୍ୟକ୍ତିଗତ ପ୍ରେମ ସମ୍ପର୍କ ଯୋଗୁଁ ହିଁ ଯୁବକ ଜଣକ ସୀମା ଡେଇଁଥିବା ଜଣାପଡ଼ିଛି । ବର୍ତ୍ତମାନ ଭାରତୀୟ ସେନା ପିଓକେ ଯୁବକ ଜୀଶାନ ଓ ସ୍ଥାନୀୟ ମହିଳା ଇରମ ଉଭୟଙ୍କୁ ନିଜ ହେପାଜତକୁ ନେଇ ପୃଥକ ଭାବେ ପଚରାଉଚରା କରୁଛି ।

## ନେପାଳୀ ସଂସଦରେ ବିବାଦୀୟ ବୟାନ ରଖିଲେ ବାଲେନ୍ ଶାହ



କାଠମାଣ୍ଡୁ,୩୧।୫: ନେପାଳ ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ ଭାରତକୁ ଲାଗି ରହିଥିବା ସୀମାକୁ ନେଇ ନେପାଳ ସଂସଦରେ ବିବାଦୀୟ ବୟାନ ଦେଇଛନ୍ତି । ବାଲେନ୍ଦ୍ର ଶାହ କହିଛନ୍ତି, ଭାରତ ଯେପରି ନେପାଳର ଭୂଭାଗକୁ ମାଡ଼ି ବସିଛି, ନେପାଳ ମଧ୍ୟ ଅନେକ ସ୍ଥାନରେ ଭାରତର ଭୂମିକୁ ମାଡ଼ି ବସିଛି । ଦ କାଠମାଣ୍ଡୁ ପୋଷ୍ଟ ରିପୋର୍ଟ ଅନୁଯାୟୀ, ନେପାଳର ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି ଯେ, ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନୀ ସୀମା ବିବାଦ କୂଟନୈତିକ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ । ଶ୍ରମ ସଂସ୍କୃତି ପାର୍ଟିର ସାଂସଦ ଆରେନ୍ ରାୟଙ୍କ ଦ୍ୱାରା ସଂସଦରେ ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ବାଲେନ୍ଦ୍ର ଶାହ କହିଛନ୍ତି, ପ୍ରଧାନମନ୍ତ୍ରୀ ହେବା ପରେ ମୁଁ ଜାଣିବାକୁ ପାଇଛି ଯେ, ନା କେବଳ ଭାରତ, ନେପାଳ ମଧ୍ୟ ଭାରତର ଭୂମି ମାଡ଼ି ବସିଛି । ଏହି ପ୍ରସଙ୍ଗରେ ଦୁଇ ଦେଶ ଏକାଠି ବୈଠକ କରି ବିଚାର କରିବା ଉଚିତ । ଏହାବ୍ୟତୀତ ଲିପୁଲେଖ ଓ ଲମ୍ପିୟାଧୁରା ରାସ୍ତାରେ ହେଉଥିବା ବ୍ୟାପାର ଉପରେ ନେପାଳ କମ୍ୟୁନିଷ୍ଟ ପାର୍ଟିର ଉପ-ସଂସଦୀୟ ଦଳର ନେତା ପଦ୍ମା ଅୟାର୍ଲ ଏକ ପ୍ରଶ୍ନ କରିଥିଲେ, ଏହାର ଜବାବରେ ପ୍ରଧାନମନ୍ତ୍ରୀ ଶାହ କହିଛନ୍ତି ଯେ, ଲିପୁଲେଖ, ଲିମ୍ପିୟାଧୁରା ଓ କାଲାପାନୀ ବିବାଦର ସମାଧାନ କୂଟନୈତିକ ଆଲୋଚନା ମାଧ୍ୟମରେ କରାଯିବ । ଶାହ ନେପାଳ ସଂସଦକୁ ସୂଚନା ଦେଇ କହିଛନ୍ତି, ନେପାଳ ଏହି ପ୍ରସଙ୍ଗରେ ଭାରତକୁ ପୂର୍ବରୁ ଏକ ଆଧିକାରିକ କୂଟନୈତିକ ବାର୍ତ୍ତା ପଠାଇସାରିଛି ଓ ଭାରତରୁ ଜବାବ ମଧ୍ୟ ମିଳିସାରିଛି । ବାଲେନ୍ ଶାହ କହିଛନ୍ତି, ଭାରତଠାରୁ ମିଳିଥିବା ଜବାବରେ କୁହାଯାଇଛି ଯେ, ଉଭୟ ସରକାର ଐତିହାସିକ, ସର୍ବେକ୍ଷକ ଓ କ୍ଷେତ୍ର ବିଶେଷଜ୍ଞଙ୍କୁ ସାମିଲ କରି ଏକ ଟିମ୍ ଗଠନ କରିବ ଓ କଥାବାର୍ତ୍ତା ଦ୍ୱାରା ଏହାର ସମାଧାନ କରିବ । ନେପାଳ ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ନେପାଳ ଏହି ସୀମା ବିବାଦକୁ ନେଇ ଚୀନ ଓ ବ୍ରିଟେନ୍ ସହିତ ମଧ୍ୟ କୂଟନୈତିକ ଆଲୋଚନା କରିଛି ।

## ମମତା ବାନାର୍ଜୀଙ୍କୁ ଝଟକା

### ଟିଏମସିର ବୈଠକରେ ୮୦ ରୁ ୬୦ ବିଧାୟକ ଗାଏବ

କୋଲକାତା,୩୧ । ୫: ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନରେ ମିଳିଥିବା ପରାଜୟ ପରେ ଟିଏମସିର ସ୍ଥିତି ଠିକ୍ ନାହିଁ । ବହୁ ବିଧାୟକ ଓ ସାଂସଦ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାର ଏକ ପ୍ରମାଣ ଅଭିଷେକ ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣ ପରେ ମମତାଙ୍କ ଘରେ ହେବାକୁ ଥିବା ବୈଠକରେ ୮୦ ରୁ ୬୦ ବିଧାୟକ ପହଁଞ୍ଚି ନାହାନ୍ତି । ବିଧାୟକଙ୍କ ଏହି ସ୍ୱଳ୍ପ ଯୋଗଦାନ ବୈଠକକୁ ଲଜ୍ଜାଜନକ ଭାବରେ ବାତିଲ କରିଦେଲା, ଯାହା ଟିଏମସିକୁ ଏହାର ଇତିହାସର ସବୁଠାରୁ ଖରାପ ଏବଂ ଗଭୀର ସଙ୍କଟରେ ପକାଇଲା । ଟିଏମସି ସୂତ୍ର ଅନୁଯାୟୀ, ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ବିଧାୟକ ଦଳ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ମମତା ବାନାର୍ଜୀଙ୍କ କୋଲକାତା ବାସଭବନରେ ଡକାଯାଇଥିଲା । ବୈଠକର ମୁଖ୍ୟ ଉଦ୍ଦେଶ୍ୟ ନିର୍ବାଚନ ପରାଜୟ ଏବଂ ଅଭିଷେକ ବାନାର୍ଜୀଙ୍କ ଉପରେ ଆକ୍ରମଣ ପରେ ସ୍ଥିତି ସମୀକ୍ଷା କରିବା ଥିଲା । ଯେତେବେଳେ ବୈଠକ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା, ସେତେବେଳେ କେବଳ ୨୦ ଜଣ ବିଧାୟକ ଉପସ୍ଥିତ ଥିଲେ । ସୂତ୍ର ଅନୁଯାୟୀ, ଯେଉଁ ୬୦ ବିଧାୟକ ବୈଠକରେ ଅନୁପସ୍ଥିତ ଥିଲେ । ଏହି ବିଫଳତାକୁ ଘୋଡାଇବା ପାଇଁ, ଟିଏମସି ମୁଖପାତ୍ର କୁନାଲ ଘୋଷ ଏକ ଦୁର୍ବଳ ସ୍ପଷ୍ଟୀକରଣ ଦାବି କରିଛନ୍ତି ,ଯେଉଁ ବିଧାୟକମାନେ ବୈଠକରେ ଯୋଗ ଦେଇପାରିଲେ ନାହିଁ ସେମାନେ ପ୍ରକୃତରେ ଅଭିଷେକ ବାନାର୍ଜୀ ଏବଂ ବରିଷ୍ଠ ସାଂସଦ କଲ୍ୟାଣ ବାନାର୍ଜୀଙ୍କ ଉପରେ ଆକ୍ରମଣ ପରେ ବିଭିନ୍ନ ଅଞ୍ଚଳରେ ପ୍ରତିବାଦ ଆୟୋଜନ କରିବାରେ ବ୍ୟସ୍ତ ଥିଲେ । ତଥାପି, ରାଜନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଏତେ ସଂଖ୍ୟାରେ ବିଧାୟକଙ୍କ ଅନୁପସ୍ଥିତି କେବଳ ଏକ ସଂଯୋଗ ନୁହେଁ, ବରଂ ଏକ ଜାଣିଶୁଣି ଅନୁପସ୍ଥିତି ।

## ଆମେରିକାର ଏମକ୍ୟୁ-୧ ଡ୍ରୋନକୁ ଖସାଇଥିବା ଦାବି କଲା ଇରାନ

ନୂଆଦିଲ୍ଲୀ,୩୧।୫: ଆଇଆରଜିସି ଇରାନ ବାୟୁମଣ୍ଡଳରେ ଏକ ଆମେରିକୀୟ ଏମକ୍ୟୁ-୧ ଡ୍ରୋନକୁ ଗୁଳି କରି ଖସାଇ ଦେଇଥିବା ଦାବି କରିଛି । ଇରାନର ଅର୍ଦ୍ଧ-ସରକାରୀ ସମାଚାର ଏଜେନ୍ସି ତସନିମ ଅନୁଯାୟୀ, ଇରାନ ବାୟୁମଣ୍ଡଳରେ ପ୍ରବେଶ କରିବାର କିଛି ସମୟ ପରେ ନିରୀକ୍ଷଣ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ଡ୍ରୋନକୁ ଚିହ୍ନଟ କରାଯାଇ ଖସାଇ ଦିଆଯାଇଥିଲା । ଇରାନୀ ଅଧିକାରୀମାନେ ଦାବି କରିଛନ୍ତି ଯେ,ଡ୍ରୋନକୁ ସଫଳତାର ସହ ନଷ୍ଟ କରାଯାଇଛି । ଆଇଆରଜିସି ଡ୍ରୋନ୍ ଆମେରିକୀୟ ସେନାର ବୋଲି ଚିହ୍ନଟ କରିଛି । ଡ୍ରୋନ୍ ଆକ୍ରମଣ କରିବା ଉଦ୍ଦେଶ୍ୟରେ ପ୍ରବେଶ କରୁଥିଲା । ତେବେ ଆମେରିକା ପକ୍ଷରୁ ଏନେଇ କୌଣସି ମନ୍ତବ୍ୟ ପ୍ରଦାନ କରାଯାଇନାହିଁ । ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ, ଆମେରିକାର ଡ୍ରୋନକୁ ଖସାଇଦେବାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଏକ ବଡ଼ ଝଟକା ବୋଲି ବିବେଚନା କରାଯାଉଛି । ଆମେରିକା ଏବଂ ଇରାନ ମଧ୍ୟରେ ଅସ୍ତ୍ରବିରତି ନେଇ ଆଲୋଚନା ଚାଲିଥିବା ବେଳେ, ଇରାନ ଆମେରିକୀୟ ଡ୍ରୋନକୁ ଖସାଇ ଦେଇଛି । ଏହା ବ୍ୟତୀତ, ହର୍ମୁଜ୍ ପ୍ରଣାଳୀ ସମ୍ପର୍କରେ ଆମେରିକାର ଦାବି ଏବେ ଭିତ୍ତିହୀନ ମନେ ହେଉଛି ।

### ଦେଶରେ ଖରାପ ଜୀବନଶୈଳୀ ସାଜିଛି ନିରବ ଘାତକ

# ପ୍ରତି ତୃତୀୟ ବ୍ୟକ୍ତି ପୃଥୁଳକାୟ ପଞ୍ଚମ ବ୍ୟକ୍ତି ମଧୁମେହର ଶିକାର



ନୂଆଦିଲ୍ଲୀ,୩୧।୫: ଖରାପ ଜୀବନଶୈଳୀ ଯୋଗୁଁ ୧୫ ବର୍ଷରୁ ଅଧିକ ବୟସର ଲୋକଙ୍କ ମଧ୍ୟରେ ମୋଟାପଣ ଏବଂ ମଧୁମେହ ସମସ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ଦେଶରେ ୧୫ରୁ ୪୯ ବର୍ଷ ବୟସର ପ୍ରତି ତିନି ଜଣ ମହିଳା ଓ ପୁରୁଷଙ୍କ ମଧ୍ୟରୁ ପ୍ରାୟ ଜଣେ ମୋଟାପଣର ଶିକାର ହୋଇଛନ୍ତି ।ରିପୋର୍ଟ ମୁତାବକ, ୧୫-୪୯ ବର୍ଷ ବୟସର ୩୦.୭ ପ୍ରତିଶତ ମହିଳା ଅଧିକ ଓଜନ ବା ମୋଟାପଣ ଶ୍ରେଣୀରେ ଅଛନ୍ତି, ଯାହା ପୂର୍ବ ସର୍ବେକ୍ଷଣରେ ୨୪ ପ୍ରତିଶତ ଥିଲା । ସହରାଞ୍ଚଳରେ ଏହି ସମସ୍ୟା ଅଧିକ ଗମ୍ଭୀର, ସେଠାରେ ୪୨.୮ ପ୍ରତିଶତ ମହିଳା ମୋଟାପଣର ଶିକାର ହୋଇଥିବା ବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା ୨୫.୫ ପ୍ରତିଶତ ରହିଛି । ସେହିପରି ୨୭.୩ ପ୍ରତିଶତ ପୁରୁଷ ମଧ୍ୟ ମୋଟାପଣର ଶିକାର ହୋଇଛନ୍ତି ।ଡାକ୍ତରମାନଙ୍କ କହିବା ଅନୁସାରେ, ଆୟ ବୃଦ୍ଧି, ଶାରୀରିକ ପରିଶ୍ରମର ଅଭାବ, ଅସନ୍ତୁଳିତ ଖାଦ୍ୟପେୟ ଏବଂ ଅଫିସରେ ବସି ରହି କାମ କରିବା ଶୈଳୀ ଯୋଗୁଁ ଏହି ସମସ୍ୟା ବଢୁଛି । ଏହା ଆଗକୁ ଯାଇ ହୃଦରୋଗ ଏବଂ ଅନ୍ୟାନ୍ୟ ଜଟିଳ ରୋଗର କାରଣ ସାଜୁଛି । ରିପୋର୍ଟ ଅନୁସାରେ ଦେଶରେ ମଧୁମେହର ଆକଳନ ମଧ୍ୟ ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି । ୧୫ ବର୍ଷ ବା ତା'ଠାରୁ ଅଧିକ ବୟସର ଲୋକଙ୍କ ମଧ୍ୟରେ ବ୍ଲଡ୍ ସୁଗାର ସ୍ତର ଅଧିକ ଥିବା କିମ୍ବା ମଧୁମେହ ନିୟନ୍ତ୍ରଣ ପାଇଁ ଔଷଧ ଖାଉଥିବା ଲୋକଙ୍କ ସଂଖ୍ୟା ମହିଳାଙ୍କ କ୍ଷେତ୍ରରେ ୧୭.୮ ପ୍ରତିଶତ ଏବଂ ପୁରୁଷଙ୍କ କ୍ଷେତ୍ରରେ ୨୦.୯ ପ୍ରତିଶତକୁ ବୃଦ୍ଧି ପାଇଛି । ପୂର୍ବରୁ ଏହା ଯଥାକ୍ରମେ ୧୩.୫% ଏବଂ ୧୫.୬% ଥିଲା ।ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ମଧୁମେହର ବୋଝ ଅଧିକ ଦ୍ରୁତ ଗତିରେ ବଢୁଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ନିୟମିତ ବ୍ୟାୟାମ, ସନ୍ତୁଳିତ ଆହାର, ତମାଖୁ ଏବଂ ମଦ୍ୟପାନଠାରୁ ଦୂରରେ ରହିବା ଏବଂ ସମୟ ସମୟରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦ୍ୱାରା ହିଁ ଏଥିରୁ ରକ୍ଷା ମିଳିପାରିବ । ତେବେ ଏହି ରିପୋର୍ଟରେ ଗୋଟିଏ ଆଶ୍ୱସ୍ତିକର ଖବର ମଧ୍ୟ ସାମ୍ନାକୁ ଆସିଛି । ଦେଶରେ ଉଚ୍ଚ ରକ୍ତଚାପ (ହାଇ ବ୍ଲଡ୍ ପ୍ରେସର) ସ୍ତରରେ ସୁଧାର ଆସିଛି । ମହିଳାଙ୍କ କ୍ଷେତ୍ରରେ ଉଚ୍ଚ ରକ୍ତଚାପ ୨୧.୩ ପ୍ରତିଶତରୁ କମି ୧୯. ୪ ପ୍ରତିଶତ ହୋଇଥିବା ବେଳେ ପୁରୁଷଙ୍କ କ୍ଷେତ୍ରରେ ଏହା ୨୪.୦ ପ୍ରତିଶତରୁ କମି ୨୨.୧ ପ୍ରତିଶତ ହୋଇଛି ।

# ମହିଳା ୱାସ ରୁମରୁ ସ୍ପାଏ କ୍ୟାମେରା ଜବତ ଘଟଣା : କନିଷ୍ଠ କିରାଣୀ ଗିରଫ




ଜଗତସିଂହପୁର, (ନିପ୍ର): ଜଗତସିଂହପୁର ଡିଆରଡିଏ କାର୍ଯ୍ୟାଳୟ ମହିଳା ୱାସ ରୁମ୍ ରୁ ସ୍ପାଏ କ୍ୟାମେରା ଜବତ ଘଟଣାରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଘଟଣାରେ ଡିଆରଡିଏ କାର୍ଯ୍ୟାଳୟର କନିଷ୍ଠ କିରାଣୀଙ୍କୁ ଗିରଫ କରାଯାଇଛି । ଗତକାଲି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା ।ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ଦେଇ ଜଗତସିଂହପୁର ଏସପି ଅଙ୍କିତ ବର୍ମା କହିଛନ୍ତି ଯେ, ଜଗତସିଂହପୁର ଡିଆରଡିଏ କାର୍ଯ୍ୟାଳୟର ଜନୈକା ମହିଳା କର୍ମଚାରୀଙ୍କୁ ଏକତରଫା ପ୍ରେମ କରି ବିଫଳ ହେବାପରେ ଏପରି କରିଥିଲା ଅଭିଯୁକ୍ତ । ଅଭିଯୁକ୍ତ କନିଷ୍ଠ କିରାଣୀ ସଞ୍ଜୟ ଅଧେଖାଙ୍କୁ ଶନିବାର ତିର୍ତୋଲ ପୋଲିସ ଗିରଫ କରିବା ପରେ ଜିଲ୍ଲାପାଳ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ । ପୋଲିସ ଅଭିଯୁକ୍ତ ଠାରୁ ହିଡେନ କ୍ୟାମେରା ସହ ଏକ ମୋବାଇଲ, ପେନ୍ ଡ୍ରାଇଭ୍ ଓ ସିସିଟିଭି ହାର୍ଡ ଡିସ୍କ ଜବତ କରିଛି । ୟୁଟ୍ୟୁବ ଦେଖି ଅନଲାଇନରୁ ଗତ ଜାନୁଆରୀ ମାସରେ ଏହି କ୍ୟାମେରା ମଗାଇଥିଲା ଅଭିଯୁକ୍ତ । ଗତ ମାର୍ଚ୍ଚ ମାସରୁ ମହିଳା ୱାସରୁମ୍ ରେ ଏହି ସ୍ପାଏ କ୍ୟାମେରା ଲଗାଇଥିଲା ଅଭିଯୁକ୍ତ । ପ୍ରତି ସପ୍ତାହକୁ ଥରେ ଚାର୍ଜ କରି ପୁନର୍ବାର ନେଇ ସେଇ ସ୍ଥାନରେ ଲଗାଇ ମୋବାଇଲ ମାଧ୍ୟମରେ ଦେଖୁଥିଲା ବୋଲି ପୋଲିସ ଆଗରେ ସ୍ୱୀକାର କରିଛି ଅଭିଯୁକ୍ତ ।ପ୍ରକାଶ ଥାଉକି, ଗତ ୨୫ ତାରିଖ ଦିନ ଡିଆରଡିଏର ଜଣେ ମହିଳା କର୍ମଚାରୀ ୱାସରୁମ ଯାଇଥିବା ବେଳେ କ୍ୟାମେରାଟି ଖସି ପଡ଼ିଥିଲା । ତାକୁ ଦେଖି ମହିଳା ଜଣକ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ । ପରେ ଗତ ୨୬ ତାରିଖ ଦିନ ଏନେଇ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ତିର୍ତୋଲ ଥାନାରେ ଏତଲା କରିଥିଲେ । ଏତଲାକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏନେଇ ତିର୍ତୋଲ ପୋଲିସ ଏକ ୪ ଜଣିଆ ଟିମ୍ ଗଠନ କରିଥିଲା । ସାଇବର୍ ଟିମ୍ ସହାୟତାରେ ତନାଘନା କରି ସେହି କାର୍ଯ୍ୟାଳୟର କନିଷ୍ଠ କିରାଣୀ ସଞ୍ଜୟ ଅଧେଖାଙ୍କୁ ପୋଲିସ ଗିରଫ କରିଛି ।

## ସ୍ତ୍ରୀକୁ ମାରି ନଦୀ କୂଳରେ ପୋତିଦେଲା: ସ୍ୱାମୀ ଗିରଫ

କଟକ(ନିପ୍ର): ପ୍ରେମ କରି ବିବାହ କରିଥିଲେ । କିନ୍ତୁ ପ୍ରେମ ବେଶୀ ଦିନ ତିଷ୍ଠି ରହିଲାନି । ଶେଷରେ ତଣ୍ଟିଚିପି ମାରି ପୋତିଦେଲା ସ୍ୱାମୀ। ଏଭଳି ଘଟଣା ଘଟିଛି କଟକ ଜିଲ୍ଲା ଟାଙ୍ଗୀ ଥାନା ଭଟିମୁଣ୍ଡା ସାରଙ୍ଗା ଗ୍ରାମରେ । ପୋଲିସ ଅଭିଯୁକ୍ତ ସ୍ୱାମୀ ସାରଙ୍ଗାର ମଳୟ ସାମଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଭଟିମୁଣ୍ଡା ଗ୍ରାମର ମଳୟ ସାମଲ ୨୦୧୯ ମସିହାରେ ଜଗତସିଂହପୁର ବାଲିକୁଦା ଥାନା ଅଞ୍ଚଳ ଗରାମ ଗ୍ରାମର ବନିତା ସେଠୀଙ୍କୁ ଭଲ ପାଇ ବିବାହ କରିଥିଲେ। ଦୁହେଁ ବାଲିକୁଦା ଅଞ୍ଚଳରେ ରହୁଥିଲେ। ମାତ୍ର ଗତ ଦୁଇ ବର୍ଷ ହେବ ସେମାନେ ନିଜ ଗ୍ରାମ ସାରଙ୍ଗାକୁ ଆସିଥିଲେ । ବନିତା ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ମଳୟ ରାଜମିସ୍ତ୍ରୀ କାମ କରନ୍ତି। ମାତ୍ର ପାରିବାରିକ କଳହରୁ ଦୁହିଁଙ୍କ ମଧ୍ୟରେ କଳି ଝଗଡା ଲାଗି ରହିଥିଲା । ଗତ ୩-୪ ଦିନ ହେବ ବନିତା ରହୁଥିବା ଘରକୁ ନ ଫେରିବାରୁ ବନିତାଙ୍କ ସମ୍ପର୍କୀୟ ବନିତାର ବାପଘର ଲୋକଙ୍କୁ ଜଣାଇଥିଲେ । ଏନେଇ ବାପଘର ଲୋକେ ଟାଙ୍ଗୀ ଥାନାରେ ଅଭିଯୋଗ କଲା ପରେ ଟାଙ୍ଗୀ ପୋଲିସ ବନିତାଙ୍କ ସ୍ୱାମୀ ମଳୟକୁ ଧରି ପଚରା ଉଚରା କରିବା ପରେ ସେ ସତ ମାନିଥିଲା । ବନିତାକୁ ମାରି ବସ୍ତାରେ ଭର୍ତ୍ତି କରି ମେଣ୍ଢାଖାଇ ନଦୀ କୂଳରେ ପୋତି ଦେଇଛି ବୋଲି ମଳୟ ପୋଲିସ ନିକଟରେ ସ୍ୱୀକାର କରିଥିଲା । ଯାହାକୁ ନେଇ ପୋଲିସ ତାକୁ ଘଟଣାସ୍ଥଳକୁ ନେଇ ଜାଗା ଚିହ୍ନଟ କରିବା ପରେ ପରିବାର ଲୋକ, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମହିଳାଙ୍କ ଶବ ଖୋଳି ଉଦ୍ଧାର କରିବା ସହିତ ସାଇଣ୍ଟିଫିକ୍ ଟିମ୍ ପ୍ରାଥମିକ ତଦନ୍ତ କରିବା ପରେ ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଛି । ପୋଲିସ ହତ୍ୟାରେ ବ୍ୟବହୃତ ଏକ ଫାଉଡା ଓ ମହିଳାଙ୍କ ଓଢ଼ଣୀ ଜବତ କରିବା ସହିତ ଏନେଇ ମଳୟକୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି ପୋଲିସ ।

## ବସ୍-ବାଇକ ମୁହାଁମୁହିଁ ଧକ୍କା : ବାଇକ ଚାଳକ ମୃତ



ଆସିକା ୩୧/୦୫- ବସ ବାଇକ ମୁହାଁମୁହିଁ ଧକ୍କା ଦୁର୍ଘଟଣା ଜଣେ ମୃତ ।ଆସିକା ଥାନା ଅନ୍ତର୍ଗତ ବାଲିଶିରା ଶୀଧେଶ୍ୱର ହାଇସ୍କୁଲ ସମ୍ମୁଖରେ ହିରୋ ଏଚ ଏଫ ଡୀଲକ୍ସ ବାଇକ ନମ୍ବର ଓଡ଼ି ୩୨ ଏ ୮୫୯୦ ସହ ବିପରୀତ ଦିଗରୁ ଆସିଥିବା ଓଡ଼ି ୦୭ ଏସି ୮୫୨୫ ନମ୍ବର ବିଶିଷ୍ଟ ତୋଫାନ ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲା ଫଳରେ ଘଟଣା ସ୍ଥଳରେ ଗାଙ୍ଗପୁର ଥାନା ଖଣ୍ଡରାବଳି ଗ୍ରାମର ଲାଲୁ ସ୍ୱାଇଁ ପିତା କାଳିଆ ସ୍ୱାଇଁ ଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଥାଉକି ଗାଙ୍ଗପୁର ଥାନା ଖଣ୍ଡରାବଳି ଗ୍ରାମର ଲାଲୁ ସ୍ୱାଇଁ ପିତା କାଳିଆ ସ୍ୱାଇଁ କୌଣସି କାମରେ ଆସିକା ଆସିଥିଲେ। କାମ ସାରି ନିଜ ଗ୍ରାମ ଖଣ୍ଡରାବଳି ଗ୍ରାମକୁ ସନ୍ଧ୍ୟା ସାତଟା ସମୟରେ ଫେରୁଥିବା ବେଳେ ବାଲିଶିରା ଶୀଧେଶ୍ୱର ହାଇସ୍କୁଲ ସମ୍ମୁଖରେ ଫୁଲବାଣୀ ରୁ ବ୍ରହ୍ମପୁର ଯାଉଥିବା ତୋଫାନ ବସ ସହ ମୁହାଁମୁହିଁ ଧକ୍କା ହୋଇଥିଲା ଫଳରେ ଘଟଣା ସ୍ଥଳରେ ଲାଲୁଙ୍କ ମୃତ୍ୟୁ ଘଟିଥିଲା। ଫଳରେ ପରିବାର ପକ୍ଷରୁ ଦୀର୍ଘ ସମୟ ଧରି ରାସ୍ତା ରୋକ ହୋଇଥିଲା। ଘଟଣା ସ୍ଥଳରେ ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ, ଅତିରିକ୍ତ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ଜେନା ଆସିକା ତହସିଲ କର୍ମଚାରୀ ପହଞ୍ଚି ଉତେକ୍ତ ଲୋକଙ୍କୁ ବୁଝା ସୁଝା କରିବା ସହ ରେଡ଼କ୍ରସ ପାଣ୍ଠିରୁ ୩୦୦୦୦ ଟଙ୍କା ସହାୟତା ରାଶି ପ୍ରଦାନ ପରେ ରାସ୍ତା ରୋକ ହଟିଥିଲା. ଆମ୍ବୁଲାନ୍ସ ରେ ଶବ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପଠା ଯାଇଛି।

## ଡିଭାଇଡରକୁ ପିଟିଲା ସ୍କୁଟି, ୨ଗୁରୁତର

ପିପିଲି (ନିପ୍ର): ରବିବାର ଅପରାହ୍ନରେ ପିପିଲି - ନିମାପଡା ମୁଖ୍ୟ ରାସ୍ତାର ବଳଙ୍ଗା ଥାନା ଅନ୍ତର୍ଗତ ଭାଣପୁର ଛକରେ ଡିଭାଇଡରରେ ଏକ ସ୍କୁଟି ପିଟି ହେବାରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ନ ଥିଲା ବେଳେ ସେମାନେ ନିମାପଡା ଅଞ୍ଚଳର ବୋଲି ଶୁଣିବାକୁ ମିଳୁଛି । ସ୍ଥାନୀୟ ଲୋକେ ୨ଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପିପିଲି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ ଅପରାହ୍ନରେ ୨ଜଣ ଯୁବକ ଏକ ସ୍କୁଟିରେ ଦୃତ ଗତିରେ ପିପିଲି ଅଭିମୁଖେ ଯାଉଥିବା ବେଳେ ଭାଣପୁର ଛକ ଠାରେ ସ୍କୁଟିଟି ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡରରେ ପିଟି ହୋଇଯାଇଥିଲା। ଫଳରେ ସ୍କୁଟି ଚାଳକ ଓ ପଛରେ ବସିଥିବା ଯୁବକ ଜଣକ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ। ଉଭୟଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଖବର ପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଁଚି ଦୁର୍ଘଟଣା ଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ସମିତି ସଭ୍ୟଙ୍କ ହ୍ୱାଟସ୍ଆପ୍ ହ୍ୟାକ୍, ଆକାଉଣ୍ଟରୁ ଟଙ୍କା ଗାଏବ୍

ସମ୍ବଲପୁର,(ନିପ୍ର): ସାଇବର ଠକମାନେ ଦିନକୁ ଦିନ ନୂଆ ନୂଆ ଉପାୟ ଅବଲମ୍ବନ କରି ସାଧାରଣ ଲୋକଙ୍କୁ ଠକୁଥିବା ବେଳେ ବର୍ତମାନ ଏକ ଏପିକେ ଫାଇଲ ମାଧ୍ୟମରେ ହ୍ୱାଟସ୍ଆପ୍ ହ୍ୟାକିଂ ଘଟଣା ସାମ୍ନାକୁ ଆସିଛି। ବାମରା ବ୍ଲକ ଅନ୍ତର୍ଗତ କୁଟାରିମାଲ ଗ୍ରାମ ପଞ୍ଚାୟତର ସମିତି ସଭ୍ୟ ଭିକାରୀ ବୁଦୁଲାଙ୍କ ହ୍ୱାଟସ୍ଆପ୍ ହ୍ୟାକ୍ ହୋଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ସେ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି ।ସୂଚନା ଅନୁସାରେ, ସାନ ଫିନିଙ୍ଗିବାହାଲ ଗ୍ରାମର ବାସିନ୍ଦା ତଥା ସମିତି ସଭ୍ୟ ଭିକାରୀ ବୁଦୁଲାଙ୍କ ହ୍ୱାଟସ୍ଆପକୁ ଏକ ସନ୍ଦେହଜନକ ଏପିକେ ଫାଇଲ ଆସିଥିଲା। ଏହା କଣ ଜାଣିବା ପାଇଁ ସେ ଉକ୍ତ ଫାଇଲ ଉପରେ କ୍ଲିକ୍ କରିଥିଲେ। ତେବେ ଏହା ପରଠାରୁ ତାଙ୍କ ହ୍ୱାଟସ୍ଆପ୍ ଆକାଉଣ୍ଟ ହ୍ୟାକ୍ ହୋଇଯାଇଥିବା ସନ୍ଦେହ କରାଯାଉଛି। ଅଭିଯୋଗ ଅନୁଯାୟୀ, ଫାଇଲଟିରେ କ୍ଲିକ୍ କରିବା ପରେ ତାଙ୍କ ହ୍ୱାଟସ୍ଆପେରେ ସଂରକ୍ଷିତ ଥିବା ବିଭିନ୍ନ କଂଟକ୍ଟଙ୍କ ପାଖକୁ ସେହି ଏପିକେ ଫାଇଲ ଆପେଆପେ ପଠାଯାଇଥିଲା। ଏହା ଫଳରେ ଅନ୍ୟମାନେ ମଧ୍ୟ ସାଇବର ଠକଙ୍କ ଜାଲରେ ଫସିବାର ଆଶଙ୍କା ସୃଷ୍ଟି ହୋଇଛି। ପରେ ତାଙ୍କ ଆକାଉଂଟରୁ ପ୍ରାୟ ୧୧୦୦ ଟଙ୍କା କଟିଯାଇଥିବା ସେ ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ଭିକାରୀ ବୁଦୁଲା ତୁରନ୍ତ ଗୋବିନ୍ଦପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତି କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ଏହି ସୂଚନା ସାମ୍ନାକୁ ଆସିଥିଲା। ସାଇବର ବିଶେଷଜ୍ଞଙ୍କ ମତାନୁସାରେ ଏପିକେ ଫାଇଲ ହେଉଛି ଆଣ୍ଡ୍ରଏଡ୍ ଆପ୍ଲିକେସନର ଇନଷ୍ଟଲେସନ ଫାଇଲ। ଅଜଣା ଉତ୍ସରୁ ଆସୁଥିବା ଏପିକେ ଫାଇଲରେ ମାଲୱେର କିମ୍ବା ଭାଇରସ୍ ଲୁଚିଥାଇପାରେ। ଏଥିରେ କ୍ଲିକ୍ କରିବା ମାତ୍ରେ ମୋବାଇଲର ବ୍ୟକ୍ତିଗତ ତଥ୍ୟ, ୱାଟସ୍ଆପ୍ ଆକାଉଂଟ, ବ୍ୟାଙ୍କିଂ ସୂଚନା ଓ ଓଟିପି ପର୍ଯ୍ୟନ୍ତ ଠକମାନଙ୍କ ହାତକୁ ଚାଲି ଯାଇପାରେ। ଏହି ଘଟଣା ପୁଣିଥରେ ପ୍ରମାଣ କରିଛି ଯେ, ଡିଜିଟାଲ ଯୁଗରେ ସଚେତନତା ହିଁ ସବୁଠାରୁ ବଡ଼ ସୁରକ୍ଷା।

## ନଈକୂଳରୁ ମହିଳାଙ୍କ ମୃତଦେହ ମିଳିବା ଘଟଣା: ଅଭିଯୁକ୍ତ ସ୍ୱାମୀ ଫେରାର

ଭଦ୍ରକ, (ନିପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ବୋଡ଼କ ପଂଚାୟତର ରେବ ନଈକୂଳରୁ ଶୁକ୍ରବାର ସକାଳେ ପୋଲିସ ମହିଳାଙ୍କ ମୃତଦେହକୁ ଜବତ କରିଥିଲା । ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା (ନଂ ୨୧୭/୨୬)ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ତେବେ ଘଟଣାଦିନ ରାତିରେ ମୃତା ମହିଳାଙ୍କ ପରିଚୟ ପୋଲିସ ଜାଣିବାକୁ ପାଇଥିଲା । ମହିଳାଙ୍କ ନାଁ କବିତା ବେହେରା (୩୫) ଏବଂ ସେ ଧୂଷୁରୀ ଥାନା କଟସାହି ପଂଚାୟତ ଅଧୀନ ପଥରଡିହ ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ପତ୍ନୀ ସବିତା ବୋଲି ଜାଣିବାକୁ ପାଇଥିଲା ।ତେବେ ମହିଳାଙ୍କ ପରିଚୟ ମିଳିବା ପରେ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଶୁକ୍ରବାର ରାତିରେ ଏବଂ ଶନିବାର ପଥରଡିହ ଗ୍ରାମକୁ ଯାଇ ଏହାର ତଦନ୍ତ ଚଳାଇଛନ୍ତି । ଏହି ହତ୍ୟା ଘଟଣାର ଗୁମର ଖୋଲିବାରେ ଲାଗିଥିବା ବେଳେ ଅଭିଯୁକ୍ତ ସ୍ୱାମୀ ଏବଂ ତାଙ୍କ ପରିବାରର ଅନ୍ୟ ସଦସ୍ୟ ପ୍ରଫୁଲ୍ଲଙ୍କ ୨ନାବାଳିକା ଝିଅକୁ ଘରେ ଛାଡ଼ି ଗିରଫ ଭୟରେ ଫେରାର ହୋଇଯାଇଥିବା ଜଣାଯାଇଛି । ତେବେ ଆଇଆଇସି ନାୟକ ତଦନ୍ତ ବେଳେ ଜାଣିବାକୁ ପାଇଛନ୍ତି ଯେ ପ୍ରଫୁଲ୍ଲ ୧୭/୧୮ ବର୍ଷ ପୂର୍ବେ ବିହାର ରାଜ୍ୟରେ କାମ କରୁଥିଲେ । ସେଠାରେ କାମ କରୁଥିବା ସେହି ରାଜ୍ୟର କବିତାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପରେ ପ୍ରଫୁଲ୍ଲ ତାଙ୍କୁ ବିବାହ କରି ନିଜ ଗ୍ରାମ ପଥରଡିହକୁ ନେଇ ଆସିଥିଲେ । ବୈବାହିକ ଜୀବନ ବିତାଇବା ମଧ୍ୟରେ ତାଙ୍କର ୨ଟି କନ୍ୟା ଜନ୍ମ ହୋଇଥିଲେ । ତେବେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ବେଳେ ମନୋମାଳିନ୍ୟ ଦେଖା ଦେଉଥିଲା । ଏହି କାରଣରୁ ପ୍ରଫୁଲ୍ଲ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରି ନଈକୂଳରେ ଫିଙ୍ଗି ଦେଇଥିବା ପୋଲିସ ସନ୍ଦେହ ପ୍ରକାଶ କରିଛି । ସୂଚନା ଯୋଗ୍ୟଯେ ଶୁକ୍ରବାର ସକାଳେ ରେବ ନଈକୂଳରେ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ପଡ଼ିଥିବା ଖବର ପାଇ ଆଇଆଇସି ନାୟକ ଘଟଣାସ୍ଥଳରେ ପହଂଚି ମହିଳାଙ୍କୁ ଚିହ୍ନଟ କରିବାଦିଗରେ ପଦକ୍ଷେପ ନେଇ ରାତିସୁଦ୍ଧା ମୃତ ମହିଳାଙ୍କ ଖବର ପାଇବାରେ ସକ୍ଷମ ହୋଇଥିଲେ।

## ୨ କାଜୁ ମିଲ୍ ମାଲିକଙ୍କୁ ମାଡ଼ମାରି ସୁନା ଚେନ, ମୁଦି ଏବଂ ଟଙ୍କା ଲୁଟ

ଜୟପୁର, (ନିପ୍ର): କୋରାପୁଟ ଜିଲ୍ଲା ଜୟପୁର ବ୍ଲକର କେବଡି ଗ୍ରାମପଞ୍ଚାୟତରେ ରହିଥିବା ଜଗତଜନନୀ କାଜୁ ମିଲର ଦୁଇ ମାଲିକ ଗତକାଲି ରାତି ୮ ସମୟରେ କାଜୁ ମିଲକୁ ବନ୍ଦ କରିବା ପରେ ବାଇକ ଯୋଗେ ଜୟପୁର ଘରକୁ ଫେରୁଥିବାବେଳେ କେବିଡି ଗ୍ରାମ ଏବଂ ବିଜେ-୨ ଗ୍ରାମ ରାସ୍ତାର ଦଣ୍ଡସେନା ଗୁଡ଼ା ଗ୍ରାମ ନିକଟରେ ରାସ୍ତା ଉପରେ ପ୍ରାୟ ୫ଜଣ ମୁଖାଧାରୀ ଦୁର୍ବୃତ୍ତମାନେ ସେମାନଙ୍କୁ ଅଟକାଇ ମାଡ଼ ମାରିବା ସହିତ ସୁନାଚେନ, ମୁଦି ଏବଂ ୪ ହଜାର ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଏକ ମାମଲା ରୁଜୁ ହେବା ସହିତ ତଦନ୍ତ ଆରମ୍ଭ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ଦୁଇ କାଜୁ ମାଲିକ ଜୟପୁର ସହରର ଦାଶରୀ ସାହିର କେ. ଅମରନାଥ ଲିଖିତ ଅଭିଯୋଗ କରିଛନ୍ତି ଯେ, ସେ ଏବଂ ତାଙ୍କ ବ୍ୟବସାୟୀ ସହଯୋଗୀ ଜୟପୁର ସହର ଭୂପତି ସାହିର ଏସ୍. ବୈକୁଣ୍ଠ ନିଜ ନିଜ ବାଇକରେ ମିଶି ଘରକୁ ରାତିରେ ଫେରୁଥିବାବେଳେ ରାସ୍ତାରେ ୫ଜଣ ମୁଖାଧାରୀ ସେମାନଙ୍କୁ ଅଟକାଇ ମାଡ଼ ମାରିଥିଲେ ଏହିପରି ଅମରାନାଥ ପିନ୍ଧି ବେକର ସୁନା ଚେନ, ସୁନାମୁଦି ଏବଂ ୨ ହଜାର ଟଙ୍କା ଲୁଟି ନେଇଥିଲେ ଏବଂ ତାଙ୍କ ସହଯୋଗୀଙ୍କ ଠାରୁ ମଧ ୨ ହଜାର ଟଙ୍କା ଲୁଟି ନେଇଥିଲେ। ଏହିପରି ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଦୁଇ କାଜୁ ବ୍ୟବସାୟୀ ସେଠାରୁ ଫେରି ଟାଉନଥାନାରେ ରାତିରେ ଏତଲା ଦେଇଥିଲେ। ଏଥିନେଇ ସଦରଥାନା ପୁଲିସ ଏକ ମାମଲା(୧୭୫/୨୬) ରୁଜୁ କରିବା ସହିତ ଆଜି ଠାରୁ ତନନ୍ତ ଆରମ୍ଭ କରିଛି ପୋଲିସ।

## ଦାଦାବଟି ଆଦାୟକୁ ନେଇ ଗୁଳିମାଡ଼, ୨ ଅଟକ

କେନ୍ଦ୍ରାପଡ଼ା,(ନିପ୍ର) ଦାଦାବଟିକୁ ନେଇ କେନ୍ଦ୍ରାପଡ଼ା ରଣପଡ଼ା ହାଇସ୍କୁଲ୍ ପଡ଼ିଆରେ ଗୁଳି ଫୁଟିଛି ଏଥିରେ କେନ୍ଦ୍ରାପଡ଼ା ପୌରପାଳିକା ୧୩ ନମ୍ବର ୱାର୍ଡର କାଉନସିଲର ଶେଖ୍ ଅସଲମ ଓ ଠିକାଦାର ଶେଖ୍ ଅକତାର ଅଳ୍ପରେ ବର୍ତି ଯାଇଛନ୍ତି। ଦୁର୍ବୃତମାନେ ଦାଦା ବଟି ମାଗି ବିଫଳ ହେବା ପାଂଚ ରାଉଣ୍ଡ ଫାଙ୍କା ଗୁଳିଚଳାଇ ଜୀବନରୁ ମାରି ଦେବାକୁ ଧମକ ଦେଉଥିଲେ। ୧୩ ନମ୍ବର ୱାର୍ଡ ର ରଣପଡା ମସଜିଦ ସମ୍ମୁଖରେ ପୌରପାଳିକାର ଉନ୍ନୟନ ମୂଳକ କାମ ଚାଲିଥିଲା। ଏହି କାମ କାଉନ ସିଲର ଅସଲମ ଙ୍କ ସମ୍ପର୍କୀୟ ଶେଖ୍ ଅକ୍ତର କାମ କରୁଥିଲେ ତିନି ଜଣ ଦୁର୍ବୃତ ଆସି ପହଂଚି ଦାଦାବଟି ମାଗିଥିଲେ ସେ କାଉନସିଲର ପାଖକୁ ଯିବାକୁ କହିଥିଲେ ସେହି ସମୟରେ ଅସଲାମ ହାଇସ୍କୁଲ ପଡ଼ିଆରେ ଥିଲେ। ଦୁର୍ବୃତମାନେ ହାଇସ୍କୁଲ ପଡ଼ିଆକୁ ଯାଇ ଅସଲାମ କୁ ବଟି ଦେବାକୁ କହିଥିଲେ। ଏହି ସମୟରେ ଅକତାର ଘଟଣା ସ୍ଥଳରେ ପହଂଚି ଯାଇଥିଲେ। ଦୁର୍ବୃତମାନେ ହଟାତ୍ ରାଗି ଯାଇ ଅକ୍ତାରକୁ ମାଡ ମାରିବା ରାଉଣ୍ଡ ଗୁଳୀ ଚଳାଇ କାଉନ୍ସିଲର, ଠିକାଦାର ଭୟଭୀତ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଗୁଳି ଶବ୍ଦ ଶୁଣି ସ୍ଥାନୀୟ ଲୋକ ପହଂଚି ଯିବାରୁ ଦୁର୍ବୃତମାନେ ଖସି ପଳାଇ ଯାଇଥିଲେ। କେନ୍ଦ୍ରାପଡ଼ାର ଜଣେ ଦୁର୍ଦାନ୍ତ ଅପରାଧି ହାଇଦର ପୁଅ ହେଉଛନ୍ତି ସେକ୍ ଆଜାରୁଦ୍ଦିନି ନାମରେ ଠିକାଦାର ଅକ୍ତର ଟାଉନ୍ ଥାନାର ଅଭିଯୋଗ କରିଛନ୍ତି। ଏ ଘଟଣାରେ ପୋଲିସ ହାଇଦର୍ ଘରକୁ ରେଡ୍ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ପୋଲିସ ର ପ୍ରତିକ୍ରିୟା ମିଳପାରିନାହିଁ।

## ପିଲା ସାଲୁଙ୍କିରେ ବୁଡି ଜଣେ ମୃତ

ଫୁଲବାଣୀ(ନିପ୍ର) :କଲେଜଛୁଟିରେ ୮ ଜଣ ସାଙ୍ଗ ଫୁଲବାଣୀ ନିକଟସ୍ଥ ପିଲାସାଲୁଁଙ୍କି ଡ୍ୟାମକୁ ଯାଇ ଗାଧୋଉଥିବା ବେଳେ ଗୋଡ ଖସି ଦୁଇ ଜଣ ବୁଡି ଯାଇଥିଲେ । ଜଣଙ୍କୁ ବାଡ଼ି ସାହାଯ୍ୟରେ ଉଦ୍ଧାର କରାଯାଇଥିବଳେ ଅନ୍ୟଜଣେ ନିଖୋଜ ହୋଇଥିଲା । ଅନ୍ୟ ସାଙ୍ଗ ମାନେ ଫୁଲବାଣୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଅନ୍ୟଜଙ୍କୁ ଉଦ୍ଧାର କରିଥିଲେ ।ଉଭୟଙ୍କୁ ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିଲା । ସେଠାରେ ଡାକ୍ତର ଜଣକୁ ମୃତ ଘୋଷଣା କରିଥିଲେ । ମୃତକ ଫୁଲବାଣୀ ପିଅନପଡାର ସାହିର ଶୁଭେନ୍ଦୁ ନାୟକଙ୍କ ପୁଅ ସୀତାଂଶୁ ଶେଖର ନାୟକ (୧୭) ବୋଲି ଜଣାପଡିଛି । ଗୁରୁତର ଜଣକ, ଫୁଲବାଣୀ ବ୍ରାହ୍ମଣସାହିର ଆଦିତ୍ୟ ପାତ୍ର (୧୯) ବୋଲି ଜଣାପଡିଛି । ଖବର ପାଇ ପୋଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଫୁଲବାଣୀ ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ଆଦିତ୍ୟର ଛାତିରେ ପାଣି ରହିଥିବାରୁ ତାଙ୍କୁ ଭୁବନେଶ୍ୱର ରେଫେର କରାଯାଇଛି । ସୂତାଂଶୁର ବାପା ଜଣେ ବରିଷ୍ଠ କିରାଣୀ ପୁଅକୁ ଉଚ୍ଚଶିକ୍ଷା ପାଇଁ ଭୁବନେଶ୍ୱରରେ ଏକ ଘରୋଇ ଇଂଜିନିୟରିଂ କଲେଜ ପଠେଇଥିଲେ । ପୁଅର ଏଭଳି ଦୁଃଖଦ ମୃତ୍ୟୁରେ ସମଗ୍ର ପରିବାରରେ ଶୋକର ଛାୟା ଖେଳିଯାଇଛି।

## ଫୁଲକୁଣ୍ଡ ଛେଚି ହତ୍ୟା !

ବ୍ରହ୍ମପୁର:ବ୍ରହ୍ମପୁର ପୋଲିସ ଗୋସାଇଁ ନୂଆଗାଁ ପୋଲିସ ସୀମା ଅନ୍ତର୍ଗତ ହିଲ୍ ପାଟନା ଗିରି ରୋଡ୍ ସ୍ଥିତ ଗୀତା ଭବନ ନିକଟରେ ଏକ ପରିତ୍ୟକ୍ତ ଘରୁ ଜଣେ ଅଜଣା ଯୁବକଙ୍କ ବିକୃତ ମୃତଦେହ ଉଦ୍ଧାର କରିଛି। ଏହା ହତ୍ୟା ସନ୍ଦେହକୁ ଦୃଢ଼ କରିଛି। ଯୁବକଙ୍କୁ ସିମେଣ୍ଟ ଫୁଲ କୁଣ୍ଡରେ ନିର୍ମମ ଭାବରେ ଆକ୍ରମଣ କରାଯାଇଥିବା ପରି ମନେ ହେଉଛି, ଯାହା ଫଳରେ ସେ ଗୁରୁତର ଆହତ ଏବଂ ମୃତ ଅବସ୍ଥାରେ ପଡ଼ି ରହିଥିଲେ। ମୃତଦେହ ରକ୍ତରେ ବୁଡ଼ି ଯାଇଥିବା ଦେଖିବାକୁ ମିଳିଥିଲା ।

## ବଦଳିଲେ ବାରଙ୍ଗ ଥାନା ଆଇଆଇସି : ପୁରୀଘାଟ ଥାନା ଅଧିକାରୀଙ୍କୁ ମିଳିଲା ନୂଆ ଅତିରିକ୍ତ ଦାୟିତ୍ୱ

କଟକ(ନିପ୍ର) : ବଦଳିଲେ ବାରଙ୍ଗ ଥାନା ଇନିସ୍ପେକଟର। ବାରଙ୍ଗ ଥାନା ଇନିସ୍ପେକଟର ନିରଞ୍ଜନ ବେହେରାଙ୍କୁ ସିପି ଅଫିସକୁ ବଦଳି କରାଯାଇଛି ଓ ପୁରୀଘାଟ ଥାନା ଅଧିକାରୀ ବିଶ୍ୱ ରଞ୍ଜନ ନାୟକଙ୍କୁ ବାରଙ୍ଗ ଥାନା ଇନିସ୍ପେକଟର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଉଛି । ବାରଙ୍ଗ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗର ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ବେଳେ ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ପ୍ରଶାସନିକ ଭିତ୍ତିରେ ନିରଞ୍ଜନ ବେହେରାଙ୍କୁ ବଦଳି କରାଯାଇଛି । ସୂଚନା ଯୋଗ୍ୟ ଯେ, ଚଣ୍ଡିପ୍ରସାଦ ଗାଁର ରାକେଶଙ୍କୁ ପୋଲିସ ଥାର୍ଡ ଡ଼ିଗ୍ରୀ ଦେଇଥିବା ଅଭିଯୋଗ ହୋଇଥିଲା । ରାକେଶ ଗୁରୁତର ହେବାରୁ ୨୪ ତାରିଖରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ରାକେଶଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ଏସସିବିକୁ ସ୍ଥାନାନ୍ତର କରାଯାଇଥିଲା । ଏବେ ସେଠାରେ ସେ ଚିକିତ୍ସିତ ହେଉଛନ୍ତି । ମାତ୍ର ଶୁକ୍ରବାର ବାରଙ୍ଗ ଥାନା ସମ୍ମୁଖରେ ମୁଖ୍ୟ ରାସ୍ତା ଅବରୋଧ କରିଥିଲେ ଗ୍ରାମବାସୀ । ବିଳମ୍ବିତ ରାତିରେ ପୋଲିସ ଲାଠି ଚାର୍ଜ କରି ରାସ୍ତା ରୋକ ହଟାଇଥିଲା । ବାରଙ୍ଗ ଥାନାରେ ଯୁବକଙ୍କୁ ପୋଲିସର ନିର୍ଯାତନା ଘଟଣାରେ ଏଯାଏ ମିଳିନି ପରିବାରକୁ ନ୍ୟାୟ । ନ୍ୟାୟ ଭିକ୍ଷା କରି ନିରାଶ ହେଉଛି ପରିବାର । ପୋଲିସ ପ୍ରଶାସନ ନା ରାଜ୍ୟ ସରକାର କେହି ଏହାକୁ କର୍ଣ୍ଣପାତ କରୁନାହାନ୍ତି । ଆଉ ସେପଟେ ଜୀବନ ମରଣ ସହ ସଂଗ୍ରାମ କରୁଛି ନିରୀହ ରାକେଶ । ପରିବାର ଲୋକଙ୍କ ସୂଚନା ମୁତାବକ ରାକେଶଙ୍କୁ ପୋଲିସ ଥାର୍ଡ ଡ଼ିଗ୍ରୀ ଦେବା ଘଟଣାରେ ରାକେଶ ଗୁରୁତର ହେବାରୁ ୨୪ ତାରିଖରେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା । ପରିବାର ଲୋକେ ଖବର ପାଇ ଡ଼ାକ୍ତରଖାନାରେ ପହଞ୍ଚିଥିଲେ। ସେତେବେଳେକୁ ରାକେଶର ଅବସ୍ଥା ସଙ୍କଟାପନ୍ନ ରହିଥିଲା। ପରେ ପୋଲିସ ରାକେଶକୁ କଟକ ବଡ଼ ଡ଼ାକ୍ତରଖାନାର ସେଣ୍ଟ୍ରାଲ ଆଇସିୟୁରେ ଭର୍ତି କରିଥିଲା । ପୋଲିସ ବଳ ପ୍ରୟୋଗ କରି ଫୋର୍ସ ଲଗାଇ ଲୋକଙ୍କୁ ଘଉଡାଇ ଦେଇଥିଲା । ହେଲେ ଲୋକଙ୍କ ମନରେ ଆନ୍ଦୋଳନର ନିଆଁ ବଢ଼ି ବଢ଼ି ଚାଲିଥିଲା। ଗତକାଲି ବାଙ୍କୀ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଚଣ୍ଡୀପ୍ରସାଦ ଗ୍ରାମରେ ପହଞ୍ଚି ରାକେଶଙ୍କ ପରିବାର ସହ ଆଲୋଚନା କରି ନ୍ୟାୟ ପାଇଁ ଲଢେଇ ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗତକାଲି ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କୁ ନେଇ ଶାନ୍ତି କମିଟିର ଏକ ବୈଠକ ବସିଥିଲା । ବୈଠକର ନିଷ୍ପତି ମୁତାବକ ଶାନ୍ତି କମିଟିର ୫ ଜଣିଆ ଦଳ କଟକ ଡିସିପିଙ୍କୁ ଭେଟି ନିରୀହ ଗରିବ ରାକେଶଙ୍କ ପରିବାରକୁ ନ୍ୟାୟ ଦେବାକୁ ଦାବି କରିବା ସହ ଗୁରୁତର ରାକେଶକୁ ଡ଼ାକ୍ତରଖାନାରେ ଭେଟିବାକୁ ଦେବାକୁ ଦାବି ରଖିବେ ବୋଲି ସୂଚନା ରହିଛି । ଗ୍ରାମବାସୀଙ୍କ ଆକ୍ରୋଶ ଓ ବିଭିନ୍ନ ଘଟଣାକୁ ଦୃଷ୍ଟିରେ ରହି ବ୍ୟାପକ ଫୋର୍ସ ମୁତୟନ ରହିଛନ୍ତି ।


**ଜାତୀୟ କ୍ରୀଡ଼ା ବିଶ୍ୱବିଦ୍ୟାଳୟ, ଇମ୍ଫାଲ, ମଣିପୁର**

(ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ)

ଭାରତ ସରକାର, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ

ଏଫ୍.ନଂ. ୧୧୧ଏନଏସୟୁ/ଆଡମିଶନସ୍/୨୦୨୬-୨୭-୭୭୩ ତାରିଖ: ୧୯/୦୫/୨୦୨୬

**ନାମଲେଖା ନୋଟିସ୍ ୨୦୨୬-୨୭**

ଜାତୀୟ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ନିମ୍ନଲିଖିତ କାର୍ଯ୍ୟକ୍ରମ ନିମିତ୍ତ ଯୋଗ୍ୟ ପ୍ରାର୍ଥୀଙ୍କ ନାମଲେଖା ଲାଗି ଦରଖାସ୍ତ ଆହ୍ୱାନ କରୁଛି:

**ଉପଲବ୍ଧ କାର୍ଯ୍ୟକ୍ରମ**

| ଲେଭଲ୍ | କାର୍ଯ୍ୟକ୍ରମର ନାମ | ଡିଗ୍ରୀ | ଅବଧି ବର୍ଷ | ଅବଧି ସେମିଷ୍ଟର |
|---|---|---|---|---|
| ଅଣ୍ଡର ଗ୍ରାଜୁଏଟ୍ | ବିଜ୍ଞାନରେ ସ୍ନାତକ (କ୍ରୀଡ଼ା କୋଚିଂ) (ଆରଚେରି, ଆଥଲେଟିକ୍ସ, ବ୍ୟାଡମିଣ୍ଟନ, ବକ୍ସିଂ, ଫୁଟବଲ, ସୁଟିଂ, ସୁଇମିଂ, ୱେଟ୍ ଲିଫ୍ଟିଙ୍ଗ, ଫେନ୍ସିଂ ଓ ଉଶୁ) | ବିଏସ୍ସି (କ୍ରୀଡ଼ା କୋଚିଂ)* / ଏକାଧିକ ପ୍ରବେଶ ଏବଂ ପ୍ରସ୍ଥାନ ବିକଳ୍ପ | ୪ | ୮ |
| | ଶାରୀରିକ ଶିକ୍ଷା ଓ କ୍ରୀଡ଼ାରେ ସ୍ନାତକ | ବିପିଇଏସ୍ | ୩ | ୬ |
| ପୋଷ୍ଟ ଗ୍ରାଜୁଏଟ୍ | ବିଜ୍ଞାନରେ ସ୍ନାତକୋତ୍ତର (କ୍ରୀଡ଼ା କୋଚିଂ) (ଆରଚେରି, ଆଥଲେଟିକ୍ସ, ବ୍ୟାଡମିଣ୍ଟନ, ବକ୍ସିଂ, ଫୁଟବଲ, ସୁଟିଂ, ସୁଇମିଂ ଓ ୱେଟ୍ ଲିଫ୍ଟିଙ୍ଗ | ଏମ୍.ଏସ୍ସି (କ୍ରୀଡ଼ା କୋଚିଂ) | ୨ | ୪ |
| | ବିଜ୍ଞାନରେ ସ୍ନାତକୋତ୍ତର (କ୍ରୀଡ଼ା ମନସ୍ତତ୍ତ୍ୱ) | ଏମ୍.ଏସ୍ସି (କ୍ରୀଡ଼ା ମନସ୍ତତ୍ତ୍ୱ) | ୨ | ୪ |
| | ଶାରୀରିକ ଶିକ୍ଷା ଓ କ୍ରୀଡ଼ାରେ ସ୍ନାତକୋତ୍ତର | ଏମପିଇଏସ୍ | ୨ | ୪ |
| | ପ୍ରୟୋଗାତ୍ମକ କ୍ରୀଡ଼ା ପୁଷ୍ଟି ବିଜ୍ଞାନରେ ସ୍ନାତକୋତ୍ତର | ଏମ୍.ଏସ୍ସି (ପ୍ରୟୋଗାତ୍ମକ କ୍ରୀଡ଼ା ପୁଷ୍ଟି) * | ୨ | ୪ |
| | | ପ୍ରସ୍ଥାନ ବିକଳ୍ପ: କ୍ରୀଡ଼ା ପୁଷ୍ଟିରେ ପିଜି ଡିପ୍ଲୋମା | ୧ | ୨ |

*** ଜାତୀୟ କ୍ରୀଡ଼ା ନୀତି, ୨୦୨୦ ଅନୁଯାୟୀ ପ୍ରସ୍ତୁତ ।**

ପ୍ରାର୍ଥୀଙ୍କ ଶାରୀରିକ ଫିଟନେସ୍ ଟେଷ୍ଟ, ଖେଳ ଦକ୍ଷତା, ମୌଖିକ ଓ କ୍ରୀଡ଼ା କୃତିତ୍ୱ ସମେତ କାର୍ଯ୍ୟକ୍ରମ - ସ୍ୱତନ୍ତ୍ରତା ଆଧାରିତ ଆକଳନ ସହିତ ଜାତୀୟ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ଏନଏସ୍ୟୁଇଇ), ଆଧାରରେ କାର୍ଯ୍ୟକ୍ରମଗୁଡ଼ିକରେ ନାମ ଲେଖାଯିବ । ନାମଲେଖା ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଅଫ୍‌ଲାଇନରେ ପ୍ରବେଶିକା ପରୀକ୍ଷା, ଶାରୀରିକ ଫିଟନେସ୍ ଟେଷ୍ଟ ଇତ୍ୟାଦି ପରିଚାଳନା କରାଯିବ ।

**ନାମଲେଖା ସବିଶେଷ ନିମନ୍ତେ ଯଥା: ଯୋଗ୍ୟତା ପରିମାପକ, ପ୍ରସ୍ପେକ୍ଟସ୍, କିପରି ଆବେଦନ କରିବାକୁ ହେବ, ଦେୟ, ପୈଠ ସବିଶେଷ, ପରୀକ୍ଷା କେନ୍ଦ୍ର, ନାମଲେଖା ଅଧିସୂଚନା ଇତ୍ୟାଦି ନିମନ୍ତେ ବିଶ୍ୱବିଦ୍ୟାଳୟର ୱେବସାଇଟ୍: www.nsu.ac.in ପରିଦର୍ଶନ କରନ୍ତୁ ।**

ଯେଉଁ ପ୍ରାର୍ଥୀମାନେ ପରୀକ୍ଷା ଫଳାଫଳ ଅପେକ୍ଷାରେ ଅଛନ୍ତି, ସେମାନେ ମଧ୍ୟ ଆବେଦନ କରିପାରିବେ । ଅଧିକନ୍ତୁ ନାମଲେଖା ତାରିଖରେ ଯୋଗ୍ୟ ପରିମାପକ ଉପସ୍ଥାପନ ଆଧାରରେ ନାମଲେଖା ହୋଇପାରିବ ।

**ଅନ୍‌ଲାଇନ ଆବେଦନ ଫର୍ମର ପଞ୍ଜିକରଣ ଓ ଦାଖଲ ୨୫ ମେ' ୨୦୨୬ରୁ ୨୫ ଜୁନ୍, ୨୦୨୬ ପର୍ଯ୍ୟନ୍ତ www.nsu.ac.in ଜରିଆରେ କରନ୍ତୁ ।**

**ଅନ୍ୟ ଘୋଷଣା ଓ ପରିବର୍ତ୍ତନ ସମ୍ପର୍କିତ ସଦ୍ୟତନ ସୂଚନା ନିମନ୍ତେ ୟୁନିଭରସିଟି ୱେବସାଇଟର ନିୟମିତ ଯାଞ୍ଚ ପ୍ରାର୍ଥୀମାନେ କରାଇନେବା ଆବଶ୍ୟକ ।**

cbc 47116/11/0001/2627 ସ୍ୱା/ ରେଜିଷ୍ଟ୍ରାର

# ଜୀବନକୁ ବାଛନ୍ତୁ: ମୃତ୍ୟୁକୁ ନୁହେଁ: ବିଶ୍ୱ ତମାଖୁ ବର୍ଜନ ଦିବସର ଆହ୍ୱାନ




ପୁରୀ, ୩୧/୫(ନିପ୍ର): ନିୟମ କାନୁନ, ସରକାର କି' ପ୍ରଶାସନର ସଚେତନତା ବାର୍ତ୍ତାକୁ ଅପେକ୍ଷା ନକରି, ପ୍ରତିଟି ମଣିଷ ପ୍ରଥମେ ନିଜ ପରିବାରକୁ ତମାଖୁମୁକ୍ତ କରିବାର ସଂକଳ୍ପ ନେଇ ଏକ ସୁସ୍ଥ ସମାଜ ତଥା କର୍କଟ ମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅକ୍ଷୟ କୁମାର ଶତପଥୀ। ମିଶନ ଓଡ଼ିଶା, ମାଇଁ ଭାରତ, ଜିଲ୍ଲା ତମାଖୁ ନିୟନ୍ତ୍ରଣ ଯୋଜନା ଓ କଳିଙ୍ଗ ବୈଶ୍ୟ ସଂଘର ମିଳିତ ସହଯୋଗରେ ସମାଜସେବୀ ଡକ୍ଟର ବଦ୍ରି ମିଶ୍ରଙ୍କ ଅଧକ୍ଷତା ଓ ସଂପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଦୋଳମଣ୍ଡପ ସାହି ପେଣ୍ଠଘର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବିଶ୍ୱ ତମାଖୁ ବର୍ଜନ ଦିବସ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୂଚନା ଓ ଲୋକସମ୍ପର୍କର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ ଯେ ଅର୍ଥ ଦେଇ ମୃତ୍ୟୁ କିଣୁଥିବା ମଣିଷ ଜାଣିନି ଯେ ତମାଖୁ ସେବନ ହୁଏତ ତାଙ୍କୁ ମୃତ୍ୟୁ ଦେଇପାରେ। ତେଣୁ ନିଜ ମୂଲ୍ୟବାନ ଜୀବନକୁ ନିଜ ପରିବାରର ସୁଖ ପାଇଁ ସୁରକ୍ଷିତ ରଖିବାକୁ ତମାଖୁ ତେଜ୍ୟ କରିବାକୁ ସେ ଅନୁରୋଧ କରିଥିଲେ। ଏଥିରେ ପୁରୀ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଡାକ୍ତର ସଂଜୁ ଦାସ କହିଥିଲେ ଯେ ତମାଖୁ ସେବନର ଅପକାରିତା ସଂପର୍କ ରେ ଶିଶୁ-କିଶୋରଙ୍କୁ ସଚେତନ କରିବା ଏବେ ବଡ଼ ଆବଶ୍ୟକତା। ଏଥିରେ ସମ୍ମାନିତ ଅତିଥି ଭାବେ ଡାକ୍ତର ଦେବ ଦାଶ ଓ ଡାକ୍ତର ଭବାନୀ ମହାପାତ୍ର, ତମାଖୁ ସେବନର ଭୟାବହତା ଉପରେ ବକ୍ତବ୍ୟ ରଖିଥିବା ବେଳେ, ଜାତୀୟ ତମାଖୁ ନିୟନ୍ତ୍ରଣ ଯୋଜନାର ପରାମର୍ଶଦାତା ଅନୀତା ଦାସ ତମାଖୁ ନିୟନ୍ତ୍ରଣ ସମ୍ପର୍କରେ ତଥ୍ୟ ପ୍ରଦାନ ସହ ତମାଖୁ ମୁକ୍ତ ଓଡ଼ିଶା ପାଇଁ ଯୁବଗୋଷ୍ଠୀଙ୍କୁ ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମଧୁସୂଦନ ମିଶ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏମସିଏଲ୍ ସ୍ୱାକ୍ଷର କଲା ୩.୯୩ କୋଟି ଟଙ୍କା

ଅନୁଗୁଳ, ୩୧/୫ (ନିପ୍ର): ଏମସିଏଲ ପକ୍ଷରୁ ସିଏସଆର କାର୍ଯ୍ୟକ୍ରମ ଅଧୀନରେ, ଅନୁଗୁଳ ଜିଲ୍ଲାର ବିଭିନ୍ନ ସାମୁଦାୟିକ ବିକାଶ ଏବଂ ଭିତିଭୂମି ପ୍ରକଳ୍ପର ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ ସହ ୩ଟି ବୁଝାମଣା ପତ୍ର ସ୍ୱାକ୍ଷର କରିଛି । ଏହି ସମସ୍ତ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଅନୁଗୁଳ ଜିଲ୍ଲାର ସ୍ଥାନୀୟ ଜନସାଧାରଣଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା, ନାଗରିକ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବା । ପ୍ରଥମ ବୁଝାମଣା ପତ୍ର ଅନୁଯାୟୀ, ଅନୁଗୁଳ ଜିଲ୍ଲାର ଟାଇଁସି, ବନ୍ତଳା ଏବଂ ବାଗେଡିଆ ଗ୍ରାମରେ ଉପଯୁକ୍ତ ସୁଗନ୍ଧିତ ଫସଲ କ୍ଲଷ୍ଟର ଗଠନ ପାଇଁ ଏମସିଏଲ୍ ୩୧.୫୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ। ଏହାଦ୍ୱାରା ଏଫପିଓ ଅଧୀନରେ ପଞ୍ଜୀକୃତ ହୋଇଥିବା ପ୍ରାୟ ୨,୨୦୦ ଚାଷୀ ଉପକୃତ ହେବେ। ଏହି ପ୍ରକଳ୍ପରେ ସୁଗନ୍ଧିତ ଫସଲ ଚାଷକୁ ପ୍ରୋତ୍ସାହନ, ଅର୍କ ବା ପାତନ ୟୁନିଟ୍ ପ୍ରତିଷ୍ଠା, ଦକ୍ଷତା ବିକାଶ, ମହିଳାମାନଙ୍କ ନେତୃତ୍ୱରେ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଏବଂ ସ୍ଥାୟୀ କୃଷି ପ୍ରଣାଳୀର ଗ୍ରହଣ ଆଦି ସାମିଲ ରହିଛି । ଅନ୍ୟ ଦୁଇଟି ବୁଝାମଣା ପତ୍ର ଜିଲ୍ଲାର ଭିତ୍ତିଭୂମିର ଉନ୍ନତି ପାଇଁ କରାଯାଇଥିବା ବେଳେ ଏମସିଏଲ୍ ଅନୁଗୁଳର ଧଉରାଗୋଠ ଗ୍ରାମରେ ରାସ୍ତା ନିର୍ମାଣ ଏବଂ କ୍ରସ୍-ଡ୍ରେନେଜ୍ କାର୍ଯ୍ୟ ପାଇଁ ୨.୬୧ କୋଟି ଟଙ୍କା ପ୍ରଦାନ କରିବ, ଯାହାଦ୍ୱାରା ସାମାଜିକ ସ୍ତରରେ ପଛୁଆ ବର୍ଗର ୧୦୯ଟି ପୁନର୍ବାସିତ ପରିବାର ଉତ୍ତମ ଯୋଗାଯୋଗ ଏବଂ ନାଗରିକ ସୁବିଧା ପାଇ ଉପକୃତ ହୋଇପାରିବେ।

## ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଜଣେ ଗୁରୁତର

ଭବାନୀପାଟଣା, ୩୧/୫(ନିପ୍ର): ଭବାନୀପାଟଣା ସହରର ଶ୍ରୀକୃଷ୍ଣ ନଗର ନିକଟସ୍ଥ ଜାତୀୟ ପଥ-୨୬ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସୂଚନା ଅନୁସାରେ, ଓଡି-୦୮ ଆର-୮୬୮୫ ଏବଂ ଓଡି-୦୮ ଏକ୍ସ-୦୮୫୦ ନମ୍ବର ବିଶିଷ୍ଟ ଦୁଇଟି ବାଇକ ମଧ୍ୟରେ ଜୋରଦାର ଧକ୍କା ଘଟିଥିଲା। ଧକ୍କାର ପ୍ରଭାବ ଏତେ ଭୟଙ୍କର ଥିଲା ଯେ ଜଣେ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଥିଲେ। ଗୁରୁତର ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସେ ଗୁରୁତର ଅବସ୍ଥାରେ ରହିଥିବା ସହ ଜୀବନ ଓ ମୃତ୍ୟୁ ମଧ୍ୟରେ ସଂଘର୍ଷ କରୁଛନ୍ତି ବୋଲି ଡାକ୍ତରମାନେ ସୂଚନା ଦେଇଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ସହଯୋଗ କରି ଆହତଙ୍କୁ ହସ୍ପିଟାଲକୁ ପଠାଇଥିଲେ। ଏହି ଦୁର୍ଘଟଣା ଫଳରେ କିଛି ସମୟ ପର୍ଯ୍ୟନ୍ତ ଜାତୀୟ ପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

## ଅଭିଷେକଙ୍କ ପରେ କଲ୍ୟାଣଙ୍କ ଉପରେ ଆକ୍ରମଣ



କୋଲକାତା,୩୧।୫: ହୁଗୁଲି ସ୍ଥିତ ଚଣ୍ଡିତଲା ପୋଲିସ ଥାନା ସାମ୍ନାରେ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀଙ୍କ ଉପରେ ଆକ୍ରମଣ ହେଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଟିଏମସି ସାଂସଦ କହିଛନ୍ତି, ବିଜେପି କର୍ମୀ ତାଙ୍କ ଉପରେ ଆକ୍ରମଣ କରିଛନ୍ତି । ତାଙ୍କ ମୁଣ୍ଡକୁ ପଥର କିମ୍ବା ବଲ୍ ଭଳି ଜିନିଷରେ ମରାଯାଇଛି । ଆକ୍ରମଣ ଘଟଣାକୁ ନେଇ ବିଜେପି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି, ବିଜେପି କହିଛି ଯେ, ସେ ଆହତ ହୋଇନାହାନ୍ତି, କେବଳ ଡ୍ରାମା କରୁଛନ୍ତି। ସୂଚନାଯୋଗ୍ୟ ଯେ,ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ ଟିଏମସି ନେତା ଗିରଫଦାରି ହେତୁ କାର୍ଯ୍ୟକର୍ତ୍ତାଙ୍କୁ ଛାଡ଼ିବାକୁ ନେଇ ଚଣ୍ଡିତଲା ଥାନା ପହଞ୍ଚିଥିଲେ । ଏହି ସମୟରେ ଟିଏମସି ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ନାରାବାଜି ହୋଇଥିଲା । ବିଜେପି କର୍ମୀ ଟିଏମ୍‌ସି ସମର୍ଥକଙ୍କୁ ଦେଖି ଚୋର ଚୋର ବୋଲି ନାରା ଲଗାଇଥିଲେ।ଏହି ସମୟରେ ପଥର ମାଡ଼ ହୋଇଥିଲା।ଫଳରେ କଲ୍ୟାଣ ବାନାର୍ଜୀ ଆହତ ହୋଇଥିଲେ । ଟିଏମସି କର୍ମୀମାନେ ଗିରଫଦାରି ନେଇ ପ୍ରତିବାଦ କରିବା ବେଳେ ଆକ୍ରମଣ ଘଟିଥିଲା ବୋଲି କୁହାଯାଉଛି। ପୂର୍ବଦିନ ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କ ଉପରେ ଅଣ୍ଡା ଓ ଟେକାମାଡ଼ ହୋଇଥିଲା।

## ବିଜେଡି ଛାଡି କଂଗ୍ରେସକୁ ଫେରିଲେ ପ୍ରିୟବ୍ରତ

ପିପିଲି,୩୧।୫(ନିପ୍ର)ସ୍ୱର୍ଗତ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ପୁତ୍ର ତଥା ଖାଦ୍ୟ ଖାଉଟି କମିଶନଙ୍କ ପୂର୍ବତନ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ନିଜ ନିର୍ବାଚନ ମଣ୍ଡଳୀରେ ମହା ମିଶ୍ରଣ ପର୍ବ କରି କଂଗ୍ରେସକୁ ଘର ବାହୁଡ଼ା କରିଛନ୍ତି। କର୍ମକର୍ତ୍ତାଙ୍କୁ ଏକତ୍ର କରି ନିଜର ପାୱାର ଶୋ କରିଥିଲେ । ଉତ୍ତରା ଠାରୁ ଏଆଇସିସି ଓଡ଼ିଶା ସହ ପ୍ରଭାରୀ ଜେଟି କୁସୁମ୍ କୁମାର, ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଓ ପୂର୍ବତନ ବିଧାୟକ ସୁରେଶ ରାଉତରାୟଙ୍କ ସହ ଅନ୍ୟ ନେତୃତ୍ୱଙ୍କ ବାଇକ୍ ରାଲି କରି ଇନ୍ଦିରା ଗାନ୍ଧୀ ମଇଦାନର ସଭା ମଞ୍ଚ ଯାଏଁ ପାଛୋଟି ଆଣିଥିଲେ ପ୍ରିୟବ୍ରତ ଏବଂ କଂଗ୍ରେସ ସମର୍ଥକ । ସଭାପତି ଭକ୍ତ ଦାସ କହିଛନ୍ତି ଯେ, ପିପିଲି - ଡେଲାଙ୍ଗ ନିର୍ବାଚନ ମଣ୍ଡଳୀର ଆଜିଠାରୁ ଆମ ଯୁବ ଚେହେରା ପ୍ରିୟବ୍ରତ ସାମନ୍ତରାୟ ନେତା ହୋଇ ଲୋକ ଏବଂ କର୍ମୀ ସହ ଠିଆ ହେବେ ।

## ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ହେଉ: ରାଜ୍ୟପାଳ

ଭୁବନେଶ୍ୱର,୩୧।୫(ନିପ୍ର): ଭାରତୀୟ ମୂଲ୍ୟବୋଧକୁ ଭିତ୍ତିକରି ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବିଶ୍ୱବିଦ୍ୟାଳୟ ଗଠନ ପାଇଁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ରବିବାର ଦିନ ଲୋକଭବନଠାରେ ଆୟୋଜିତ ଦୁଇଦିନିଆ କୁଳପତି ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି । ଏଥି ସହିତ ବିଶ୍ୱବିଦ୍ୟାଳୟଗୁଡିକୁ ସାମାଜିକ ଦାୟିତ୍ୱବାନ ଏବଂ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ପ୍ରତିଷ୍ଠାନରେ ପରିଣତ କରିବାକୁ ଗୁରୁତ୍ୱାରୋପ କରିଛନ୍ତି । ନ୍ୟୁ ଅଭିଷେକ ହଲରେ ଆୟୋଜିତ ଏହି ଦୁଇଦିନିଆ କୁଳପତି ସମ୍ମିଳନୀରେ ରାଜ୍ୟର ସରକାରୀ ଏବଂ ଘରୋଇ ବିଶ୍ୱବିଦ୍ୟାଳୟର କୁଳପତିମାନେ ଯୋଗ ଦେଇଛନ୍ତି । ସମାବେଶକୁ ଓଡ଼ିଶାରେ ଉଚ୍ଚଶିକ୍ଷାର ଭବିଷ୍ୟତ ଗଠନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ପ୍ରୟାସ ବୋଲି ରାଜ୍ୟପାଳ ବର୍ଣ୍ଣନା କରିଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଓ ଅନ୍ୟ କେତେକ ମନ୍ତ୍ରୀ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଯୋଗ ଦେଇଛନ୍ତି । ଦ୍ରୁତ ବୈଷୟିକ ପ୍ରଗତି ଏବଂ ବିଭିନ୍ନ ଆହ୍ୱାନ ମଧ୍ୟରେ ବିଶ୍ୱ ଅଭୂତପୂର୍ବ ପରିବର୍ତ୍ତନ ଦେଇ ଗତି କରୁଥିବା ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀମାନଙ୍କୁ ଆବଶ୍ୟକୀୟ ଜ୍ଞାନ, ଦକ୍ଷତା ଏବଂ ମୂଲ୍ୟବୋଧ ସହିତ ଏକ ଜଟିଳ ଭବିଷ୍ୟତକୁ ସମ୍ମୁଖୀନ କରିବା ପାଇଁ ଗଢ଼ି ତୋଳିବା ଉଚିତ।

## କୁଶଭଦ୍ରା ନଦୀକୁ ଚିରସ୍ରୋତା ପାଇଁ ଚିନ୍ତନ

**ନିମାପଡ଼ା, ୩୧।୫(ନିପ୍ର):** ମହାନଦୀ ବଂଚାଅ ଆନ୍ଦୋଳନର ଚିନ୍ତନ ବୈଠକରେ ନିମାପଡ଼ାର ଅନ୍ୟତମ ସଂଗଠନ କୁଶଭଦ୍ରା ବଂଚାଅ ଅଭିଯାନ ଆବାହକ ଆଦର୍ଶ ଦାଶ, ଉପଦେଷ୍ଟା ଅଜୟ ମିଶ୍ର ପ୍ରମୁଖ ଯୋଗ ଦେଇ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ରାଜ୍ୟ ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଦେଶର ଜଳ ମାନବ ଆଖ୍ୟା ପାଇଥିବା ଡକ୍ଟର ରାଜେନ୍ଦ୍ର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡ୍ୟାମ୍ ନିର୍ମାଣ, ନଦୀକୁ ଚିରସ୍ରୋତା କରିବା ସଂଗେ ସଂଗେ କୁଶଭଦ୍ରା ନଦୀର ପୁନରୁଦ୍ଧାର ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ‘ମନ କି ବାତ୍’ ଶୁଣିଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳ ସଦସ୍ୟ ଏବଂ ବିଶ୍ୱବିଦ୍ୟାଳୟ କୁଳପତି



ଭୁବନେଶ୍ୱର, ୩୧/୫(ନିପ୍ର): ରବିବାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ବିଭିନ୍ନ ବିଭାଗର ମନ୍ତ୍ରୀ, ରାଜ୍ୟର ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟରେ କୁଳପତିମାନେ ଲୋକ ଭବନର ନ୍ୟୁଅଭିଷେକ ହଲରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ' କାର୍ଯ୍ୟକ୍ରମ ଶୁଣିଛନ୍ତି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ତଥା ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଓଡିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଏବଂ ଶିକ୍ଷାବିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସାପ କବଳରେ ଦୁଇ ଘଣ୍ଟା

ବୌଦ୍ଧ,୩୧।୫: ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକର ଜଣେ ପକ୍ଷାଘାତ ରୋଗୀ ଏକ ଭୟଙ୍କର ପରିସ୍ଥିତିରୁ ବର୍ତ୍ତିଛନ୍ତି। ଏକ ବିଷାକ୍ତ ସାପ ତାଙ୍କ ହାତକୁ ଗୁଡ଼ାଇ ରଖି ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଏକ ଚେୟାରରେ ବାନ୍ଧି ରଖିଥିଲା।ଶନିବାର ବିଳମ୍ବିତ ରାତିରେ ଆଡେଣିଗଡା ଗାଁରେ ଏହି ଘଟଣା ଘଟିଛି। ପକ୍ଷାଘାତ ରୋଗୀ କୃଷ୍ଣ ଚନ୍ଦ୍ର ସାହୁ ତାଙ୍କ ଘରେ ଝରକା ଖୋଲା ରଖି ଶୋଇଥିଲେ। ଏକ ବିଷାକ୍ତ ସାପ ଝରକା ଦେଇ ପ୍ରବେଶ କରି ତାଙ୍କ ଶରୀର ଉପରେ ଚଢ଼ିଯାଇଥିଲା। ପରିଶେଷରେ, ସତର୍କତାର ସହ ଚେଷ୍ଟା କରି, ପରିବାର ଲୋକେ ତାଙ୍କୁ ସାପ କବଳରୁ ମୁକ୍ତ କରିବାରେ ସଫଳ ହୋଇଥିଲେ।

## ଅବକାରୀ ଚଢ଼ାଉ ବେଳେ ବିଦେଶୀ ମଦ ଜବତ

କୁଚିଣ୍ଡା,୩୧/୫(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତର ସୋଲବଗା ଗ୍ରାମରେ ଶନିବାର ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୯.୪୮୫ ଲିଟର ବେଆଇନ ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଗୋବିନ୍ଦପୁର ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇ ଘଟଣାରେ ଜଡ଼ିତ ସୋଲବଗା ଗ୍ରାମର ଲିଲି ନାଏକଙ୍କୁ ଗିରଫ ସହ କୁଚିଣ୍ଡା ଏସଡ଼ିଜେଏମ୍ କୋର୍ଟକୁ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, କେଶାଇବାହାଲ ପଞ୍ଚାୟତ ସୋଲବଗା ଗ୍ରାମରେ ଅବୈଧ ମଦ ବିକ୍ରି ନେଇ ସ୍ଥାନୀୟ ମହିଳା ସଂଘ ପକ୍ଷରୁ ଅବକାରୀ ବିଭାଗକୁ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଅବକାରୀ ବିଭାଗ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।

## ଭୁବନେଶ୍ୱରରେ ଏବିଭିପିର ତିନିଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ

ଭୁବନେଶ୍ୱର, ୩୧/୫(ନିପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ୨୯ରୁ ୩୧ ମେ ପର୍ଯ୍ୟନ୍ତ ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ଭୂମି ଭୁବନେଶ୍ୱରରେ ସମ୍ପନ୍ନ ହୋଇଛି। ଦେଶର ୪୬ଟି ପ୍ରାନ୍ତରୁ ୪୦୦ରୁ ଅଧିକ ପ୍ରତିନିଧି କାର୍ଯ୍ୟକର୍ତ୍ତା ଏହି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକରେ ଅଂଶଗ୍ରହଣ କରିଥିଲେ। ବୈଠକରେ ‘ଶିକ୍ଷା ସଂସ୍କାରକୁ ଫଳପ୍ରଦ କରିବା ପାଇଁ ଭୂମିସ୍ତରରେ ପ୍ରଭାବୀ କାର୍ଯ୍ୟାନ୍ୱୟନ ଆବଶ୍ୟକ’, ‘ସଶସ୍ତ୍ର ମାଓବାଦର ଅବସାନ କାଳରେ ସହରୀ ମାଓବାଦ ଏକ ଗମ୍ଭୀର ସମସ୍ୟା’, ‘ସଂଗଠିତ ଅପରାଧୀ ଓ ଜିହାଦୀ ମାନସିକତା ଦ୍ୱାରା ମହିଳାଙ୍କ ଶୋଷଣ ଓ ଧର୍ମାନ୍ତରଣ ଉପରେ ଲଗାମ’ ଏବଂ ‘ବୈଶ୍ୱିକ ଅନିଶ୍ଚିତତାର ସମୟରେ ସଂଯମ ଓ ସଜାଗତାର ସାମୂହିକ ରାଷ୍ଟ୍ରୀୟ ସଂକଳ୍ପ ସମୟର ଆବଶ୍ୟକତା’ ବିଷୟକ ଚାରିଟି ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି।

## ୫୪ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ

ଝାରସୁଗୁଡା, ୩୧/୫(ନିପ୍ର): ଝାରସୁଗୁଡା ଜିଲ୍ଲାର ଲଇକେରା ବ୍ଲକରେ ଗ୍ରାମୀଣ ଯାତାୟାତ ବ୍ୟବସ୍ଥାର ଉନ୍ନତି ଓ ଆଞ୍ଚଳିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ରବିବାର ୫୪ କୋଟି ଟଙ୍କାରୁ ଅଧିକ ବ୍ୟୟରେ ୫ଟି ପ୍ରମୁଖ ସଡ଼କ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଛି। ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ କରିଥିଲେ।କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସତ୍ୟବାନ ପଟେଲ, ସହକାରୀ ଯନ୍ତ୍ରୀ ବନମାଳୀ ନାଏକ ଓ ବିଭିନ୍ନ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଯୋଜନାରେ ଅନୁମୋଦିତ ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ଅଞ୍ଚଳର ସଡ଼କ ସଂଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ସ୍ଥାନୀୟ ବ୍ୟବସାୟ ଓ ଅର୍ଥନୈତିକ ବିକାଶକୁ ମଧ୍ୟ ନୂତନ ଗତି ମିଳିବ ବୋଲି ମତ ପ୍ରକାଶ ପାଇଛି। ମଞ୍ଜୁର ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ତିଳେଇମାଲ-ପାକେଲପଡ଼ା ୪.୩ କିଲୋମିଟର ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ ପାଇଁ ୯.୯୫ କୋଟି ଟଙ୍କା, ଗମ୍ଭାରୀଗୁଡ଼ା-ସାନ୍ଧୁରଜାମ ୩.୭୮୮ କିଲୋମିଟର ରାସ୍ତା ପାଇଁ ୮.୫୩ କୋଟି ଟଙ୍କା, ହୁଡୁକୁଡିହି-ନାଏକକର୍ଲା ୪.୪୩ କିଲୋମିଟର ରାସ୍ତାର ଉନ୍ନତି ପାଇଁ ୭.୩୬ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ନନ୍ଦମୁଣ୍ଡା-ତିଳେଇମାଲ ୭.୬୧ କିଲୋମିଟର ରାସ୍ତାର ଉନ୍ନତିକରଣ ପାଇଁ ୧୩.୯୦ କୋଟି ଟଙ୍କା ଏବଂ ପାକେଲପଡ଼ା-ଖଉରଖେମନ ୮ କିଲୋମିଟର ରାସ୍ତାର ସମ୍ପ୍ରସାରଣ ଓ ବିକାଶ ପାଇଁ ସର୍ବାଧିକ ୧୪.୯୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

# ସୁସ୍ଥ ଭାରତ ପାଇଁ ତମାଖୁମୁକ୍ତ ଜୀବନଶୈଳୀ ଆବଶ୍ୟକ



ଭୁବନେଶ୍ୱର, ୩୧।୫(ପିଆଇବି): ବିଶ୍ୱ ତମାଖୁ ବର୍ଜନ ଦିବସ ୨୦୨୬ ଅବସରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱର ପକ୍ଷରୁ ଜେନେସିସ ହିଲିଂ ସେଣ୍ଟର, ଭୁବନେଶ୍ୱରଠାରେ ତମାଖୁ ସେବନର କୁପ୍ରଭାବ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ତମାଖୁ ସେବନର ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ପରିବାର, ସମାଜ ଏବଂ ସମଗ୍ର ଦେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବିଶିଷ୍ଟ ଅର୍ଥନୀତିଜ୍ଞ ଡଃ ରମଣ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ଓ ବିକଶିତ ଭାରତ ଗଠନ ପାଇଁ ତମାଖୁମୁକ୍ତ ଜୀବନଶୈଳୀ ଅବଲମ୍ବନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶେଷକରି ଯୁବପିଢ଼ିଙ୍କୁ ତମାଖୁ ଠାରୁ ଦୂରେଇ ରହିବା ଏବଂ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ସେ ଆହ୍ୱାନ ଦେଇଥିଲେ। ଜେନେସିସ ହିଲିଂ ସେଣ୍ଟରର ପରିଚାଳନା ଟ୍ରଷ୍ଟି ଶ୍ରୀ ବିଶ୍ୱଜିତ ପଣ୍ଡା ଏବଂ ଟ୍ରଷ୍ଟି ଶ୍ରୀମତୀ ସୁସ୍ମିତା ପଣ୍ଡା ତମାଖୁ ଏବଂ ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କୁ ପରାମର୍ଶ ଏବଂ ପୁନର୍ବାସ ପ୍ରଦାନ କ୍ଷେତ୍ରରେ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ। ନିଶାମୁକ୍ତ ଜୀବନ ଗଠନରେ ସଚେତନତା, ପାରିବାରିକ ସହଯୋଗ ଏବଂ ଠିକ୍ ସମୟରେ ହସ୍ତକ୍ଷେପର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସିବିସି ଭୁବନେଶ୍ୱରର ବରିଷ୍ଠ କଳାକାରମାନଙ୍କ ଦ୍ୱାରା ପରିବେଷିତ ଏକ ସଚେତନତାମୂଳକ ନାଟକ। ଶ୍ରୀ ହିମାଂଶୁ ଶେଖର ନାୟକ, ଶ୍ରୀ ଅଭିଜିତ ଭୌମିକ, ଡ. ତାପସ ପଲ ଏବଂ ଶ୍ରୀ କୁଳମଣିସାହୁଙ୍କୁ ନେଇ ଗଠିତ ଏହି ସାଂସ୍କୃତିକ ଦଳ ତମାଖୁ ସେବନର କୁପ୍ରଭାବ ଏବଂ ଏହା ଦ୍ୱାରା ବ୍ୟକ୍ତି ଓ ପରିବାର ଉପରେ ପଡୁଥିବା ଭୟାବହ ପ୍ରଭାବକୁ ଅତ୍ୟନ୍ତ ଜୀବନ୍ତ ଭାବରେ ଉପସ୍ଥାପନ କରିଥିଲେ।

## ବିପୁଳ ପରିମାଣର ନିକୋଟିନ୍ ଓ ତମାଖୁ ଜାତୀୟ ସାମଗ୍ରୀ ଜବତ

ବୁଗୁଡ଼ା, ୩୧/୫(ନିପ୍ର): ବୁଗୁଡ଼ା ସହରରେ ତହସିଲଦାର ତାପସ ରାଉତଙ୍କ ନେତୃତ୍ୱରେ ସ୍ଥାନୀୟ ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ମିଳିତ ଚଢଉ କରାଯାଇ ବିପୁଳ ପରିମାଣର ବେଆଇନ ନିକୋଟିନ୍ ଏବଂ ତମାଖୁ ମିଶ୍ରିତ ଦ୍ରବ୍ୟ ଜବତ କରାଯାଇଛି। ବୁଗୁଡ଼ା ତହସିଲଦାର ଶ୍ରୀ ରାଉତ, ବୁଗୁଡ଼ା ଅତିରିକ୍ତ ତହସିଲଦାର ସୁନନ୍ଦ ଶେଖର ସାହାଣୀ, ବୁଗୁଡ଼ା ପୋଲିସ ଥାନା ଆଇଆଇସି ସିତାଂଶୁ ଶେଖର ମାନ୍ଧାତା ଓ ବୁଗୁଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ଦ୍ୱାରା ମିଳିତ ଚଢ଼ଉ କରାଯାଇ ସହରର ୫ଟି ପ୍ରମୁଖ ଦୋକାନରୁ ବେଆଇନ ଭାବେ ବିକ୍ରୟ କରୁଥିବା ପ୍ରାୟ ୧୯ ବ୍ୟାଗ୍ ଟୋବାକୋ ଓ ନିକୋଟିନ୍ ମିଶ୍ରିତ ଗୁଟଖା, ତମାଖୁ ସାମଗ୍ରୀ ଜବତ କରାଯାଇଛି। ଯାହାର ସମୁଦାୟ ଓଜନ ୧୧୬.୨୨୦ କିଲୋଗ୍ରାମ ବୋଲି ଜଣାପଡ଼ିଛି।

## ଆର୍ଥିକ ସମ୍ଭାବନାକୁ ନୂତନ ଗତି ଦେବ ରାୟଗଡ଼ା ରେଳ ମଣ୍ଡଳ



ରାୟଗଡ଼ା, ୩୧/୫(ପିଆଇବି): ରାୟଗଡ଼ା ଏହି ଅଞ୍ଚଳରେ ରେଳ ସଂଯୋଗୀକରଣର ମୁଖ୍ୟ କେନ୍ଦ୍ର ପାଲଟିବାକୁ ଯାଉଛି। ୦୧.୦୬.୨୦୨୬ରୁ ଏହା କାର୍ଯ୍ୟକ୍ଷମ ହେବ ସହିତ ନୂତନ କାର୍ଗୋ ଟର୍ମିନାଲ ଓ ପ୍ରାୟ ୨୦,୦୦୦ କୋଟି ଟଙ୍କାର ପ୍ରକଳ୍ପ ଯୋଜନା ଏହି ଆଦିବାସୀ ଅଞ୍ଚଳକୁ ଏକ ଶିଳ୍ପ ଓ ବାଣିଜ୍ୟ କେନ୍ଦ୍ରରେ ପରିଣତ କରିବାର ମାର୍ଗ ପ୍ରସ୍ତୁତ କରୁଛି। ଦଶନ୍ଧି ଦଶନ୍ଧି ଧରି, ଦକ୍ଷିଣ ଓଡ଼ିଶାର ସବୁଜ ପାହାଡ଼ ଏବଂ ଖଣିଜ ସମ୍ପଦରେ ଭରପୂର ଉପତ୍ୟକାଗୁଡ଼ିକ ଭାରତର ଅର୍ଥନୈତିକ ମାନଚିତ୍ରର ପାର୍ଶ୍ୱରେ ରହିଆସିଛି। ପୂର୍ବତଟ ରେଳପଥ ଅଧୀନରେ ନୂତନ ରାୟଗଡ଼ା ରେଳ ମଣ୍ଡଳ ଗଠନ ଏକ ଐତିହାସିକ ପ୍ରଶାସନିକ ମାଇଲଖୁଣ୍ଟ, ଯାହା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ବାଣିଜ୍ୟ, ଶିଳ୍ପ ଏବଂ ସୁଯୋଗର ଏକ ଜୀବନ୍ତ କେନ୍ଦ୍ରରେ ପରିଣତ କରିବ। ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେଉଛି ରାୟଗଡ଼ାଠାରେ ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ଅବସ୍ଥାପିତ କରିବା । ଏହା ଦ୍ୱାରା ରାଜ୍ୟ ସରକାରଙ୍କ ଅଧିକାରୀ, ଜିଲ୍ଲାପାଳ, ଶିଳ୍ପସଂସ୍ଥା ଏବଂ ଆଦିବାସୀ ସମ୍ପ୍ରଦାୟ ସହିତ ସମନ୍ୱୟ ରକ୍ଷା କରିବା ଅଧିକ ଦ୍ରୁତ, ସହଜ ଓ ସ୍ୱଚ୍ଛନ୍ଦ ହେବ। ପଶ୍ଚିମ ଓଡ଼ିଶା ପାଇଁ ସମ୍ବଲପୁର ଯାହା, ଦକ୍ଷିଣ ପାଇଁ ରାୟଗଡ଼ା ସେୟା ହେବ, ଏହା ଦକ୍ଷିଣ ଓଡ଼ିଶାର ରେଳ ବିକାଶର ସ୍ନାୟୁ କେନ୍ଦ୍ର ପାଲଟିବ। ନୂତନ ଡିଭିଜନ ମାଧ୍ୟମରେ ପ୍ରାୟ ୬୦୦ରୁ ଅଧିକ ଅଧିକାରୀ ଓ ରେଳ କର୍ମଚାରୀ ରାୟଗଡ଼ାରେ କାର୍ଯ୍ୟରତ ହେବେ। ସେମାନଙ୍କର ଉପସ୍ଥିତି ସ୍ଥାନୀୟ ଅର୍ଥନୀତିକୁ ବଡ଼ ଉତ୍ସାହ ଦେବ। ହୋଟେଲ, ବିଦ୍ୟାଳୟ, ହସ୍ପିଟାଲ, ଦୋକାନ ଓ ସେବା କ୍ଷେତ୍ରଗୁଡ଼ିକ ଏଥିରୁ ସିଧାସଳଖ ଲାଭାନ୍ୱିତ ହେବେ। ରେଳ କଲୋନୀ ଓ ପ୍ରଶାସନିକ କେନ୍ଦ୍ରଗୁଡ଼ିକ ସାଧାରଣତଃ ନଗର ବିକାଶର ମୂଳ ଆଧାର ହୋଇଥାଏ, ଏବଂ ରାୟଗଡ଼ା ମଧ୍ୟ ସେହି ପଥରେ ଅଗ୍ରସର ହେବାର ସମ୍ଭାବନା ରହିଛି। ଏହା ସହିତ ସ୍ଥାନୀୟ ଠିକାଦାର, ପରିବହନ ବ୍ୟବସାୟୀ ଓ ଅନ୍ୟାନ୍ୟ ସେବା ପ୍ରଦାନକାରୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ। ଅବ୍ୟବହୃତ ମାଲ ପରିବହନ ସମ୍ଭାବନାର ସଦ୍‌ବ୍ୟବହାର ଓ ରାୟଗଡ଼ା ଡିଭିଜନର ମାଲ ପରିବହନର ମୂଳ ଆଧାର ହିସାବରେ କିରଣ୍ଡୁଲ - ବଚେଲି ଖଣି କ୍ଷେତ୍ରରୁ ଲୁହାପଥର ପରିବହନ ଜାରି ରହିବ। ଆଗାମୀ ଦିନରେ ମୂଲ୍ୟ ସଂଯୋଜିତ ଶିଳ୍ପ ପଦାର୍ଥ ଯଥା ଲୁହା ଓ ଇସ୍ପାତ, ସ୍ଲାଗ୍, ଫ୍ଲାଏ ଆଶ୍, ରେଡ୍ ମଡ୍ ଆଦିର ପରିବହନ ଅଧିକ ବୃଦ୍ଧି ପାଇବ। ବକ୍ସାଇଟ୍ ମଧ୍ୟ ଏକ ପ୍ରମୁଖ ପଣ୍ୟ ଭାବେ ରହିବ ଏବଂ ପ୍ରାୟ ୨.୬୫ ମିଲିୟନ ଟନ୍ ଲୋଡିଂରେ ଅବଦାନ ରଖିବ। ଖାଦ୍ୟଶସ୍ୟ ପରିବହନ ମଧ୍ୟ ବୃଦ୍ଧି ପାଇବ, ବିଶେଷ କରି ଗଚ୍ଛିତ କ୍ରୟ ଓ ସାର୍ବଜନୀନ ବିତରଣ ବ୍ୟବସ୍ଥା ପାଇଁ। ମାଲକାନଗିରି ଓ ନବରଙ୍ଗପୁର ପରି ଜିଲ୍ଲାରେ ନୂତନ ରେଳ ସଂଯୋଗ ହେବା ପରେ ଏହି ପରିବହନ ଆହୁରି ବଢ଼ିବ।

## ମହାନଦୀକୁ ଡେଇଁ ପଡ଼ିଲେ ମହିଳା

ସୁବର୍ଣ୍ଣପୁର, ୩୧।୫(ନିପ୍ର): ରବିବାର ସୋନପୁର ମହାନଦୀ ବ୍ରିଜ ଉପରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୋନପୁର ସହର ମହାନଦୀ ପୋଲ ଉପରୁ ସ୍ୱାମୀ ଦେଖୁ ଦେଖୁ ତାଙ୍କ ସମ୍ମୁଖରେ ତଳକୁ ଡେଇଁ ପଡ଼ିଲେ ବିବାହିତା ମହିଳା। କୌଣସି କାମରେ ନିଜ ଗାଁ କଇଁଫୁଲରୁ ବାହାରି ଉଲୁଣ୍ଡା ପଟକୁ ସ୍ୱାମୀଙ୍କ ସହିତ ଯାଉଥିବାବେଳେ ମହାନଦୀ ପୋଲରେ ଅଟକି ସ୍ୱାମୀ ଚାହୁଁ ଚାହୁଁ ପୋଲରୁ ମହାନଦୀକୁ ଡେଇଁ ପଡ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ ମହିଳା। ସେ ଡେଇଁବା ପରେ ମହାନଦୀ ପାଣି ଉପରେ ପଡ଼ିବାରୁ ବାରବାର ବଂଚିଯାଇଥିବା ସେଠାରେ ଗାଧୋଉ ଥିବା ସ୍ଥାନୀୟ କିଛି ଯୁବକ କହିଛନ୍ତି। ସେ ଓହଳି ଯାଉଥିବାବେଳେ ପ୍ରଥମେ ସ୍ଥାନୀୟ ଯୁବକ ଏବଂ ପରେ ଘଟଣାସ୍ଥଳରୁ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯିବାରୁ ତୁରନ୍ତ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ସୁରକ୍ଷିତ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିବା ଅଗ୍ନିଶମ ଅଧିକାରୀ ଭବେନ୍ଦ୍ର ଦେ ସୂଚନା ଦେଇଛନ୍ତି। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୋଲିସ ଉପସ୍ଥିତିରେ ଚିକିତ୍ସା ଚାଲିଥିବାବେଳେ ତାଙ୍କ ଘର ଲୋକଙ୍କୁ ସୂଚନା ଦିଆଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ସମ୍ପୃକ୍ତ ମହିଳାଙ୍କ ଘର ବଲାଙ୍ଗୀର ପାଖ ଅଞ୍ଚଳର ହୋଇଥିବାବେଳେ ସେ ସୋନପୁର ସଦର ବ୍ଲକ କଇଁଫୁଲ ଗାଁରେ ବାହା ହୋଇଥିଲେ। ହେଲେ କେଉଁ କାରଣରୁ ସେ ଡେଇଁଲେ କାରଣ ଅସ୍ପଷ୍ଟ ଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି। ସେପଟେ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ତ୍ୱରିତ ପଦକ୍ଷେପକୁ ଜନସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

## ୩୩ ହଜାର ୧୯୯ ବୃଦ୍ଧବୃଦ୍ଧାଙ୍କୁ ଦୁଇ ମାସ ହେଲା ଭତ୍ତା ମିଳିନି

**କନ୍ଧମାଳ, ୩୧/୫(ନିପ୍ର):** ସରକାର ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧ ବୃଦ୍ଧାଙ୍କ ଜୀବନ ଶୈଳୀରେ ସୁଧାର ଆଣିବା ପାଇଁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି । ହେଲେ କେନ୍ଦ୍ର ସରକାର ଅର୍ଥ ଅନୁଦାନ ନଦେବା ଫଳରେ ଗତ ଦୁଇ ମାସ ହେଲାଣି କନ୍ଧମାଳ ଜିଲ୍ଲାର ୩୩ ହଜାର ୧୯୯ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି । ଏହି ଗରୀବ ହିତାଧିକାରୀମାନେ କେନ୍ଦ୍ରୀୟ ଯୋଜନାରେ ଭତ୍ତା ପାଉଥିଲେ । ଅନୁଦାନ ନ ମିଳିବାରୁ ଭତ୍ତା ମିଳୁନି ସେମାନଙ୍କୁ । କନ୍ଧମାଳ ଜିଲ୍ଲାରେ ମୋଟ୍ ୮୩ ହଜାର ୯୬୮ ଜଣ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି । ସେଥି ମଧ୍ୟରେ ୪୩ ହଜାର ୧୦୫ ଜଣ ବାର୍ଦ୍ଧକ୍ୟ ଭତ୍ତା, ୧୬ ହଜାର ୧୪୩ ଜଣ ବିଧବା ଭତ୍ତା, ୧୦ ହଜାର ୪୫୨ ଜଣ ଭିନ୍ନକ୍ଷମ ଭତ୍ତା ପାଉଥିବା ବେଳେ ୩ ହଜାର ୭୬୫ ଜଣ ଅବିବାହିତ ମହିଳା ଭତ୍ତା ପାଉଛନ୍ତି । ସେହିପରି ୮୦ ବର୍ଷରୁ ଉର୍ଦ୍ଧ୍ୱ ୨ ହଜାର ୯୭୦ ଜଣ ସ୍ୱତନ୍ତ୍ର ଭତ୍ତା ପାଉଛନ୍ତି ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ